# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ନଭେମ୍ବର ୧୧/୨୦୨୦ (୧୬ପୃଷ୍ଠା) | Sambalpur, Wednesday, November 11/2020 | ★★

୧୬ଶ ଭାଗ ୨୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-






Happy Dhanteras
GOLDEN DIWALI OFFER
Symbol of Trust
MAY THE SPARKLE OF DIWALI LIGHT UP YOUR LIFE
Celebrate Diwali with amazing collection, great offers and the latest model, only at Gupta Distributors
ଖୋଲିଲା ଖୁସିର ଭଣ୍ଡାର
ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ର ଅପୂର୍ବ ସମ୍ଭାର
ଏହି ପାର୍ବଣଋତୁ ରେ ଆପଣ ବି ପାଇପାରିବେ
ପ୍ରତ୍ୟେକ କ୍ରୟ ଉପରେ ସୁନିଶ୍ଚିତ ଉପହାର ସହିତ ଆପଣ ଜିତିପାରିବେ
NOW we are present at
Faridabad (DELHI-NCR)
PARADEEP & BARIPADA
Coming Soon
BALESWAR, ANGUL
BERHAMPUR, SAMBALPUR
KEONJHAR
20ଟି REFRIGERATOR WASHING MACHINE GEYSER ଉପହାର
"YES" FOR MASK
"NO" FOR CORONA
LAST 03 DAYS
Ends on 14th Nov.
THERE HAS NEVER BEEN A BETTER TIME TO SHOP.
BEST PRICE GUARANTEE
UPTO 22% CASH BACK + EXTRA 5% CASH BACK ON SBI CARD
upto 15000/- CASH BACK
1 EMI FREE
EMIର ଫାଇଦା ଉଠାନ୍ତୁ
ALL BRANDS OFFERS AVAILABLE ALONG WITH GUPTA'S OFFERS
LED TV EMI START ₹888/-
AIR-CONDITIONER EMI START ₹1999/-
REFRIGERATOR EMI START ₹1999/-
WASHING MACHINE EMI START ₹1299/-
GEYSER EMI START ₹799/-
MICROWAVE OVEN EMI START ₹799/-
GUPTA FURNITURE
UPTO.......... 60% OFF*
FURNITURE COMBO PRICE ₹56,990/-
This COMBO PRICE OFFERS can be BOOKED at ALL OVER OUR STORES
Available at (CDA) CUTTACK, KALAPATHAR, JAGATSINGHPUR, NIMAPADA, PARADEEP, NAYAGARH, BALUGAON & JAJPUR TOWN
Kelvinator
Ready for anything
1st ever single door refrigerator with water dispenser
UP TO ₹2,000 CASHBACK* SBI card
*Min. Txn.: ₹15,000; Max. Cashback: ₹2,000 per card account. Validity: 13 Oct - 15 Nov 2020. T&C Apply.
NOW ASK FOR Additional Warranty with Company Warranty
FINANCE ALSO AVAILABLE HERE
ALL CREDIT & DEBIT CARDS ACCEPTABLE
Odisha's most trusted Electronics, Home Appliances & Digital Products Dealer Since 1972
GUPTA DISTRIBUTORS
Symbol of Trust
No.1 Retail Chain Stores
LG SONY TCL Panasonic Kelvinator Godrej Whirlpool HITACHI VOLTAS BLUE STAR DAIKIN BAJAJ Carrier LLOYD IFB
ONEPLUS oppo vivo SAMSUNG mi realme hp DELL ASUS acer EPSON JBL Nikon Canon
KUTCHINA LUMINOUS CARE HAVELLS Haier BOSCH AO Smith MITSUBISHI ELECTRIC Butterfly EUREKA FORBES USHA STANDARD V-GUARD GLEN KENT
BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob-8144920830, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, DIGITAL STORE- Tinikonia Bagicha, Mob: 7008989313, CDA, Near Judicial Academy (Utkal Hyundai), Mob: 7008989312, PURI- VIP Road, Jhadeswari Chhack, Mob: 7008989310, JATNI- Near Axix bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, ODOGAON- Studio Chhack, Main Road, Mob: 9438076064, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, GUPTA FURNITURE PLAZA, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP– Dochaaki, Udaybata, Mob: 7008989316, BARIPADA – Near Roxy Cinema Hall, Mob: 7008989347
*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only/CASH BACK IS SUBJECT TO BANK T&C

ଧରିତ୍ରୀ
DHARITRI
ବୁଧବାର, ନଭେମ୍ବର ୧୧/୨୦୨୦ | Wednesday, November 11/2020 | ପୃଷ୍ଠା-୧



## ମାଳଦ୍ୱୀପରେ କ୍ୟାଟ୍ରିନା

ଅଭିନେତ୍ରୀ କ୍ୟାଟ୍ରିନା କୈଫ ଏବେ ମାଳଦ୍ୱୀପରେ ଛୁଟି କାଟୁଛନ୍ତି। ସେ ଫିଲ୍ମର ଶୁଟିଂ ପାଇଁ ସେଠାକୁ ଯାଇଛନ୍ତି।

୧୦ ୧୨

## ଆଲିଆ ପିସିବିର ପ୍ରଥମ ମହିଳା ନିର୍ଦ୍ଦେଶକ

ଆଲିଆ ଜାଫର ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ଦ୍ୱାରା ପ୍ରଥମ ମହିଳା ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି।



# ଡ୍ରାଇଭର ସିଟ୍‌ରେ ଭାଜପା

**ଏନ୍‌ଡିଏ ୧୨୪*** | **ମହାମେଣ୍ଟ ୧୧୧***

* ରାତି ୧୧ଟା ସୁଦ୍ଧା ବିଜୟୀ ଓ ଆଗୁଆ ସ୍ଥିତି

- ଆର୍‌ଜେଡି ୭୬, ଭାଜପା ୭୬, ଜେଡିୟୁ ୪୩
- ନୀତୀଶଙ୍କୁ ଡୁବାଇଲେ ଚିରାଗ
- ୧୬ ଆସନରେ ବାମପନ୍ଥୀ, ୧୯ରେ କଂଗ୍ରେସ




**ପାଟନା/ନୂଆଦିଲ୍ଲୀ,୧୦।୧୧**

ବିହାର ବିଧାନସଭା ନିର୍ବାଚନକୁ ନେଇ ଅଧିକାଂଶ ଏକ୍‌ଜିଟ୍ ପୋଲ୍‌ର ଭବିଷ୍ୟବାଣୀ ଭୁଲ୍ ପ୍ରମାଣିତ ହୋଇଛି। ଭୋଟ ଗଣତି ଚାଲିଥିବାବେଳେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ସ୍ପଷ୍ଟ ବହୁମତ ମିଳିବା ସମ୍ଭାବନା ଦେଖାଦେଇଛି। ଏହାସହ ଏନ୍‌ଡିଏ ପୁଣି ଥରେ ସରକାର ଗଠନ ଦିଗରେ ଅଗ୍ରସର ହୋଇଛି। ତେବେ ବିହାର ଭୋଟର ଏଥର ଡ୍ରାଇଭର ସିଟ୍‌ରେ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ)କୁ ନୁହେଁ, ବରଂ ଭାଜପାକୁ ବସାଇଛନ୍ତି। ଏହି ହିନ୍ଦୀ ଭାଷୀ ଉତ୍ତର ଭାରତୀୟ ରାଜ୍ୟର ୨୦୨୦ ଭୋଟ୍‌ରେ ସୁଶାସନ ବାବୁଙ୍କ 'ବ୍ରାଣ୍ଡ ନୀତୀଶ' କାମ କରିନାହିଁ। ୨୪୩ ଆସନ ☞ପୃଷ୍ଠା-୨

## ଶିବରାଜ୍ ସିଂ ସରକାର ସୁରକ୍ଷିତ

- ଉପନିର୍ବାଚନରେ ଭାଜପାର ବାଜିମାତ୍
- ୟୁପି, କର୍ଣ୍ଣାଟକ, ଗୁଜରାଟ ଓ ମଣିପୁରରେ ଜବରଦସ୍ତ ବିଜୟ

**ନୂଆଦିଲ୍ଲୀ,୧୦।୧୧**

୧୧ ରାଜ୍ୟର ୫୮ ଆସନ ଲାଗି ହୋଇଥିବା ଉପନିର୍ବାଚନରେ ଭାଜପାକୁ ବିପୁଳ ସଫଳତା ମିଳିଛି। ମଧ୍ୟପ୍ରଦେଶ (ଏମ୍‌ପି)ର ମୋଟ ୨୮ ଆସନରୁ ୧୯, ଗୁଜରାଟର ସମସ୍ତ ୮, ଉତ୍ତରପ୍ରଦେଶ(ୟୁପି)ର ୭ ଆସନରୁ ୬ ଆସନରେ ଭାଜପା ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି। ମଧ୍ୟପ୍ରଦେଶରେ ଉପନିର୍ବାଚନ ଫଳାଫଳକୁ ନେଇ ଚମକ ଦେଖିବାକୁ ମିଳିଛି। ଏଠାରେ ମୋଟ ୨୮ ଆସନରୁ ଭାଜପାକୁ ୧୯ ଆସନ ମିଳିଛି। କଂଗ୍ରେସ ୯ ଆସନରେ ବିଜୟଲାଭ କରିଛି। ବିଧାନସଭାରେ ଭାଜପାର ୧୦୭ ବିଧାୟକ ଥିବାବେଳେ ଦଳକୁ ଆଉ ମାତ୍ର ୮ ବିଧାୟକଙ୍କ ଆବଶ୍ୟକତା ରହିଥିଲା। ୨୨୯ ଆସନବିଶିଷ୍ଟ ରାଜ୍ୟ ବିଧାନସଭାରେ ସରକାରଙ୍କୁ ୧୧୫ ଆସନ ଜରୁରୀ। ଭାଜପା ଶିବିରକୁ ଆସି ପୂର୍ବତନ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଗୋଟି ଚାଳନାରେ ସଫଳ ହୋଇଛନ୍ତି। ଫଳାଫଳ ପରେ ଏବେ ମୁଖ୍ୟମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ ସରକାର ପ୍ରତି ଆଉ କୌଣସି ବିପଦ ☞ପୃଷ୍ଠା-୨

# ମୁମ୍ବାଇ ଇଣ୍ଡିଆନ୍ସ ଚାମ୍ପିୟନ


ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ ଅବସରରେ ରୋହିତ ଶର୍ମା।

**ଆଇପିଏଲ୍ ୨୦୨୦**

**ଦୁବାଇ, ୧୦।୧୧**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୩ତମ ସଂସ୍କରଣରେ ବାଜି ମାରିଛି ମୁମ୍ବାଇ ଇଣ୍ଡିଆନ୍ସ। ଉଭୟ ବୋଲିଂ ଓ ବ୍ୟାଟିଂରେ ଚମତ୍କାରିତା ଦେଖାଇ ଏହି ଦଳ ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୫ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୨୦ ଓଭରରେ ୭ ଉଇକେଟ ହରାଇ ୧୫୬ ରନ କରିଥିଲା। ୧୫୭ ରନର ବିଜୟ ଲକ୍ଷ୍ୟକୁ ମୁମ୍ବାଇ ୧୮.୪ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଟୁର୍ନାମେଣ୍ଟ ଇତିହାସରେ ସବୁଠାରୁ ସଫଳ ଦଳଭାବେ ମୁମ୍ବାଇ ଏହାକୁ ମିଶାଇ ମୋଟ ୫ ଥର ଚାମ୍ପିୟନ ହୋଇଛି। ପୂର୍ବରୁ ଦଳ ୨୦୧୩, ୨୦୧୫, ୨୦୧୭ ଓ ୨୦୧୯ରେ ଟାଇଟଲ ହାସଲ କରିଥିଲା। ଅନ୍ୟପକ୍ଷରେ ପୂର୍ବରୁ କେବେହେଲେ ଫାଇନାଲରେ ପ୍ରବେଶ କରି ନ ଥିବା ଦିଲ୍ଲୀ ରନର୍ସଅପରେ ସନ୍ତୁଷ୍ଟ ହୋଇଛି। କୋଭିଡ୍-୧୯ର କରାଳ କାୟା ମଧ୍ୟରେ ପ୍ରତିଯୋଗିତା ୟୁନାଇଟେଡ ଆରବ ଏମିରେଟ୍ସ(ୟୁଏଇ)ରେ ସଫଳତାର ସହ ଶେଷ ହୋଇଛି।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ମୁମ୍ବାଇ ଅଧିନାୟକ ରୋହିତ ଶର୍ମା। ପ୍ରଥମ ଓଭର ବୋଲିଂ କରିଥିବା ଟ୍ରେଣ୍ଟ ବୋଲ୍ଟ ପ୍ରଥମ ବଲ୍‌ରେ ମାର୍କସ ଷ୍ଟୋଇନିସଙ୍କୁ ଆଉଟ କରି ଦିଲ୍ଲୀକୁ ☞ପୃଷ୍ଠା-୧୨

# ବିଜେଡି ହାତରେ ବାଲେଶ୍ୱର, ତିର୍ତ୍ତୋଲ

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**




| ବାଲେଶ୍ୱର | ତିର୍ତ୍ତୋଲ |
|---|---|
| ବିଜେଡି- ୮୪,୦୯୭ | ବିଜେଡି- ୮୮,୩୧୦ |
| ଭାଜପା- ୭୦,୭୪୬ | ଭାଜପା- ୪୬,୬୦୭ |
| କଂଗ୍ରେସ- ୪,୯୮୩ | କଂଗ୍ରେସ- ୨୮,୭୭୮ |
| ନୋଟା- ୭୦୦ | ନୋଟା- ୭୮୬ |

ବାଲେଶ୍ୱର ଏବଂ ତିର୍ତ୍ତୋଲ ବିଧାନସଭା ଉପନିର୍ବାଚନରେ ବିଜେଡି ବାଜିମାତ୍ କରିଛି। ଉଭୟ ଆସନରେ ବିଜୟୀ ହୋଇ ଦଳ ନିଜର ପ୍ରତିପତ୍ତି ପୁଣି ଜାହିର କରିଛି। ବାଲେଶ୍ୱର ଆସନକୁ ବିଜେଡି ଭାଜପା ହାତରୁ ଛଡ଼ାଇ ଆଣିଛି। ଭାଜପାର ଅନୁକମ୍ପା ଭୋଟ ହାତେଇବାର ସବୁ ରଣନୀତି ଫେଲ୍ ମାରିଛି। ଅନ୍ୟପକ୍ଷରେ ତିର୍ତ୍ତୋଲ ଆସନରେ ବିଜେଡି ନିଜ ଆସନକୁ ସୁରକ୍ଷିତ ରଖିବାରେ ମଧ୍ୟ ସଫଳ ହୋଇଛି। ତିର୍ତ୍ତୋଲରେ ଭାଜପା ଦ୍ୱିତୀୟ ଆସନରେ ଥିବାବେଳେ କଂଗ୍ରେସ ଉଭୟ ଆସନରେ ତୃତୀୟ ସ୍ଥାନରେ ରହିଛି। ଏହି ଉପନିର୍ବାଚନରେ ବାଲେଶ୍ୱରରେ ବିଜେଡି ଏବଂ ଭାଜପା ମଧ୍ୟରେ କଡା ଟକ୍କର ହୋଇଥିବା ଦେଖିବାକୁ ମିଳିଛି। ଭାରତର ନିର୍ବାଚନ କମିଶନ(ଇସିଆଇ) କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସ ତାଙ୍କର ନିକଟତମ ଭାଜପା ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କୁ ୧୩,୩୫୧ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ସ୍ୱରୂପଙ୍କୁ ୮୪,୦୯୭ ଖଣ୍ଡ ଭୋଟ ମିଳିଥିବା ବେଳେ ମାନସଙ୍କୁ ୭୦,୭୪୬ ଖଣ୍ଡ ଭୋଟ ମିଳିଛି। ସେହିପରି ତୃତୀୟ ସ୍ଥାନରେ ରହିଥିବା କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁଙ୍କୁ ୪,୯୮୩ ଖଣ୍ଡ ଭୋଟ ମିଳିଥିବାବେଳେ ନୋଟାକୁ ୭୦୦ଖଣ୍ଡ ଭୋଟ ଯାଇଛି। ସେହିପରି ତିର୍ତ୍ତୋଲ ବିଧାନସଭା ଆସନରେପୂର୍ବତନ ବିଧାୟକ ☞ପୃଷ୍ଠା-୨




## ମାର୍ଚ୍ଚ ସୁଦ୍ଧା ବ୍ୟାଙ୍କ ଆକାଉଣ୍ଟ-ଆଧାର ଲିଙ୍କ୍

**ବ୍ୟାଙ୍କଗୁଡିକୁ ଅର୍ଥମନ୍ତ୍ରୀଙ୍କ ନିର୍ଦ୍ଦେଶ**

**ନୂଆଦିଲ୍ଲୀ,୧୦।୧୧**

ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ସବୁ ବ୍ୟାଙ୍କ ଆକାଉଣ୍ଟକୁ ଆଧାର ସହ ଲିଙ୍କ୍ କରାଯିବା ନେଇ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାଙ୍କଗୁଡିକ ଏ ନେଇ ନିଶ୍ଚିତ କରାଇବାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। କେନ୍ଦ୍ର ସରକାର ଆରମ୍ଭ କରିଥିବା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପଦକ୍ଷେପ ବର୍ତ୍ତମାନ ବନ୍ଦ ହୋଇନାହିଁ। ଏହି ଧାରାକୁ ଆଗେଇ ନେବା ଦିଗରେ ବ୍ୟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ସୀତାରାମନ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଉତ୍ପାତ ହୁଅନାହିଁ**

# ହାଇକୋର୍ଟ ଉପରେ ନିଷ୍ପତ୍ତି ଛାଡ଼ିଲେ ସରକାର

**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)**

**ଘରୋଇ ସ୍କୁଲ ଫି' ଛାଡ଼ ମାମଲା**

**୨୩ରେ ହେବ ପରବର୍ତ୍ତୀ ଶୁଣାଣି**

ଘରୋଇ ସ୍କୁଲ ଫି' ଛାଡ଼ ନିଷ୍ପତ୍ତି ରାଜ୍ୟ ସରକାର ହାଇକୋର୍ଟଙ୍କ ଉପରେ ଛାଡ଼ି ଦେଇଛନ୍ତି। କରୋନା ସମୟରେ ଘରୋଇ ସ୍କୁଲ ଫି' ଛାଡ଼ କରିବା ପ୍ରସଙ୍ଗକୁ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ହାଇକୋର୍ଟ ସରକାରଙ୍କୁ କହିଥିଲେ। ଏନେଇ ସ୍ପଷ୍ଟ ଆଭିମୁଖ୍ୟ ରଖିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ କୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ମଙ୍ଗଳବାର ଏନେଇ ରାଜ୍ୟ ସରକାର ହାଇକୋର୍ଟରେ ଜବାବ ଦାଖଲ କରିଛନ୍ତି। ସ୍କୁଲ ଫି' ଛାଡ଼ ନିଷ୍ପତ୍ତି ହାଇକୋର୍ଟ ନିଜେ ନିଷ୍ପତ୍ତି ନିଅନ୍ତୁ ବୋଲି ସରକାର ମତ ରଖିଛନ୍ତି। ଆସନ୍ତା ୨୩ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଣାପଡ଼ିଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଘରୋଇ ସ୍କୁଲ ଫି' ବୃଦ୍ଧି ମାମଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ପକ୍ଷରୁ ହାଇକୋର୍ଟରେ ଦାଖଲ କରିଥିବା ରିପୋର୍ଟରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ଫି' କମାଇବା ନେଇ ସୁପାରିସ କରାଯାଇଥିଲା। କିନ୍ତୁ କିଛି ସ୍କୁଲ କର୍ତ୍ତୃପକ୍ଷ ଫି' ହ୍ରାସକୁ ବିରୋଧ କରିଥିଲେ। କିଛି ସ୍କୁଲ କର୍ତ୍ତୃପକ୍ଷ ସଂଘରୁ ରାଜ୍ୟ ସରକାର ରଖିଥିବା ପ୍ରସ୍ତାବକୁ ବିରୋଧ କରି ଇଣ୍ଟରଭେନ୍ସନ ପିଟିଶନ ଦାଏର କରିଥିଲେ। ହେଲେ ଏଭଳି ପିଟିଶନକୁ ହାଇକୋର୍ଟ ଅଗ୍ରାହ୍ୟ କରିଥିଲେ। ଫି' ହ୍ରାସ ସମ୍ପର୍କରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏ ସମ୍ପର୍କରେ ୭ଦିନ ମଧ୍ୟରେ ଆଭିମୁଖ୍ୟ ସ୍ପଷ୍ଟ ସହ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଘରୋଇ ସ୍କୁଲ ଉପରେ ସରକାରଙ୍କ କ'ଣ କଣ୍ଟ୍ରୋଲ ଅଛି, ସେନେଇ ସତ୍ୟପାଠରେ ଦେବା ପାଇଁ ହାଇକୋର୍ଟ କହିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ................................


ଲିପୁନ୍
ପରିବାରବର୍ଗ


ରେୟାଂଶ
ପରିବାରବର୍ଗ


ଶିବ ପ୍ରସାଦ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଡ୍ରାଇଭର ସିଟ୍‌ରେ...

ବିଶିଷ୍ଟ ବିହାର ବିଧାନସଭାରେ ସରକାର ଗଠନ ପାଇଁ କୁହୁକ ସଂଖ୍ୟା ୧୨୨ ହୋଇଥିବାବେଳେ ଭାଜପାକୁ ୭୨ ଆସନରେ ସଫଳତା ମିଳିଛି। ଜେଡିୟୁ ୪୩ ଆସନରେ ସନ୍ତୁଷ୍ଟ ହୋଇ ତିନି ନମ୍ବରକୁ ଖସିଛି। ଲାଲୁ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ୭୬ ଆସନ ଦଖଲ କରି ସବୁଠୁ ବଡ଼ ଦଳ ଭାବେ ଉଭା ହୋଇଛି। ମହାମେଣ୍ଟର ଅଂଶୀଦାର କଂଗ୍ରେସ ୧୯ ଓ ବାମଦଳ ୧୬ ଆସନରେ ବିଜୟୀ ହୋଇଛନ୍ତି କିମ୍ବା ଆଗୁଆ ଅଛନ୍ତି। ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ମାତ୍ର ଗୋଟିଏ ଆସନ ଜିତି କେବଳ ଖାତା ଖୋଲିପାରିଛି।

ଷୋଡ଼ଶ ବିଧାନସଭାର କାର୍ଯ୍ୟକାଳ ୨୦୨୦ ନଭେମ୍ବର ୨୦ରେ ଶେଷ ହେବାକୁ ଥିବାବେଳେ ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କ ଘୋଷଣା ଅନୁସାରେ ମୋଟ ୩ଟି ପର୍ଯ୍ୟାୟରେ ନିର୍ବାଚନ ହୋଇଥିଲା। ଅକ୍ଟୋବର ୨୮ରେ ପ୍ରଥମ ପର୍ଯ୍ୟାୟରେ ୭୧ ଆସନ ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଲାଗି ନଭେମ୍ବର ୩ରେ ୯୪ ଆସନ ଓ ଶେଷ ପର୍ଯ୍ୟାୟରେ ୭ ତାରିଖରେ ୭୮ ଆସନରେ ମତଦାନ ହୋଇଥିଲା। ମଇଦାନରେ ମୋଟ ୩,୭୫୫ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ଏହି ନିର୍ବାଚନରେ ଏନ୍‌ଡିଏର ଜେଡିୟୁ ୧୧୫, ଭାଜପା ୧୧୦, ମୁକେଶ ସହାନୀଙ୍କ ନେତୃତ୍ୱାଧୀନ ବିକାଶଶୀଳ ଇନ୍‌ସାନ ପାର୍ଟି (ଭିଆଇପି) ୧୧ ଓ ଜିତନ୍‌ରାମ ମାଞ୍ଝିଙ୍କ ହିନ୍ଦୁସ୍ଥାନୀ ଆୱାମ ମୋର୍ଚ୍ଚା (ଏଚ୍‌ଏଏମ୍) ୭ ଆସନରେ ଲଢ଼ିଥିଲେ। ସେହିପରି ମହାମେଣ୍ଟ ପକ୍ଷରୁ ଆର୍‌ଜେଡି ୧୪୪, କଂଗ୍ରେସ ୭୦ ଓ ବାମଦଳ ପ୍ରାର୍ଥୀ ୨୯ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଚିରାଗଙ୍କ ଏଲ୍‌ଜେପି ପକ୍ଷରୁ ୧୩୭ ଆସନରେ ପ୍ରାର୍ଥୀ ଦିଆଯାଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମବିଲାସ ପାଶ୍ୱାନଙ୍କ ପରଲୋକ ପରେ ଚିରାଗ ଯେଉଁ ଅନୁକମ୍ପାମୂଳକ ଭୋଟ ପାଇବେ ବୋଲି ଆଶା କରିଥିଲେ, ସେପରି କିଛି ହେଲା ନାହିଁ। ଚିରାଗଙ୍କ 'କିଙ୍ଗ୍ ମେକର' ସ୍ୱପ୍ନ ମଧ୍ୟ ଧୂଳିସାତ ହୋଇଯାଇଛି। ଅଥଚ ତାଙ୍କ ନକାରାତ୍ମକ ଭୂମିକା ନୀତୀଶ କୁମାରଙ୍କୁ ଅନ୍ୟୁନ ୩୦ ଆସନରେ କ୍ଷତି ପହଞ୍ଚାଇଛି। ଏଲ୍‌ଜେପି ଭୋଟ କାଟିବାରେ ସଫଳ ହେବାରୁ ଜେଡିୟୁ ୩ ନମ୍ବର ଦଳରେ ପରିଣତ ହୋଇଛି। ଫଳରେ ଭାଜପାର ମୂଳଚାଳ କ୍ଷମତା ବଢ଼ିବା ସହ ନୀତୀଶ ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ କି ନାହିଁ ତାକୁ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଭାଜପା ଅଧିକ ଆସନ ଦଖଲ କରିଥିବାରୁ ବଡ଼ଭାଇ ହିସାବରେ ଦଳରୁ ହିଁ ମୁଖ୍ୟମନ୍ତ୍ରୀ କରାଯାଉ ବୋଲି କେତେଜଣ ନେତା ଦାବି କରିଛନ୍ତି। ମହାମେଣ୍ଟରେ ଥିବା କଂଗ୍ରେସର ପ୍ରଦର୍ଶନ ସେତେଟା ଭଲ ହୋଇନାହିଁ। ମାତ୍ର ବାମପନ୍ଥୀ ଦଳଗୁଡ଼ିକୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏହାସତ୍ତ୍ୱେ ସଂଖ୍ୟାଗରିଷ୍ଠତାଠାରୁ ମହାମେଣ୍ଟ ଦୂରରେ ଥିବାରୁ ଏହାର ନେତା ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ହୋଇ ନ ପାରନ୍ତି।

ଇସିଆଇଙ୍କ ୱେବ୍‌ସାଇଟ୍‌ରୁ ସଂଗୃହୀତ ତଥ୍ୟାନୁସାରେ ରାତି ୧୧ଟା ସୁଦ୍ଧା ୧୮୩ ଆସନର ବିଜେତାଙ୍କ ନାମ ଆସିଥିଲା ଓ ଅବଶିଷ୍ଟ ୬୦ ସିଟ୍‌ରେ ଗଣତି ଚାଲିଥିଲା। ସେଥିମଧ୍ୟରୁ ଏନ୍‌ଡିଏ ୮୭ ଆସନରେ ବିଜୟୀ ହୋଇଥିବାବେଳେ ୩୭ ସିଟ୍‌ରେ ଆଗୁଆ ରହିଛି। ଭାଜପା ସପକ୍ଷରେ ୭୩ ଆସନ ରହିଥିବାବେଳେ ଜେଡିୟୁ ଭାଗକୁ ୪୩ ଆସନ ଯାଉଥିବା ସଙ୍କେତ ମିଳିଛି। ଏନ୍‌ଡିଏର ଅନ୍ୟ ଦୁଇ ସହଯୋଗୀ ଭିଆଇପି ଏବଂ ଏଚ୍‌ଏଏମ୍ ୪ଟି ଲେଖାଏ ଆସନ ପାଇବା ଭଳି ମନେହେଉଛି। ଅନ୍ୟପକ୍ଷେ ଆର୍‌ଜେଡିକୁ ୬୦ ଆସନରେ ସଫଳତା ମିଳିସାରିଥିବାବେଳେ ଦଳ ୧୬ ଆସନରେ ଆଗୁଆ ରହିଛି। ସହଯୋଗୀ କଂଗ୍ରେସ ୧୩ ଆସନ ଜିତି ସାରିଥିବାବେଳେ ୬ ଆସନରେ ବିଜୟୀ ହେବା ଆଶା ଉଜ୍ଜ୍ୱଳ ହୋଇଛି। ବାମଦଳଙ୍କ କଥା ଦେଖିଲେ ସିପିଆଇ ୨, ସିପିଆଇଏମ୍ ୨ ଏବଂ ସିପିଆଇଏମ୍‌ଏଲ୍ ୧୨ ଆସନ ଜିତିପାରନ୍ତି। ଅସାଦୁଦ୍ଦିନ ଓୱାଇସିଙ୍କ ଏଆଇଏମ୍‌ଆଇଏମ୍ ୪ ଆସନରେ ବିଜୟୀ ହୋଇଥିବାବେଳେ ଅନ୍ୟ ଗୋଟିଏ ସିଟ୍‌ରେ ଆଗୁଆ ରହିଛି। ସେହିପରି ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମଧ୍ୟ ଗୋଟିଏ ଆସନରେ ଟ୍ରେଣ୍ଡ୍ କରୁଛି।

### ବିଜେଡି ହାତରେ...

ସ୍ୱର୍ଗତ ବିଷ୍ଣୁ ଚରଣ ଦାସଙ୍କ ପୁଅ ବିଜୟ ଶଙ୍କର ଦାସ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ରାଜ କିଶୋର ବେହେରାଙ୍କୁ ୪୧,୭୦୩ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ବିଜୟ ୮୮,୩୧୦ ଖଣ୍ଡ ଭୋଟ ପାଇଥିବା ବେଳେ ଭାଜପା ପ୍ରାର୍ଥୀ ରାଜକିଶୋର ୪୬,୬୦୭ଖଣ୍ଡ ଏବଂ କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଭୂଷଣ ମଲ୍ଲିକଙ୍କୁ ୨୮,୭୭୮ ଖଣ୍ଡ ଭୋଟ ମିଳିଛି। ନୋଟାକୁ ୭୮୬ଖଣ୍ଡ ଭୋଟ ଯାଇଛି।

୨୦୦୯ ଏବଂ ୨୦୧୪ରେ ବିଜେଡି ଦଖଲରେ ଥିବା ବାଲେଶ୍ୱର ସିଟ୍‌କୁ ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ଛଡାଇ ନେବାରେ ସକ୍ଷମ ହୋଇଥିଲା। ହେଲେ ବର୍ଷକ ପରେ ବିଜେଡି ବାଲେଶ୍ୱର ସିଟ୍‌କୁ ଭାଜପା ନିକଟରୁ ପୁଣି ଛଡାଇ ନେବାରେ ସଫଳ ହୋଇଛି। ଭାଜପା ବିଧାୟକ ମଦନ ମୋହନ ଦତ୍ତଙ୍କ ଅକାଳ ବିୟୋଗ ଯୋଗୁ ଏହି ଆସନରେ ଉପନିର୍ବାଚନ କରାଯାଇଥିଲା। ତାଙ୍କ ପୁଅ ମାନସ ଭାଜପା ପ୍ରାର୍ଥୀ ହୋଇଥିଲେ ମଧ୍ୟ ପିତାଙ୍କ ମୃତ୍ୟୁର ଅନୁକମ୍ପା ଭୋଟ ହାତେଇବାରେ ସଫଳ ହୋଇପାରିଲେ ନାହିଁ। ଫଳରେ ଭାଜପାକୁ ବାଲେଶ୍ୱର ସିଟ୍ ହରାଇବାକୁ ପଡିଛି। ବିଜେଡିର ରଣ କୌଶଳ ଆଗରେ ଭାଜପାର ସମସ୍ତ ଉଦ୍ୟମ ବିଫଳ ହୋଇଛି।

ଉଲ୍ଲେଖ ଯୋଗ୍ୟ ଯେ, ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ପ୍ରାର୍ଥୀ ମଦନ ମୋହନ ଦତ୍ତ ବାଲେଶ୍ୱର ବିଧାନସଭା ଆସନରୁ ବିଜୟୀ ହୋଇଥିଲେ। ସେ ତାଙ୍କର ନିକଟତମ ବିଜେଡି ପ୍ରାର୍ଥୀ ଜୀବନ ପ୍ରଦୀପ ଦାସଙ୍କୁ ପ୍ରାୟ ୧୨ ହଜାର ଭୋଟରେ ପରାସ୍ତ କରିଥିଲେ। ମଦନଙ୍କୁ ୭୪ ହଜାର ୮୧୫ ଖଣ୍ଡ ଭୋଟ ମିଳିଥିବା ବେଳେ ଜୀବନଙ୍କୁ ୬୧ ହଜାର ୪୦୯ ଖଣ୍ଡ ଭୋଟ ମିଳିଥିଲା। ସେହିପରି କଂଗ୍ରେସ ପ୍ରାର୍ଥୀ ମାନସ ରଞ୍ଜନ ଦାସପଟ୍ଟନାୟକ ୧୯ ହଜାର ୭୦୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଭାଜାପା ୪୭.୨୬ ପ୍ରତିଶତ ଭୋଟ ପାଇଥିବା ବେଳେ ବିଜେଡି ୩୮.୨୯ ଏବଂ କଂଗ୍ରେସ ୧୨.୪୫ ପ୍ରତିଶତ ଭୋଟ ପାଇଥିଲା।

ଅନ୍ୟ ପକ୍ଷରେ ତିର୍ତ୍ତୋଲ ବିଧାନସଭା ଆସନକୁ ବିଜେଡି ନିଜ କବ୍‌ଜାରେ ରଖିଛି। ୨୦୧୯ରେ ବିଜେଡି ପ୍ରାର୍ଥୀ ବିଷ୍ଣୁ ଦାସ ଏହି ସିଟ୍‌ରେ ବିଜୟୀ ହୋଇଥିଲେ। ତାଙ୍କ ବିୟୋଗ ପରେ ଉକ୍ତ ଆସନରେ ହୋଇଥିବା ଉପନିର୍ବାଚନରେ ପୁତ୍ର ତଥା ବିଜେଡି ପ୍ରାର୍ଥୀ ବିଜୟ ଶଙ୍କର ଦାସ ବିଜୟୀ ହୋଇଛନ୍ତି। ବିଜେଡି ରଣନୀତି ଏବଂ ପିତାଙ୍କ ମୃତ୍ୟୁଜନିତ ଅନୁକମ୍ପା ତାଙ୍କୁ ବିଜୟୀ କରିବାରେ ସକ୍ଷମ ହୋଇଛି। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ବିଷ୍ଣୁ ଚରଣ ଦାସ ନିକଟତମ ଭାଜପା ପ୍ରାର୍ଥୀ ରମାକାନ୍ତ ଭୋଇଙ୍କୁ ପ୍ରାୟ ୪୦ ହଜାର ଭୋଟରେ ପରାସ୍ତ କରିଥିଲେ। ବିଷ୍ଣୁ ୯୩ ହଜାର ୯୬୩ ଖଣ୍ଡ ଭୋଟ ପାଇଥିବାବେଳେ ରମାକାନ୍ତ ୫୩ ହଜାର ୫୮୧ ଏବଂ କଂଗ୍ରେସ ପ୍ରାର୍ଥୀ ଦେବୀ ପ୍ରସାଦ ମଲ୍ଲିକ ୨୩ ହଜାର ୮୦୯ ଖଣ୍ଡ ଭୋଟ ପାଇଥିଲେ। ଉକ୍ତ ନିର୍ବାଚନରେ ବିଜେଡିକୁ ୫୪.୧୮ ପ୍ରତିଶତ ଭୋଟ ମିଳିଥିବା ବେଳେ ଭାଜପାକୁ ୩୦.୯ ଏବଂ କଂଗ୍ରେସକୁ ୧୩.୭୩ ପ୍ରତିଶତ ଭୋଟ ମିଳିଥିଲା।

କରୋନା କଟକଣା ଯୋଗୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର କରିବାକୁ ଯାଇ ନ ଥିଲେ। ଭର୍ଚୁଆଲ ମଞ୍ଚ ମାଧ୍ୟମରେ ନବୀନ ଉଭୟ ଉପନିର୍ବାଚନ ପାଇଁ ପ୍ରଚାର କରିଥିଲେ। ଏହା ସତ୍ତ୍ୱେ ଉଭୟ ଆସନରେ ବିଜୟୀ ହେବା ବିଜେଡିର ଲୋକପ୍ରିୟତାକୁ ପୁଣି ପ୍ରମାଣିତ କରିଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଦଳକୁ ବିଜୟୀ କରିବାରେ ସହାୟକ ହେଉଛି ବୋଲି ରାଜନୈତିକ ବିଶାରଦ ମତ ଦେଉଛନ୍ତି।

### ଶିବରାଜ୍ ସିଂ...

ନାହିଁ। କମଲନାଥଙ୍କ 'ଆଇଟମ୍' ମନ୍ତବ୍ୟ ତାଙ୍କ ପାଇଁ କାଳ ସାଜିଛି। ଭାଜପା ନେତ୍ରୀ ଇମର୍ତ୍ତୀ ଦେବୀଙ୍କୁ ସେ ଆକ୍ଷେପ କରି କହିବା ମହଙ୍ଗା ପଡ଼ିଛି। ଉପନିର୍ବାଚନରେ ଭାଜପାର ବିପୁଳ ବିଜୟ କମଲନାଥଙ୍କୁ ଝଟକା ଦେଇଛି।

ଗୁଜରାଟରେ ସମସ୍ତ ୮ ଆସନ ଭାଜପା ଖାତାକୁ ଯାଇଛି। ଏଠାରେ କଂଗ୍ରେସକୁ ସଫଳତା ମିଳିପାରି ନାହିଁ। ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀ ଭାଜପାର ଏହି ସଫଳତାକୁ ଟ୍ରେଲର ବୋଲି କହିଥିବାବେଳେ ୨୦୨୨ ବିଧାନସଭା ନିର୍ବାଚନରେ ଏହାର ସମ୍ପୂର୍ଣ୍ଣ ଝଲକ ଦେଖିବାକୁ ମିଳିବ ବୋଲି ପ୍ରକାଶ କରିଛନ୍ତି। ଦେଶର ବିଭିନ୍ନ କୋଣ ଅନୁକୋଣରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତା ବୃଦ୍ଧି ପାଉଥିବା ସେ କହିଛନ୍ତି। ଗୁଜରାଟରେ ଏହି ନିର୍ବାଚନୀ ସଫଳତାକୁ ନେଇ ଦଳୀୟ କର୍ମୀମାନେ ଉତ୍ସବ ପାଳନ କରିଛନ୍ତି।

ଉତ୍ତରପ୍ରଦେଶରେ ମଧ୍ୟ ଶାସକ ଭାଜପାକୁ ସଫଳତା ମିଳିଛି। ମୋଟ ୭ଟି ଆସନ ମଧ୍ୟରୁ ଭାଜପା ୬ଟିରେ ବିଜୟୀ ହୋଇଥିବା ଜଣାପଡ଼ିଛି। ସମାଜବାଦୀ ପାର୍ଟି ଗୋଟିଏ ଆସନ ଅଧିକାର କରିଛି। ଭାଜପା କର୍ମୀମାନେ ରିଗିଂ କରିଥିବା ସମାଜବାଦୀ ପାର୍ଟି ମୁଖ୍ୟ ଅଖିଲେଶ ଯାଦବ ଅଭିଯୋଗ କରିଛନ୍ତି।

ମଣିପୁରରେ ମୋଟ ୫ ଆସନ ମଧ୍ୟରୁ ଭାଜପା ୪ଟିରେ ବିଜୟ ଲାଭ କରିଥିବାବେଳେ ଗୋଟିଏ ଆସନରେ ସ୍ୱାଧୀନ ପ୍ରାର୍ଥୀ ବାଜି ମାରିଛନ୍ତି। ଭାଜପାରେ ଯୋଗଦେବା ଲାଗି କଂଗ୍ରେସର ୪ ବିଧାୟକ ଇସ୍ତଫା ଦେବାରୁ ଏଠାରେ ଉପନିର୍ବାଚନ କରାଯାଇଥିଲା।

କର୍ଣ୍ଣାଟକରେ ଶାସକ ଭାଜପା ସମସ୍ତ ୨ ଆସନ ହାତେଇ ନେବାରେ ସଫଳ ହୋଇଛି। ସିରା ବିଧାନସଭା ଆସନ ଜେଡିଏସ୍‌ଠାରୁ ଓ ରାଜରାଜେଶ୍ୱରୀ ନଗର ଆସନ କଂଗ୍ରେସଠାରୁ ଛଡ଼ାଇ ଆଣିବାରେ ଭାଜପା ସଫଳ ହୋଇଛି। ସିରାରେ ଡା. ସି.ଏମ୍. ରାଜେଶ ଗୌଡ଼ା ମାତ୍ର ୧୨ଶହ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ରାଜରାଜେଶ୍ୱରୀ ନଗରରେ ଏନ୍. ମୁନିରଥାନା ୫୮ ହଜାର ଭୋଟରେ କଂଗ୍ରେସ ପ୍ରାର୍ଥୀଙ୍କୁ ପରାସ୍ତ କରି ବିଜୟ ଲାଭ କରିଛନ୍ତି।

ଝାଡ଼ଖଣ୍ଡର ୨ଟି ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ଫଳାଫଳ ଶାସକ ମେଣ୍ଟ ସପକ୍ଷରେ ଯାଇଛି। ଦୁମ୍‌କା ବିଧାନସଭା ଆସନରେ ଜେଏମ୍‌ଏମ୍ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। କଂଗ୍ରେସ ବେର୍‌ମୋ ବିଧାନସଭା ଆସନ ହାତେଇବାରେ ସଫଳ ହୋଇଛି। ଭାଜପା ପ୍ରାର୍ଥୀଙ୍କୁ ଏଠାରେ ସଫଳତା ମିଳିପାରି ନାହିଁ। ଓଡ଼ିଶାର ବାଲେଶ୍ୱର ଓ ତିର୍ତ୍ତୋଲ ବିଧାନସଭା ଆସନରେ ଶାସକ ବିଜେଡି ବାଜିମାତ୍ କରିଛି।

ହରିୟାଣାର ବରୋଦା ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ତଥା ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଯୋଗେଶ୍ୱର ଦତ୍ତ ପରାଜିତ ହୋଇଛନ୍ତି। ସେଠାରେ କଂଗ୍ରେସ ପ୍ରାର୍ଥୀ ଇନ୍ଦୁରାଜ୍ ନରୱାଲ ବିଜୟୀ ହୋଇଛନ୍ତି। ନରୱାଲ ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବାଜିମାତ୍ କରିଛନ୍ତି। ଦ୍ୱିତୀୟ ଥର ଲାଗି ଦତ୍ତ ଏହି ଆସନରୁ ପରାଜିତ ହୋଇଛନ୍ତି। ୨୦୧୯ ବିଧାନସଭା ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀ କ୍ରିଷନ ହୁଦାଙ୍କଠାରୁ ମାତ୍ର ୪,୮୦୦ ଭୋଟରେ ହାରିଥିଲେ। ହୁଦାଙ୍କ ଦେହାନ୍ତ ପରେ ବରୋଦାରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ହରିୟାଣା ଭାଜପା ଅଧ୍ୟକ୍ଷ ଓମ୍‌ପ୍ରକାଶ ଧନ୍‌କର ପରାଜୟକୁ ସ୍ୱୀକାର କରିବା ସହ କଂଗ୍ରେସ ଗଡ଼ରେ ଦତ୍ତଙ୍କ ପ୍ରୟାସ ଭଲ ଥିଲା ବୋଲି ପ୍ରକାଶ କରିଛନ୍ତି।

ଛତିଶଗଡ଼ରେ ଶାସକ କଂଗ୍ରେସ ମାର୍‌ୱାହି ଆସନରେ ବିଜୟୀ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ୍ ଯୋଗୀଙ୍କ ଦେହାନ୍ତ ପରେ ଏହି ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା।

ତେଲଙ୍ଗାନାର ଦୁବାକ୍ ବିଧାନସଭାରେ ଭାଜପା ପ୍ରାର୍ଥୀ ଏମ୍. ରଘୁନନ୍ଦନ ରାଓ ବିଜୟୀ ହୋଇଛନ୍ତି। ଟିଆର୍‌ଏସ୍ ପ୍ରାର୍ଥୀ ଏଠାରେ ପରାଜୟ ବରଣ କରିଛନ୍ତି। ଟିଆର୍‌ଏସ୍ ବିଧାୟକ ରାମଲିଙ୍ଗା ରେଡ୍ଡୀଙ୍କ ଦେହାନ୍ତ ପରେ ଏଠାରେ ଉପନିର୍ବାଚନ କରାଯାଇଥିଲା। ତାଙ୍କ ସ୍ତ୍ରୀ ସୋଲିପେଟା ସୁଜାଥା ଏଠାରୁ ଟିଆର୍‌ଏସ୍ ପ୍ରାର୍ଥୀ ହୋଇଥିଲେ। ସେ ୧,୦୭୯ ଭୋଟରେ ପରାସ୍ତ ହୋଇଥିବା ଜଣାପଡ଼ିଛି।

ଅନୁରୂପ ଭାବେ ନାଗାଲାଣ୍ଡର ୨ଟି ଆସନରେ ନ୍ୟାଶନାଲ ଡେମୋକ୍ରାଟିକ ପ୍ରୋଗ୍ରେସିଭ୍ ପାର୍ଟି ସଦର୍ନ ଅଙ୍ଗାମି-୧ ଆସନରେ ବିଜୟୀ ହୋଇଥିବାବେଳେ ପୁଙ୍ଗ୍ରୋ-କିଫିରେ ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିବା ଜଣାପଡ଼ିଛି। ବିହାରର ବାଲ୍ମିକୀନଗର ଲୋକ ସଭା ଉପନିର୍ବାଚନରେ ଜେଡିୟୁକୁ ସଫଳତା ମିଳିଛି। ଏଠାରେ ଜେଡିୟୁ ପ୍ରାର୍ଥୀ ସୁଶୀଲ କୁମାର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ପ୍ରଭେଶ କୁମାର ମିଶ୍ରଙ୍କୁ ପରାସ୍ତ କରିଛନ୍ତି। ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ଉପନିର୍ବାଚନରେ ଏନ୍‌ଡିଏକୁ ଅପୂର୍ବ ସଫଳତା ମିଳିଛି।

### ମାର୍ଚ୍ଚ ସୁଦ୍ଧା ବ୍ୟାଙ୍କ...

ମତ ରଖିଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଅନେକ ବ୍ୟାଙ୍କ ଆକାଉଣ୍ଟ ଆଧାର ସହ ସଂଯୋଗ ହୋଇପାରିନାହିଁ। ୨୦୨୧ ମାର୍ଚ୍ଚ ସୁଦ୍ଧା ଆବଶ୍ୟକତା ଭିତ୍ତିରେ ଆକାଉଣ୍ଟ ଲାଗି ପାନ୍ ଏବଂ ପ୍ରତି ଆକାଉଣ୍ଟ ଲାଗି ଆଧାରର ଅନିବାର୍ଯ୍ୟତା ନେଇ ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ (ଆଇବିଏ)ର ଏକ କାର୍ଯ୍ୟକ୍ରମରେ ସେ ସୂଚନା ଦେଇଛନ୍ତି। ବ୍ୟାଙ୍କଗୁଡିକ ଅଣଡିଜିଟାଲ କାରବାରକୁ ନିରୁତ୍ସାହିତ କରିବା ଏବଂ ଡିଜିଟାଲ କାରବାର ଲାଗି ଗ୍ରାହକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରନ୍ତୁ ବୋଲି ସେ ମତ ରଖିଛନ୍ତି। ଡିଜିଟାଲ କୌଶଳ ସହ ୟୁପିଆଇ ଭିତ୍ତିକ ପେମେଣ୍ଟ, ରୁପେ କାର୍ଡକୁ ଉତ୍ସାହିତ କରିବା ଦିଗରେ ବ୍ୟାଙ୍କ ଫୋକସ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି। ସେହିଭଳି ଦେଶ ମଧ୍ୟରେ ବୃହତ୍ ବ୍ୟାଙ୍କଗଠନ ଉପରେ ସରକାର ଲକ୍ଷ୍ୟ ରଖିଥିବା ସେ ମତ ପ୍ରକାଶ କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପେ ଖାଇଛନ୍ତି ତାଳ**
**ପୁଅଙ୍କ ପାଇଁକି କାଳ।**

କରାଯାଇଥିବା ଋଣ ଯଦି ଠିକ୍ ସମୟରେ ପଇଠ କରାନଯାଏ ତେବେ ତାହାର ସୁଧମୂଳ ବହୁପରିମାଣରେ ବଢିଯାଇଥାଏ, ଯାହାକୁ ଶୁଝିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥାଏ। ସେହିପରି ଜଣେ ଯଦି ଋଣ କରି ନିଜ ଜୀବଦଶାରେ ଶୁଝି ନ ପାରନ୍ତି ତେବେ ତାର ପୁଅ ଋଣ ଶୁଝିବାକୁ ବାଧ୍ୟ ହୋଇଥାନ୍ତି। ବାପ କରିଥିବା ଋଣ ବଢ଼ିଯାଇ ପୁଅକୁ ବିପଦରେ ପକାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଣିଆ ଘଇତା ଯାହାର**
**ନିତି ନୂଆ ଅଳଙ୍କାର ତାହାର।**

ସ୍ୱାମୀ ଯାହାର ସୁନା ରୁପା ବ୍ୟବସାୟ କରେ, ତା ପାଇଁ ନୂଆ ଅଳଙ୍କାର ଅପୂର୍ବ ହୋଇନଥାଏ। ପରୋକ୍ଷରେ ସ୍ୱାମୀ ଯୋଗ୍ୟ ହୋଇଥିଲେ ସ୍ତ୍ରୀ ସର୍ବସୁଖ ଲାଭ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି କର୍ମକ୍ଷେତ୍ରରେ ପ୍ରତ୍ୟେକ ପରିସ୍ଥିତିର ଠିକ୍ ସମୀକ୍ଷା କରି ପଦକ୍ଷେପ ନେବା ଠିକ୍ ହେବ। କଳା, ସାହିତ୍ୟ, ସଙ୍ଗୀତ, ସତ୍‌ସଙ୍ଗ, ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିଲେ ମଧ୍ୟ ବିଶେଷ ଅସୁବିଧା ହେବ ନାହିଁ। ପରିବର୍ତ୍ତିତ ପରିସ୍ଥିତି ମନକୁ ଅଶାନ୍ତ ରଖିପାରେ।

**ବୃଷ** – ମନ ଯେମିତି ଚାହୁଁଛି ସେମିତି ନ ହେବା କାରଣରୁ ବ୍ୟସ୍ତତା ସୃଷ୍ଟି ହେବ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହେବେ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର କାମର ଥିବା ଚାପ ନିମିତ୍ତ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ବ୍ୟବସାୟ, ପରିବହନ, ନୂତନ କର୍ମାରମ୍ଭ, ଅର୍ଥ ସମ୍ପର୍କ କ୍ଷେତ୍ରରେ ସୁଫଳ ପାଇବେ।

**ମିଥୁନ** – ଦୀର୍ଘଦିନରୁ ରହିଆସିଥିବା ରୋଗପୀଡ଼ାରୁ କଷ୍ଟ ଅନୁଭବ କରିପାରନ୍ତି। ଯାନ ବାହନ, ମୂଲ୍ୟବାନ ଜିନିଷ, ଘରୋଇ ଉପକରଣ, ନୂତନ ପୋଷାକ ପରିଚ୍ଛଦ ଆଜି କିଣିବା ସକାଶେ ମନ ବଳାଇବେ। ବିଭିନ୍ନ ସମସ୍ୟା କାରଣରୁ ମାନସିକ ସ୍ତରରେ ବ୍ୟସ୍ତତା ଲାଗି ରହିବ। କର୍ମକ୍ଷେତ୍ରରେ ମନ୍ତବ୍ୟ ଦେଇ ବିବାଦୀୟ ହୋଇପଡିବେ।

**କର୍କଟ** – କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ବ୍ୟବସାୟିକ ସ୍ଥିତି, ପରିବହନ, ଶେୟାର ବଜାର, ନିର୍ମାଣ, ଜମିଜମା ପ୍ରଭୃତିରୁ ସୁଫଳ ପାଇବେ। ଆଜି ଅଫିସରୁ ଫେରିବା ବାଟରେ ଯାନ ବାହାନରେ ତ୍ରୁଟି ହେତୁ ହଇରାଣ ହୋଇପାରନ୍ତି। ପ୍ରକାଶନ, ପ୍ରଶାସନ, କଳା, ସାହିତ୍ୟ ଓ ସଭାସମିତିରେ ସମସ୍ୟା ସମାଧାନ ହୋଇଯିବ।

**ସିଂହ** – ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସହାୟତା ଲାଭ କରି ଅଭିଳଷିତ କାର୍ଯ୍ୟ ସମ୍ପାଦନ କରିପାରିବେ। କିନ୍ତୁ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବା କାରଣରୁ ସାମୟିକ ବିଚଳିତ ହୋଇପାରନ୍ତି। ବ୍ୟବସାୟକୁ ଆଗକୁ ବଢାଇବାପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବାକୁ ମନସ୍ଥ କରିପାରନ୍ତି।

**କନ୍ୟା** – ଆର୍ଥିକ ଦିଗରୁ କିଛି ଅସୁବିଧା ହେବନାହିଁ ଅବଶ୍ୟ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇପାରେ। ଅଫିସ୍ କାମରେ କୌଣସି ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରୁ, ଆତ୍ମୀୟମାନଙ୍କ ସହୃଦୟତାରୁ, ପଦସ୍ଥ ବ୍ୟକ୍ତିଙ୍କ ପୃଷ୍ଠପୋଷକତାରୁ କାର୍ଯ୍ୟରେ ସଫଳତା ମିଳି ପାରିବ।

**ତୁଳା** – ଆଜିର କର୍ମକ୍ଷେତ୍ରରେ ଯୁକ୍ତିତର୍କଜନିତ ବନ୍ଧୁଙ୍କ ସହ ମନୋମାଳିନ୍ୟ ସୃଷ୍ଟି ହେବାର ସୂଚନା ରହିଛି। ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହୋଇପାରନ୍ତି। ଅନ୍ୟମାନଙ୍କ ପ୍ରେରଣାରେ ଆନୁଷ୍ଠାନିକ କାମ, ଆଧ୍ୟାତ୍ମିକତା ପରିସରରେ ସମୟ କଟାଇବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପରିବହନରେ ସଫଳତା ମିଳିବ।

**ବିଛା** – ପ୍ରତ୍ୟେକ ସମୟରେ ନିଜର ସ୍ଥିତିକୁ ଆଖି ଆଗରେ ରଖି କଥାବାର୍ତ୍ତା ନ କଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ଅତୀତର ଯେଉଁ ଘଟଣା ସକାଶେ ଆଶଙ୍କା କରୁଛନ୍ତି ସେଥିରେ କିଛି ବିଶେଷ ଅସୁବିଧା ହେବ ନାହିଁ। ଆର୍ଥିକ ଅନୁଦାନର ପ୍ରତିଶ୍ରୁତିକୁ ଆଶାକରି ବନ୍ଧୁଙ୍କ ହାତକୁ ଚାହିଁ ବସିବେ।

**ଧନୁ** – ସମସ୍ୟା ଆସିଲେ ମଧ୍ୟ ତାହା ବେଶି କ୍ଷଣ ତିଷ୍ଠି ରହିବ ନାହିଁ। କେତେକ ନୂତନ କାମର ଯୋଜନା ଓ ପରିକଳ୍ପନା କରି କାମକୁ ବଢାଇ ନେଇପାରନ୍ତି। ସାହାଯ୍ୟ ସକାଶେ ଅନୁରୋଧ କରିଥିବା ବ୍ୟକ୍ତିଙ୍କ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ।

**ମକର** – ଆଜି କର୍ମକ୍ଷେତ୍ରରେ ଆତ୍ମୀୟମାନଙ୍କ ସୌହାର୍ଦ୍ଦ୍ୟରୁ କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ମାନସିକ ସ୍ଥିତି ବିଗିଡି ଯାଇପାରେ। ଅଫିସ୍‌ରେ ଟେନସନ୍ କିଛି ମାତ୍ରାରେ କମିଯିବ, ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ଜଣେ ବନ୍ଧୁଙ୍କ କ୍ରୁର ବ୍ୟବହାରକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**କୁମ୍ଭ** – ମଧୁର ବ୍ୟବହାର ମାଧ୍ୟମରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। ପାରିବାରିକ ଶାନ୍ତି ଓ ସୁସ୍ଥତା ସାମାନ୍ୟ ବ୍ୟତିକ୍ରମ ଭିତର ଦେଇ ରହିବ। ପିଲାଙ୍କ ରୁଗ୍ଣ ସ୍ୱାସ୍ଥ୍ୟ ଓ ନିମ୍ନ ମାନର ଶିକ୍ଷାକୁ ନେଇ ଚିନ୍ତିତ ରହିବେ। ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବ, ଅବଶ୍ୟ ସମାଧାନ ହେବାରେ କୌଣସି ଅସୁବିଧା ହେବନାହିଁ।

**ମୀନ** – କର୍ମକ୍ଷେତ୍ରରେ ପ୍ରକୃତ ଘଟଣା ନ ବୁଝି ଉଚ୍ଚକର୍ତ୍ତୃପକ୍ଷ କ୍ରୋଧ ପ୍ରକାଶ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କଲେ ମଧ୍ୟ ଋଣ ପରିଶୋଧ କରିବା ସକାଶେ ପ୍ରବଳ ଚାପର ସମ୍ମୁଖୀନ ହୋଇପାରନ୍ତି। ଜମିଜମା ବିବାଦର ସମାଧାନ ଆଶା ଉଜ୍ଜ୍ୱଳ ରହିବ। ସାମାଜିକ ସ୍ତରରେ କେତେକାଂଶରେ ସଫଳତା ହାସଲ କରିବେ।

ଆଜି କାର୍ତ୍ତିକ କୃଷ୍ଣପକ୍ଷର ରମାଏକାଦଶୀ ବୁଧବାର, ନଭେମ୍ବର ୧୧ ତାରିଖ, ରାଷ୍ଟ୍ରୀୟ ଶିକ୍ଷା ଦିବସ, ମୌଲାନା ଆବୁଲ୍ କାଲାମ୍ ଆଜାଦ୍‌ଙ୍କ ଜୟନ୍ତୀ (୧୧।୧୧।୧୮୮୮), ରାଶିନକ୍ଷତ୍ର-ଉତ୍ତରାଫାଲଗୁନୀ/ସିଂହ, ଦିବା ଘ.୧୨.୦୦ମି. ଗତେ କନ୍ୟାଚନ୍ଦ୍ର, କର୍କଟ ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୫୬ମି. ଗତେ ଘ.୦୬.୪୧ମି. ମଧ୍ୟେ, ଘ.୦୭.୨୫ମି. ଗତେ ଘ.୦୮.୧୦ମି. ମଧ୍ୟେ, ଘ.୧୦.୨୩ମି. ଗତେ ଘ.୧୨.୩୭ମି. ମଧ୍ୟେ, ସନ୍ଧ୍ୟା ଘ.୦୫.୫୫ମି. ଗତେ ଘ.୦୬.୪୭ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୬.୪୧ମି. ଗତେ ଘ.୦୭.୨୫ମି. ମଧ୍ୟେ, ଦିବା ଘ.୦୧.୨୧ମି. ଗତେ ଘ.୦୩.୩୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୩୦ମି. ଗତେ ଘ.୧୨.୫୪ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302




**BRIDE WANTED**

Handsome Gopal boy 30 B-Tech IGIT Rly Engineer BBSR. 7377203805. D-18919

ବ୍ରାହ୍ମଣ, କରଣ, ଖଣ୍ଡାୟତ ଜାତିର ବରପାତ୍ର ପାଇଁ କନ୍ୟାପାତ୍ରୀ ଆବଶ୍ୟକ। "AKANKSHYA MATRIMONY" 7978736177 D-68261

**GROOM WANTED**

Beautiful divorcee girl 27+, RBI Finance Manager, "SUHAG": 9090486408, 9938199964. D-69453




**SALE**

NH side gharabari plot Hanspal, Pahal, Balianta. Bank loan available. 9337259012 D-18755

ଆଦ୍ୟାନ୍ତ College ପାଖରେ ଗଙ୍ଗପଡ଼ା ମୌଜାରେ 2400sqft.ରେ ଦୁଇଟି plot ବିକ୍ରିହେବ। Hostel ପାଇଁ ଉପଯୋଗୀ। 8455887521 D-18907

Plot sale near AIIMS Hospital, Bhubaneswar with 30' Road. 8456850883. D-69199

ଘରବାଡ଼ି ପ୍ଲଟ ପିଚୁରୋଡ଼କୁ ଲାଗି ସାଇମନ୍ଦିର ପାଖରେ 50% ଦେଇ Registration ନେଇ ବାକି କିସ୍ତିରେ ଦିଅନ୍ତୁ। 9556794241 D-69196

10 Acer land for immediate sale Puri Town at Puri. Interested buyers please contact Deepak-9937329999. D-69933

ମାଷ୍ଟରକ୍ୟାଣ୍ଟିନ୍‌ରୁ 12k.m କୁହା ମୌଜାରେ (ସୁନ୍ଦରପଦା) ୧୨୦୦ ବର୍ଗଫୁଟ ପ୍ଲଟକୁ ୧୧,୪୦,୦୦୦/- କିଣି ଆଜି ଘର କରନ୍ତୁ। 9853150290. D-69195

ଭୁବନେଶ୍ୱର ସୁନ୍ଦରପଦା Xavier University/ Adityabirla ପଛପଟେ ସୁଲଭ ମୂଲ୍ୟରେ ପ୍ଲଟ ମିଳୁଛି। 8917543041. D-69198

1500 sqft ( 12nos) per sqft 1700 main road side plot, infront Tata Areana, Ghatikia, Sankarpur, BBSR. 30' road, electricity supply water available. Gharabari plot – 8114744495, 8328943165 D-18838

**PURCHASE**

Required 3 Acres/ above land near Pitapalli by pass, clear approach road 9938895656 D-18767

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**GENERAL**

**SALE**

Two 1.5 Ton Carrier Window AC with V.Guard stabilizer good running condition sale Rs.30,000/- each. Contact- 6371303335 D-18843




Godown space available near Puri bypass area 18000/-, open space 15000/-. 9938125254 D-18598




Swarna SPA newly open positively health benefits with expert therapist. 9556978408. D-70017

Get refreshment body massage by expert therapist contact for 7205084157. D-70011

Newly open full body massage SPA in Bhubaneswar. Contact: 7205058838. D-70012

Rejuvenate and Ayurvedic full body massage by smart therapist. 9348123330. D-70013

Refreshing your mind & body with best therapy at Lotus Spa. 8018234866 D-69577

Diwali Offers: Panchakarma Chikishya, all therapy start- 699/- Bhubaneswar 8763725072 D-18927

**AFFIDAVIT**

By virtue an affidavit before Executive Magistrate, Dhenkanal dtd.05.11.20, I Sweta Mishra@Ashlesha Mishra, D/o. Santosh Kumar Mishra, Ratna Bazar, Caltax, Dhenkanal Town. I am the same person known in both name. This affidavit meant for all purposes. D-66890

By virtue of an affidavit before the Executive Magistrate Dharmasala, my actual name is Diptiranjan Mohanty in all records. But in my LIC Policy No. 598185247 mentioned as Smruti Ranjan Mohanty. Diptiranjan Mohanty and Smruti Ranjan Mohanty S/o- Hemanta Kumar Mohanty is same and one person. D-18920

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ଘରେ ପହଞ୍ଚିବ ଡିଏଲ୍‌ସି

**ଭୁବନେଶ୍ୱର, ୧୦।୧୧ (ବ୍ୟୁରୋ)**

ପେନ୍‌ସନ୍ ଉପଭୋକ୍ତାଙ୍କ ଜୀବନ ପ୍ରମାଣ ତଥା ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ (ଡିଏଲ୍‌ସି)କୁ ଏଣିକି ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ଘରେ ଘରେ ପହଞ୍ଚାଇବ। ପେନ୍‌ସନ୍ ପ୍ରଦାନକାରୀ କର୍ତ୍ତୃପକ୍ଷ ଡିଏଲ୍‌ସି ଗ୍ରହଣ ପାଇଁ ସମ୍ମତି ପ୍ରଦାନ କଲେ ପୋଷ୍ଟମ୍ୟାନ୍ ଓ ଗ୍ରାମୀଣ ଡାକ ସେବକମାନେ ପେନ୍‌ସନଧାରୀଙ୍କ ଘରେ ପହଞ୍ଚି ଡିଏଲ୍‌ସି ଦେବେ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଡାକ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପେନ୍‌ସନ୍‌ଧାରୀ, ରେଲଓ୍ୱେ, ଇପିଏଫଓ ଏବଂ ଇଏସ୍‌ଆଇସି ପେନ୍‌ସନଧାରୀମାନେ କାର୍ଯ୍ୟାଳୟ ନ ଯାଇ ଏହି ସୁବିଧା ପାଇପାରିବେ।




# ଓଡ଼ିଆ ଫିଲ୍ମରେ ଗୀତ ଗାଇବେ ରାପର୍ ଦୁଲେ

**ଭୁବନେଶ୍ୱର, ୧୦।୧୧ (ବ୍ୟୁରୋ)**


ଦୁଲେଶ୍ୱର ତାଣ୍ଡି

କଳାହାଣ୍ଡିର ରାପର ଦୁଲେ ରକର୍ ଓଡ଼ିଆ ଫିଲ୍ମରେ ଗୀତ ଗାଇବେ। ୟୁଟ୍ୟୁବ୍ ସେନ୍ସେସନ ତଥା ଖପର ଘରର ରାପର ଭାବେ ପରିଚିତ କଳାହାଣ୍ଡିର ଦୁଲେଶ୍ୱର ତାଣ୍ଡି ଓରଫ ଦୁଲେ ରକର୍‌ଙ୍କୁ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ତାଙ୍କ ଆଗାମୀ ଚଳଚ୍ଚିତ୍ରରେ ଗୀତ ଗାଇବାର ସୁଯୋଗ ଦେଇଛନ୍ତି। ଦୁଲେ ରକର୍‌ଙ୍କ ସହିତ ସୁନ୍ଦରଗଡ଼ର ଝିଅ ସ୍ୱର୍ଣ୍ଣରେଖା ଏବଂ ଲୋକପ୍ରିୟ କଣ୍ଠଶିଳ୍ପୀ ଆଶୁତୋଷ ମଧ୍ୟ ଏହି ଗୀତରେ କଣ୍ଠଦାନ କରିବେ। 'ଜିଓ ବାଲା ଆଣ୍ଟି' ଶୀର୍ଷକ ଏହି ଗୀତକୁ ଗୀତିକାର ସୁବ୍ରତ ସ୍ୱାଇଁ ରଚନା କରିଛନ୍ତି। ବୁଧବାର ଟଙ୍କପାଣି ରୋଡସ୍ଥିତ ସ୍ମୃତି ଷ୍ଟୁଡିଓରେ ଦୁଲେ ରକରଙ୍କ ଗୀତ ରେକର୍ଡ କରାଯିବ ବୋଲି ସୂଚନା ମିଳିଛି।

ପୂର୍ବରୁ 'ଶୁନୋ ସର୍କାର' ରାପ୍ ଗାଇ ସୋସିଆଲ ମିଡିଆରେ ରାତାରାତି ଚର୍ଚ୍ଚିତ ହୋଇଥିଲେ ଦୁଲେ ରକର୍। ଭାଇରାଲ ହୋଇଥିବା ଏହି ଗୀତ ପାଇଁ ବଲିଉଡ୍‌ର ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ବିଶାଲ ଦାଦଲାନିଙ୍କ ଠାରୁ ଆରମ୍ଭ କରି ସ୍ୱରା ଭାସ୍କର, ସୋନା ମହାପାତ୍ର ଓ ସାମ୍ବାଦିକା ବର୍ଖା ଦତ୍ତଙ୍କ ପର୍ଯ୍ୟନ୍ତ ସମସ୍ତେ ତାଙ୍କର ପ୍ରଶଂସା କରିଥିଲେ। ବିଶାଲ ତାଙ୍କୁ ବଲିଉଡରେ ଗୀତ ଗାଇବାର ଅଫର ଦେଇଥିଲେ ବି ଦୁଲେ ଓଡ଼ିଆ ସିନେମାରେ ଗୀତ ଗାଇବାକୁ ଇଚ୍ଛା ରଖିଥିଲେ। ପ୍ରେମ ଆନନ୍ଦ ଏବେ ତାଙ୍କର ଏହି ସ୍ୱପ୍ନ ପୂରଣ କରିଛନ୍ତି। ନୂତନ ପ୍ରତିଭାଙ୍କୁ ସୁଯୋଗ ଦେଉଥିବା ପ୍ରେମ ଆନନ୍ଦ କିଛି ଦିନ ତଳେ କୋରାପୁଟ ଝିଅ ନମିତା ମେଲେକାଙ୍କୁ ସୁଯୋଗ ଦେଇ ପ୍ରଶଂସିତ ହୋଇଥିଲେ।

# ଜରତିରେ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

**କୋରାପୁଟ, ୧୦।୧୧ (ସ୍ୱ.ପ୍ର.)**

କୋରାପୁଟ ବ୍ଲକର ଜରତିଠାରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଫଳରେ କୋରାପୁଟ- କିରାଣ୍ଡୁଲ ରୁଟ୍‌ରେ ସମସ୍ତ ରେଳ ଚଳାଚଳ ବନ୍ଦ ରହିଛି। ମିଳିଥିବା ସୂଚନା ଅନୁଯାୟୀ ସୋମବାର ବିଳମ୍ବିତ ରାତିରେ କୋରାପୁଟଠାରୁ ୧୧ କି.ମି. ଦୂର ଜରତି-ମାନାବାର ଷ୍ଟେଶନ ମଧ୍ୟରେ ଥିବା ମାଙ୍ଗ୍ରା ଗ୍ରାମ ନିକଟରେ କେଭିଏଲ୍ ୧୩/୩ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା। ଫଳରେ ଟ୍ରେନ୍‌ର ୧୨ଟି ୱାଗନ ରେଳଧାରଣାରୁ ବାହାରି ପଡିଛି। ଛତିଶଗଡ଼ର ବଚେଲିରୁ ବିଶାଖାପାଟଣା ଯାଉଥିବା ଏହି ମାଲବାହୀ ଟ୍ରେନ୍‌ରେ ଆଇରନ୍ ଯାଉଥିଲା। କୋରାପୁଟ ରେଳ ବିଭାଗର ଏକ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍‌କୁ ସଫା କରିବା କାର୍ଯ୍ୟରେ ଲାଗିଥିବା ଜଣାଯାଇଛି।






ତୁମ ହୃଦୟରେ ସର୍ବଦା ସମସ୍ତଙ୍କ ପାଇଁ ଶୁଭେଚ୍ଛା ଜାଗ୍ରତ ହୋଇ ଥାଉ। ପ୍ରେମ ମଧ୍ୟ ଜାଗ୍ରତ ହେଉ ଏବଂ ତୁମେ ସେସବୁକୁ ଖୁବ୍ ଶାନ୍ତ ଭାବରେ ଓ ସମଭାବରେ ସବୁଠାରେ ବୁଣି ଦେଇଯାଅ। -ଶ୍ରୀମା



# ଉତ୍ପାତ ହୁଅନାହିଁ

ରିପବ୍ଲିକ୍ ଟିଭିର ମୁଖ୍ୟ ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀଙ୍କ ଅନ୍ତରୀଣ ଜାମିନ ଆବେଦନକୁ ୯ ନଭେମ୍ବରରେ ବମ୍ବେ ହାଇକୋର୍ଟ ଖାରଜ କରିଦେଇଛନ୍ତି। ୨୦୧୮ରେ ଇଣ୍ଟେରିୟର ଡିଜାଇନର ଅନ୍ୱୟ ନାଏକ ଓ ତାଙ୍କ ମା'ଙ୍କ ଆତ୍ମହତ୍ୟା ମାମଲାରେ ଅର୍ଣ୍ଣବ ଓ ଅନ୍ୟ ଦୁଇ ଜଣଙ୍କୁ ନିକଟରେ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ଇଣ୍ଟେରିୟର ଡିଜାଇନ୍ ବାବଦକୁ ଅନ୍ୱୟଙ୍କୁ ତାଙ୍କ ପ୍ରାପ୍ୟ ନ ଦେବାରୁ ଆର୍ଥିକ ଚାପରେ ପଡ଼ି ମା' ଓ ପୁଅ ଆତ୍ମହତ୍ୟା କରିଥିଲେ ବୋଲି କୁହାଯାଉଛି। ତେବେ ରାଜନୈତିକ ଉଦ୍ଦେଶ୍ୟ ରଖାଯାଇ ଅର୍ଣ୍ଣବଙ୍କୁ ହଇରାଣ ହରକତ କରାଯାଉଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ ହେଉଛି। କାରଣ ନିକଟ ଅତୀତରେ ଟିଆର୍‌ପି କଥାକୁ ନେଇ ରିପବ୍ଲିକ୍ ଟିଭି ଓ ମହାରାଷ୍ଟ୍ର ପୋଲିସ ମଧ୍ୟରେ ଟଣାଓଟରା ଚାଲିଥିବାରୁ ମହାରାଷ୍ଟ୍ର ସରକାର ପ୍ରତିଶୋଧପରାୟଣ ହୋଇ ଏଭଳି ପଦକ୍ଷେପ ନେଉଛନ୍ତି ବୋଲି ଆଲୋଚନା ହେଉଛି। କିନ୍ତୁ ଅର୍ଣ୍ଣବ ଯେଉଁ ମାମଲାରେ ଗିରଫ ହୋଇଛନ୍ତି ସେଥିରେ ଜଣେ ସାମ୍ବାଦିକଙ୍କ ବାକ୍ ସ୍ୱାଧୀନତା କ୍ଷୁଣ୍ଣ ହେବାର କୌଣସି ଦିଗ ଦେଖାଯାଉ ନାହିଁ। ଅନ୍ୱୟଙ୍କ ଆତ୍ମହତ୍ୟା ପରେ ଏହି ମାମଲାକୁ ବନ୍ଦ କରାଯାଇଥିଲା। ଏସବୁ ବିଷୟରେ ଜାଣି ଅନ୍ୱୟଙ୍କ ଝିଅ ଏହା ବିରୋଧରେ ବମ୍ବେ ହାଇକୋର୍ଟ ଯିବା ପରେ ଅର୍ଣ୍ଣବଙ୍କ ପ୍ରକୃତ ଚେହେରା ପଦାକୁ ଆସିଛି।

ବମ୍ବେ ହାଇକୋର୍ଟ ଅର୍ଣ୍ଣବଙ୍କ ଅନ୍ତରୀଣ ଜାମିନ ଆବେଦନକୁ ଖାରଜ କରିଦେବା ପରେ ଭାଜପାର କିଛି ନେତା ଏବେ ବିବ୍ରତ ହୋଇପଡ଼ିଥିବା ମନେହେଉଛି। ଏପରି କି ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଚିନ୍ତା ପ୍ରକଟ କରିବା ସହ ଏ ନେଇ ରାଜ୍ୟ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ସହ ଆଲୋଚନା କରିଛନ୍ତି। ଅର୍ଣ୍ଣବଙ୍କ ସହ ତାଙ୍କ ପରିବାରବର୍ଗଙ୍କୁ ସାକ୍ଷାତ୍ କରିବା ଲାଗି ସୁଯୋଗ ଦେବାକୁ ରାଜ୍ୟପାଳ କହିଛନ୍ତି। ରାଜ୍ୟପାଳ କୋଶିୟାରୀଙ୍କ ଭଳି ଅନ୍ୟ ଯେଉଁମାନେ ଅର୍ଣ୍ଣବଙ୍କ ପାଇଁ ଉଦ୍‌ବେଗ ପ୍ରକାଶ କରୁଛନ୍ତି, ସେମାନେ ସକାରାତ୍ମକ ପଦକ୍ଷେପ ନେଉଛନ୍ତି। ଏହା ଏକ ଭିନ୍ନ ବିଷୟ ଯେ ଅର୍ଣ୍ଣବଙ୍କ ଏହି ଘଟଣାରେ ଗିରଫ ହେବାର ତାଙ୍କର ସାମ୍ବାଦିକତା ସାଙ୍ଗରେ କୌଣସି ସମ୍ପର୍କ ନାହିଁ। ଅନ୍ୟପଟେ ଜଣେ ଟେଲିଭିଜନ ଚ୍ୟାନେଲ ମାଲିକ ଯିଏକି ଉପସ୍ଥାପକ ଭାବେ କାର୍ଯ୍ୟ କରିଆସୁଛନ୍ତି, ତାଙ୍କୁ ବାସ୍ତବରେ ସାମ୍ବାଦିକ ଆଖ୍ୟା ଦିଆଯାଇ ପାରିବ କି ନାହିଁ ସେହି ବିଷୟରେ ଆଲୋଚନା ହେବା କଥା। ତଥାପି ମହାରାଷ୍ଟ୍ର ରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଓ ସ୍ମୃତି ଇରାନୀଙ୍କ ଭଳି ଯେଉଁମାନେ ଅର୍ଣ୍ଣବଙ୍କ ପାଇଁ ଚିନ୍ତା ପ୍ରକଟ କରୁଛନ୍ତି, ସେ ସମସ୍ତଙ୍କୁ ଅନେକ ପ୍ରଶଂସା କରାଯିବା ଦରକାର। ସାମ୍ବାଦିକତା ସେତିକିବେଳେ ସଫଳ ହୁଏ, ଯେତେବେଳେ ବାକ୍ ସ୍ୱାଧୀନତାକୁ ସରକାର ଏବଂ ବ୍ୟବସ୍ଥା ସୁରକ୍ଷା ଦେଇଥାଏ। ତେଣୁ ଏହିସବୁ ନେତୃବୃନ୍ଦ ଅର୍ଣ୍ଣବଙ୍କ ଭଳି ଦେଶବ୍ୟାପୀ ଯେଉଁସବୁ ଜାଗାରେ ବାସ୍ତବ ଖବରଦାତାମାନେ ସରକାରୀ ଚାପରେ ନିଜ ପେସାକୁ ନ୍ୟାୟ ଦେବାରେ ବିଫଳ ହେଉଛନ୍ତି, ସେମାନଙ୍କୁ ମଧ୍ୟ ଏହିଭଳି ବିପୁଳ ସମର୍ଥନ ମିଳିବା ଉଚିତ। ଉଦାହରଣ ସ୍ୱରୂପ ୧୯ ଡିସେମ୍ବର ୨୦୧୯ରେ ଏକ ହିନ୍ଦୀ ଖବରକାଗଜର ରିପୋର୍ଟର ପଓ୍ୱନ ଜୟସ୍ୱାଲଙ୍କୁ ଗିରଫ କରାଯାଇଥିଲା। ଉତ୍ତରପ୍ରଦେଶର ମିର୍ଜାପୁରରେ ସ୍କୁଲ ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ ରୁଟି ସହ ଲୁଣ ଦିଆଯାଉଥିଲା ବୋଲି ସେ ରିପୋର୍ଟ ପ୍ରକାଶ କରିଥିଲେ। ଏହା ଦ୍ୱାରା ଉତ୍ତରପ୍ରଦେଶ ସରକାରଙ୍କ ରାଗ ପଞ୍ଚମକୁ ଚଢ଼ିଗଲା ଓ ସାମ୍ବାଦିକଙ୍କୁ ଗିରଫ କରାଗଲା। ପରେ ଯେତେବେଳେ ଏହାର ଭିଡିଓ ଭାଇରାଲ ହେଲା ସେତେବେଳେ ସତ ପଦାକୁ ଆସିଥିଲା। ସେହିପରି ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟର ଜରିଆରେ ସମାଲୋଚନା କରି ଢାବଲ ପଟେଲ ସରକାରଙ୍କ ରୋଷର ଶିକାର ହୋଇଥିଲେ। ୨୩ ସେପ୍ଟେମ୍ବରରେ ମୋଦି, ଭାଜପା ଓ ଆର୍‌ଏସ୍‌ଏସ୍ ବିରୋଧରେ ଟୁଇଟ୍ କରିବାରୁ ସ୍ତମ୍ଭକାର ଆକାର ପଟେଲଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଅନୁରୂପ ଭାବେ ହାଥରାସ୍ ବିଷୟରେ ମାଲାୟାଲମ୍ ଭାଷାର ଖବରକାଗଜ ପାଇଁ ଅଧିକ ରିପୋର୍ଟ ସଂଗ୍ରହ କରିବାକୁ ଯାଉଥିବା ସାମ୍ବାଦିକ ସିଦ୍ଦିକ୍ କାପାନ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ (ୟୁଏପିଏ) ଲଗାଇ ଦେଇଥିଲେ ଉତ୍ତରପ୍ରଦେଶ ସରକାର। ଏପରି ତାଲିକା ଖୋଜିଲେ ତାହା ଲମ୍ବିଚାଲିବ।

ଅର୍ଣ୍ଣବ ଏକ ବ୍ୟକ୍ତିଗତ ମାମଲାରେ ପଡ଼ି ଗିରଫ ହୋଇଛନ୍ତି। ହେଲେ ତାଙ୍କ ମାମଲାକୁ ଯୋଡ଼ିଯାଡ଼ି ସାମ୍ବାଦିକର ବାକ୍ ସ୍ୱାଧୀନତା କ୍ଷୁଣ୍ଣ ହୋଇଛି ବୋଲି ଚିଲାଯାଉଛି। ହେଲେ ଯେଉଁମାନେ ସାମ୍ବାଦିକତାରେ ନିମଗ୍ନ ରହି ବାସ୍ତବ ରିପୋର୍ଟିଂ କରୁଛନ୍ତି, ସେମାନଙ୍କ ପାଇଁ କେହି ଥିଲା ଭଳି ମନେହେଉ ନାହିଁ। ବରଂ ସେମାନଙ୍କୁ ଢେର ଦିନ ଜେଲରେ ରଖିବା ପାଇଁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଉଛି। କେବଳ ଜେଲ୍‌ରେ ରଖିବାରେ ସୀମିତ ନୁହେଁ, ଉତ୍ତର ପ୍ରଦେଶ ସାମ୍ବାଦିକଙ୍କ ଉପରେ କିରୋସିନ ପକାଯାଇ ଜାଳି ମାରି ଦିଆଯିବାର ଉଦାହରଣ ମଧ୍ୟ ରହିଛି। ଏଥରକ କେବଳ ଗୋଟିଏ କଥା ଭିନ୍ନ ହୋଇଛି, ଅର୍ଣ୍ଣବ ନିଜକୁ ଅତି ବିରାଟକାୟ ବ୍ୟକ୍ତିତ୍ୱ ଭାବେ ନିଜର ମତ ରିପବ୍ଲିକ୍ ଚ୍ୟାନେଲରେ ପ୍ରତ୍ୟେକ ସନ୍ଧ୍ୟାରେ ପ୍ରଦାନ କରିଚାଲିଲେ। ମନେପଡ଼େ ଖୁବ୍ ନିକଟ ଅତୀତରେ ସିନେମା ତାରକା ସୁଶାନ୍ତ ସିଂହ ରାଜପୁତଙ୍କ ବାନ୍ଧବୀ ରିଆ ଚକ୍ରବର୍ତ୍ତୀଙ୍କୁ କାହିଁକି ଗିରଫ କରାଯାଇ ନାହିଁ ବୋଲି ଚିତ୍କାର କରି ଅର୍ଣ୍ଣବ ନିଜର ଏକତରଫା ଯୁକ୍ତି ବାଢ଼ିଚାଲିଲେ। ତାହାଦ୍ୱାରା ଅନ୍ୟସବୁ ଚ୍ୟାନେଲ ମଧ୍ୟ ତାଙ୍କ ପଛରେ ଧାଡ଼ି ବାନ୍ଧିବାକୁ ବାଧ ହେଲେ। ରିଆଙ୍କ ବ୍ୟତୀତ ଅର୍ଣ୍ଣବ ଯେଉଁଭଳି ଭାବେ ଶିବସେନା ଅଧ୍ୟକ୍ଷ ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଅଭଦ୍ର ଭାଷାରେ 'ତୁ ତା' କରିଥିଲେ, ତାହାର ପ୍ରଭାବ ସବୁ ଦର୍ଶକଙ୍କ ଉପରେ ପଡ଼ିଥିଲା। କୁହାଯାଏ ଯେ ଉଭୟ ସ୍ୱର୍ଗ ଓ ନର୍କ ପୃଥିବୀରେ ଜୀବିତ ଥିବା ସମୟରେ ପ୍ରତ୍ୟେକ ଆତ୍ମାକୁ ଭୋଗିବାକୁ ପଡ଼େ। ରିଆ ଚକ୍ରବର୍ତ୍ତୀ ନିର୍ଦ୍ଦୋଷ ବୋଲି ଅଦାଲତ କହିବା ପରେ ତାଙ୍କୁ ଦୁଇ ମାସରୁ ଅଧିକ ସମୟ କାରାଗାରରେ ରଖାଯାଇ ମୁକ୍ତ କରିଦିଆଯାଇଥିଲା। ସବୁ ଅନ୍ୟାୟର ଫଳ ଭୋଗିବାକୁ ପଡ଼େ। ରାଜନେତାଙ୍କୁ ସମର୍ଥନ କରିବାର ସ୍ୱାଧୀନତା ସମସ୍ତଙ୍କ ପାଖରେ ଅଛି। ଅପରପଟରେ 'କ୍ଷୀର ଉତୁରିଲେ ଚୁଲିକୁ ଯାଏ' ଭଳି କୌଣସି ବ୍ୟକ୍ତି ନିଜକୁ ଅତ୍ୟନ୍ତ ଶକ୍ତିଶାଳୀ ଭାବି ମାତ୍ରାଧିକ ଉତ୍ପାତ ହେଲେ ତାହାର ନକାରାତ୍ମକ ଫଳ ଭୋଗିବାକୁ ପଡ଼ିଥାଏ। ସବୁ ଗଣମାଧ୍ୟମ ମାଲିକ ଓ ସମ୍ପାଦକମାନଙ୍କ ପାଇଁ ଅର୍ଣ୍ଣବ ଏକ ଉଦାହରଣ ଭାବେ ସୃଷ୍ଟି ହୋଇଗଲେ। ନିଜ ପେସାକୁ ସ୍ୱୟଂ ସୀମା ଭିତରେ ରଖି ଖବରଦାତାମାନେ କାର୍ଯ୍ୟ କଲେ ସମାଜର ମଙ୍ଗଳ ହେବା ସହିତ ନିଜେ ମଧ୍ୟ ସୁରକ୍ଷିତ ରହିହେବ।



# ଆମ ତଥ୍ୟ ଆମ ସମ୍ପତ୍ତି

ଡ. ନରେନ୍ଦ୍ର ସେଠୀ

ନିକଟରେ ତଥ୍ୟ ଚୋରି ଅଭିଯୋଗରେ ପିଲାମାନଙ୍କ ଦ୍ୱାରା ଅତି ଲୋକପ୍ରିୟ ତିନୋଟି ଗେମିଙ୍ଗ ଆପକୁ ଗୁଗଲ ପ୍ଲେଷ୍ଟୋରରୁ ବାହାର କରି ଦିଆଯାଇଛି। ଏହି ତିନୋଟି ଆପ ପ୍ରାୟ ଦୁଇ କୋଟି ପିଲାଙ୍କ ମୋବାଇଲରେ ଥିଲା ଓ ଏହାଦ୍ୱାରା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରି ବ୍ୟବସାୟିକ ଧନ୍ଦାରେ ଲଗେଇଥିବାର ଅଭିଯୋଗ ଲାଗିଛି। ଏପରି କି ପିଲାମାନଙ୍କ ସମ୍ପର୍କିତ ତଥ୍ୟ ଚୋରି ହୋଇ ବିକ୍ରି କରାଯାଇଛି ବୋଲି ମଧ୍ୟ ଆଶଙ୍କା ବ୍ୟକ୍ତ କରାଯାଉଛି। ବ୍ୟବହାରକାରୀର ଆଣ୍ଡ୍ରଏଡ ଆଇଡି ଦ୍ୱାରା ପିଲାମାନଙ୍କ ମାତାପିତାଙ୍କ ସମ୍ପର୍କିତ ତଥ୍ୟ ମଧ୍ୟ ଚୋରି ହୋଇଥିବାର ଭୟ ରହିଛି। ଅନେକ ବିଶେଷଜ୍ଞଙ୍କ ମତରେ ବର୍ତ୍ତମାନର ସାଇବର ଯୁଗରେ ତଥ୍ୟ ବା ଡାଟା ସେତିକି ଦରକାରୀ ଯେମିତି ଶିଳ୍ପାୟନ କ୍ରାନ୍ତିରେ ପେଟ୍ରୋଲର ମହତ୍ତ୍ୱ ଥିଲା।

ଇଣ୍ଟରନେଟ କମ୍ପାନୀଗୁଡିକର ଡାଟା ହେଉଛି ଆଗକୁ ଯିବା ପାଇଁ ଇନ୍ଧନ କହିଲେ ଭୁଲ୍ ହେବନି। ବର୍ତ୍ତମାନ ସମୟରେ ଡାଟା ଏକ ସବୁଠୁ ଜଟିଳ ଓ ମହଙ୍ଗା ବେପାର। ଆପଣଙ୍କ ହାତରେ ଥିବା ମୋବାଇଲ ଆପ୍‌ଗୁଡିକ ଆପଣଙ୍କର ନାମ, ବୟସ, ଜନ୍ମସ୍ଥାନ, ରୁଚି, ଅରୁଚି, ରାଜନୈତିକ ଦୃଷ୍ଟି ଇତ୍ୟାଦିର ସବୁ ତଥ୍ୟ ରଖେ। ଏସବୁ ତଥ୍ୟ ପରଦିନ ସକାଳ ହେବା ପୂର୍ବରୁ କୋଡ଼ି କୋଡ଼ି ସଂସ୍ଥାନଗୁଡିକ ବିକ୍ରି କରି ଦିଆଯାଉଛି। ମୋବାଇଲ ସର୍ଭର ଆପଣଙ୍କୁ ମୁକ୍ତ ସେବା ଦେବା ବଦଳରେ ଆପଣଙ୍କ ଆବଶ୍ୟକତା, ପସନ୍ଦ ଅପସନ୍ଦ, ପରିଚିତ ଅପରିଚିତ, ଅଭ୍ୟାସ, କିଣୁଥିବା ଜିନିଷ ଇତ୍ୟାଦିର ଡାଟା ଏକାଠି କରି ରଖେ। ଏହି ସବୁ ତଥ୍ୟକୁ ବିଶ୍ଳେଷକମାନେ ଅନୁଧ୍ୟାନ କରନ୍ତି ଓ ଆମ ଅଜାଣତରେ ଏହା ଅନେକ ଜାଗାରେ ବିକ୍ରି ସରିଥାଏ। ଏହି ବ୍ୟାପକ ଡାଟା ବେପାରରେ ଦଲାଲ ଅଛନ୍ତି ଆଉ କିଣୁଥିବା ଚୋର ତସ୍କର ମଧ୍ୟ। ଗ୍ଲୋବାଲ ବିଜନେସ ଦୁନିଆର ସବୁଠୁ ବଡ଼ ମୂଲ୍ୟବାନ ସମ୍ପତ୍ତି ଡାଟା ବା ତଥ୍ୟ। କମ୍ପାନୀମାନେ ତାଙ୍କର ବାଣିଜ୍ୟ ଲକ୍ଷ୍ୟ ପ୍ରାପ୍ତି ପାଇଁ ଏହି ଡାଟାକୁ ହାତେଇବାକୁ ଅନେଇ ରହନ୍ତି। ଏହି କାମରେ ସବୁଠୁ ବେଶି ଉପଯୋଗୀ ହୁଏ ମୋବାଇଲ ଆପ୍। ଏହା ଜରିଆରେ ଉପଯୋଗୀ ଗ୍ରାହକ ସମ୍ପର୍କିତ ଡାଟାକୁ ଚୋରି କରି ନିଆଯାଏ। ଯୋଉଥିପାଇଁ ବିଦେଶର ସବୁ କମ୍ପାନୀ ବୃହତ୍‌କାୟ ଭାରତୀୟ ବଜାରର ଡାଟା ନେବାକୁ ତତ୍ପରତା ପ୍ରକାଶ କରିଥାନ୍ତି। ତେବେ ନିକଟରେ ଭାରତ ସରକାରଙ୍କ ଏକ ଦୃଢ଼ ଓ କଠୋର ନିଷ୍ପତ୍ତି ଫଳରେ ୫୯ଟି ଲୋକପ୍ରିୟ ଚାଇନିଜ ଆପ୍‌କୁ ବ୍ୟାନ୍ କରାଗଲା। ଏଥି ମଧ୍ୟରେ ଟିକ୍‌ଟକ୍, କ୍ୟାମ ସ୍କାନର ଓ ହେଲୋ ପ୍ରଭୃତି ଆପ୍ ଅଛି।

ଭାରତ ସରକାରଙ୍କ ମତ ଅନୁଯାୟୀ ଏହି ଲୋକପ୍ରିୟ ଆପ୍‌ଗୁଡିକ ଜରିଆରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚାଇନା ପାଖରେ ପହଞ୍ଚୁଥିଲା, ଯାହା ଆମ ଦେଶର ସମ ପ୍ରଭୁତା ଓ ଅଖଣ୍ଡତା ସହ ସୁରକ୍ଷା ମଧ୍ୟ ବିପଦରେ ପଡିଥିଲା। ଏକ ଆକଳନ ଅନୁଯାୟୀ ଏହି ଚାଇନା ଆପ୍‌ଗୁଡିକର ଆୟର ଶତକଡା ତିରିଶରୁ ଚାଳିଶ ଭାଗ ଭାରତରୁ ଆସିଥାଏ। ଟିକ୍‌ଟକ୍ ଏବର୍ଷ ସେପ୍ଟେମ୍ବର ସୁଦ୍ଧା ଶହେ କୋଟି ଟଙ୍କା ଆୟ ଲକ୍ଷ୍ୟ କରିଥିବାର ଅନୁମାନ କରାଯାଏ। ସେହିପରି ଅନ୍ୟତମ ଚାଇନା କମ୍ପାନୀ ଆଲିବାବା ନିର୍ମିତ ୟୁସି ବ୍ରାଉସର ଭାରତରେ ୧୩ କୋଟି ଲୋକଙ୍କ ମୋବାଇଲ ଫୋନରେ ବ୍ୟବହାର କରାଯାଉଥିଲା। ଏହା ୨୦୧୮-୧୯ ଆର୍ଥିକବର୍ଷରେ ଭାରତରୁ ୨୨୬ କୋଟି ଟଙ୍କା ଆୟ କରିଥିଲା। ସୂଚନାଯୋଗ୍ୟ ଯେ, ୟୁସି ବ୍ରାଉସରର ଭାରତରେ କର୍ମଚାରୀ ସଂଖ୍ୟା ଶହେରୁ ମଧ୍ୟ କମ। ସେହିପରି ଶେୟାରିଟ ଭଳି ଫାଇଲ ଶେୟାରିଂ ଆପ୍ ଯାହାର ଭାରତରେ ୪୦ କୋଟିରୁ ଅଧିକ ବ୍ୟବହାରକାରୀ ଥିଲେ ଏହାର ଆୟ ୨୦୧୮-୧୯ରେ ୧୫ କୋଟି ଟଙ୍କା ଥିଲା। ଅନ୍‌ଲାଇନ ଜିନିଷ କିଣାବିକା କରୁଥିବା କ୍ଲବ ଫ୍ୟାକ୍ଟ୍ରି ବିଗତ ଆର୍ଥିକ ବର୍ଷରେ ୧୭୨ କୋଟି ଟଙ୍କାର ବାଣିଜ୍ୟ ଭାରତରେ କରିଥିଲା। ଏହି ସବୁ ଆପ ଜରିଆରେ ଭାରତ ବିରୋଧୀ ଗତିବିଧିକୁ ବଢ଼େଇବାରେ ଚାଇନା ଲାଗିଥିଲା। ନିକଟରେ ଯୁକ୍ତରାଷ୍ଟ୍ର ଆମେରିକା ଚାଇନାର ବୃହତ୍ ସଫ୍ଟୱେୟାର କମ୍ପାନୀ ହୁଏଇ ଓ ଜେଡିଇକୁ ବ୍ଲାକ ଲିଷ୍ଟ କରିଛି। ଏହା ପୂର୍ବରୁ ଆମେରିକାର ସରକାରୀ ସ୍ମାର୍ଟ ଫୋନଗୁଡିକରେ ଚାଇନା ଆପ୍‌କୁ ବାସନ୍ଦ କରାଯାଇଥିଲା। ଚାଇନା କିପରି ଆମର ବ୍ୟକ୍ତିଗତ ତଥ୍ୟ ଚୋରାଇ ନିଏ ତାହାର ଏକ ବଢିଆ ଉଦାହରଣ ହେଲା କ୍ୟାମ ସ୍କାନର ଆପ୍। ଏହି ଆପ୍ ଜରିଆରେ ଆପଣ ଯାହା ସ୍କାନ କରିବେ ତାହା ଚାଇନା ପହଞ୍ଚି ଥାଏ ଓ ସେଠାରେ ଥିବା ସର୍ଭରରେ ଜମା ହୁଏ। ତେଣୁ ଏପର୍ଯ୍ୟନ୍ତ କିପରି ଭାବରେ ଓ କେତେ ତଥ୍ୟ ଚାଇନା ଆମ ସ୍ମାର୍ଟ ଫୋନରୁ ଚୋରି କରିଛି ତାହା କଳ୍ପନା କରା ଯାଇ ପାରେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଚାଇନା ୨୦୦୮ରେ ଆମେରିକାର ପ୍ରସିଦ୍ଧ ସାଇଆଲ ମିଡିଆ ଆପ୍ ଫେସବୁକ୍‌କୁ ଡାଟା ଚୋରି ଅଭିଯୋଗରେ ବ୍ୟାନ୍ କରିଥିଲା। ଏପରି କି ଚାଇନାରେ ୱାଟ୍ସଆପ, ନେଟ୍‌ଫ୍ଲିକ୍ସ, ଗୁଗଲ ପ୍ରଭୃତି ଲୋକପ୍ରିୟ ଆପ୍‌ର ମଧ୍ୟ ବିକଳ୍ପ ଅଛି। ସେମାନେ ବିଦେଶୀ ଆପ୍ ବ୍ୟବହାର କରନ୍ତି ନାହିଁ।

ବିଗତ କିଛିଦିନ ଭିତରେ ଅଷ୍ଟ୍ରେଲିଆ ଓ ଆମେରିକାରେ ଯୋଉଭଳି ଭାବରେ ଚାଇନା ହ୍ୟାକରମାନଙ୍କର ପ୍ରାଦୁର୍ଭାବ ରହିଲା ସେଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଚାଇନା ସାଇବର କ୍ରାଇମରେ ମଧ୍ୟ ପାରଙ୍ଗମ ହାସଲ କରିଛି। ତେବେ ଏହି ସବୁ ଆପ୍ ବ୍ୟାନ ହେବା ଫଳରେ କେତେ ଆର୍ଥିକ କ୍ଷତି ଚାଇନାକୁ ଭୋଗିବାକୁ ପଡିଲା ତାହାର ପ୍ରକୃତ ଆକଳନ କରିବା ମୁସ୍କିଲ। କାରଣ ପ୍ରାୟ ସବୁ ଆପ୍ ମାଗଣାରେ ମିଳେ ଓ ବ୍ୟବହାରକାରୀଙ୍କ ସଂଖ୍ୟା ବଢିଲେ ବିଜ୍ଞାପନ ଜରିଆରେ ଆୟ ହୋଇଥାଏ। ଏଠାରେ ଉଲେଖଯୋଗ୍ୟ ଯେ, ୨୦୧୯ରେ ଡାଉନ୍ ଲୋଡ୍ ହୋଇଥିବା ଆପ୍‌ଗୁଡିକ ମଧ୍ୟରେ ଟିକ୍‌ଟକ୍ ସବୁଠୁ ଉପରେ ଥିଲା ଓ ଲିଷ୍ଟରେ ପ୍ରଥମ ଦଶଟି ଆପ୍ ମଧ୍ୟରେ ଛ'ଗୋଟି ଆପ୍ ଚାଇନାର ଥିଲା। ସବୁଠୁ ରୋଚକ ତଥ୍ୟ ହେଲା ଭାରତରେ ୨୦୧୫ ପର୍ଯ୍ୟନ୍ତ ଆମେରିକୀୟ ଆପ୍‌ଗୁଡିକର ଦବଦବା ଥିଲା, ମାତ୍ର ଚାରିବର୍ଷ ମଧ୍ୟରେ ଚାଇନା ଆପ୍ ଗୁଡିକ ଭାରତରେ କାୟା ବିସ୍ତାର କରିଥିଲେ।

୨୦୧୭ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ତା'ର ସବୁ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଜ ଫୋନରେ ଚାଇନା ଆପ୍‌କୁ ବ୍ୟବହାର ନ କରିବା ପାଇଁ ଏକ ଆଦେଶନାମା ଜାରି କରିଥିଲା। ବିଳମ୍ବରେ ହେଉ ପଛେ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ଆମର ଡାଟା ସୁରକ୍ଷିତ ରହିବା ସଙ୍ଗେ ସଙ୍ଗେ ଭାରତୀୟ ଆପ୍ ନିର୍ମାତାଙ୍କୁ ଏକ ସୁବର୍ଣ୍ଣ ସୁଯୋଗ ଆଣିଦେବ। ଏହା ଚାଇନା ଉପରେ ଆମର ନିର୍ଭରତାକୁ କମ୍ କରିବା ସଙ୍ଗେ ସଙ୍ଗେ ଆତ୍ମ ନିର୍ଭରଶୀଳ ଭାରତ ଆଡ଼କୁ ଅଗ୍ରସର ହେବ। ଯେହେତୁ ଚାଇନା ଲୋକାଲ ବଜାରକୁ ଓ ଉତ୍ପାଦନକାରୀଙ୍କୁ ଶେଷ କରିଦିଏ ସେଥିନେଇ ତା'ର ଆଧିପତ୍ୟକୁ କମ୍ କରିବା ନିହାତି ଜରୁରୀ। ତେବେ କେବଳ ଆପ୍ ବ୍ୟାନ୍ କରିଦେଲେ କଥା ସରିଯିବନି। ଭାରତର ଅନେକ ଷ୍ଟାର୍ଟଅପ ଓ ଇନ୍‌ଫ୍ରା ପ୍ରୋଜେକ୍ଟରେ ଚାଇନା କମ୍ପାନୀଗୁଡିକର ବିପୁଳ ଅର୍ଥ ବିନିଯୋଗ ମଧ୍ୟ ଏକ ବଡ଼ ଚିନ୍ତାର ବିଷୟ। ଖାଲି ଏତିକି ନୁହେଁ, ଭାରତୀୟ ମୋବାଇଲ ବଜାରରେ ଚାଇନା କମ୍ପାନୀଗୁଡ଼ିକର ଆଧିପତ୍ୟ ମଧ୍ୟ ରହିଛି। ଏସବୁ ସମୟରେ ଯଦି ଚାଇନା ପାଇଁ ସବୁ ଦ୍ୱାର ବନ୍ଦ ହେଇଯାଏ ନିଶ୍ଚିତ ପକ୍ଷେ ତାକୁ ଏକ ବଡ଼ ଆର୍ଥିକ ଧକ୍କା ଲାଗିବ। ଏହା ଗଲୱାନ ଘାଟିରେ ଶହୀଦ ହୋଇଥିବା କୋଡିଏ ଜଣ ସୈନିକଙ୍କ ପାଇଁ ଏକ ବଡ଼ ଶ୍ରଦ୍ଧାଞ୍ଜଳି କହିଲେ ଭୁଲ୍ ହେବନି।

ବୈଜ୍ଞାନିକ, ଭାବା ପରମାଣୁ ଗବେଷଣା କେନ୍ଦ୍ର
ଯାଦୁଗୁଡା, ପୂର୍ବ ସିଂଭୁମି, ଝାଡ଼ଖଣ୍ଡ
ମୋ-୯୪୭୦୧୩୮୦୧୦



# ଭିକ୍ଷା, ଭିକ୍ଷୁକ ଓ ଦାନ

ଡ. ସତ୍ୟନାରାୟଣ ମିଶ୍ର

ଇତିହାସ ଲେଖା ଅୟମାରମ୍ଭର ବହୁ ପୂର୍ବରୁ ମାନବ ସମାଜରେ ଭିକ୍ଷାର ପ୍ରଚଳନ ହୋଇଆସୁଅଛି। ଭିକ୍ଷା ହେଉଛି ଏକ ନିଷ୍ଠୁର ଓ ଚରମ ପନ୍ଥା, ଯାହା ସମାଜରେ ଏକ ଭିନ୍ନ ଶ୍ରେଣୀର ପରିଚୟ ଦେଇଥାଏ। ଭିକ୍ଷା ହେଉଛି ପ୍ରତିକ୍ରିୟାର କ୍ରିୟା। ଯେତେବେଳେ ମନୁଷ୍ୟଠାରେ ବଞ୍ଚିବାର ସମସ୍ତ ଦ୍ୱାର ଯେକୌଣସି କାରଣରୁ ବନ୍ଦ ହୋଇଯାଏ, ଜୀବନକୁ ବଞ୍ଚାଇବା ପାଇଁ ମଣିଷ ସେତେବେଳେ ଭିକ୍ଷାବୃତ୍ତିକୁ ହିଁ ଆଦରି ନେଇଥାଏ। ବୌଦ୍ଧଧର୍ମରେ ଗୌତମ ବୁଦ୍ଧ ବୌଦ୍ଧ ସନ୍ନ୍ୟାସୀମାନଙ୍କୁ ବୌଦ୍ଧ ଭିକ୍ଷୁ ବୋଲି ପରିଚୟ ଦେଉଥିଲେ। ମୋକ୍ଷ ପ୍ରାପ୍ତି ପାଇଁ ଭିକ୍ଷା ହେଉଛି ଏକମାତ୍ର ପନ୍ଥା ବୋଲି ବୌଦ୍ଧ ଧର୍ମାବଲମ୍ବୀମାନେ ମାନିଥାନ୍ତି ଓ ବଞ୍ଚିବା ପାଇଁ ସେମାନେ ଭିକ୍ଷା ଦେହି ... ସ୍ତବକୁ ଆଦରି ନେଇଥାନ୍ତି। ହିନ୍ଦୁଧର୍ମର ବର୍ଣ୍ଣାଶ୍ରମ ନୀତିରେ ଗୃହସ୍ଥମାନେ ଭିକ୍ଷା ପ୍ରଦାନ କରିବା ବିଧେୟ ବୋଲି କୁହାଯାଇଅଛି। ଭାରତବର୍ଷର ପରମ୍ପରାରେ ନିଜର ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ବା ପ୍ରତିଶ୍ରୁତିବଦ୍ଧତାକୁ ପ୍ରମାଣ ଦେବାକୁ ଯାଇ ଭିକ୍ଷା ବୃତ୍ତିକୁ ଧରାପୃଷ୍ଠରେ ଜୀବନ ନିର୍ବାହର ଏକ ପନ୍ଥା ବୋଲି ସ୍ୱୀକୃତ ହୋଇଅଛି। ଏପରିକି ଭଗବାନ ବାମନ ଅବତାରରେ ନିଜେ ମଧ୍ୟ ଭିକ୍ଷା ବୃତ୍ତି କରିଛନ୍ତି। ଭିକ୍ଷା ଦୟାର ଅଂଶ ନୁହେଁ। ଭିକ୍ଷା ସୁଖ ସ୍ୱାଚ୍ଛନ୍ଦ୍ୟ ଓ ଆମୋଦ ପ୍ରମୋଦ ପାଇଁ ହେଲେ ନିନ୍ଦନୀୟ, ଅପମାନ ଅଟେ। ମାତ୍ର ଭିକ୍ଷା ଯଦି ଜୀବନ ନିର୍ବାହ ଓ ସମୂହ ହିତାର୍ଥେ ପ୍ରୟୋଜନ ହୋଇଥାଏ ତେବେ ତାହା ପୁଣ୍ୟ କର୍ମ। ସୃଷ୍ଟିର ପ୍ରତ୍ୟେକ ମନୁଷ୍ୟ ଜନ୍ମରୁ ଭିକ୍ଷୁକ ହୋଇଥାନ୍ତି ଓ ଜୀବଦ୍ଦଶା ମଧ୍ୟରେ କେବଳ ଭିକ୍ଷା ମାଗି ମାଗି ଜୀବନ ଅତିବାହିତ ହୋଇଥାଏ, ଯାହା ମନୁଷ୍ୟ ନିଜେ ଜାଣିପାରେ ନାହିଁ। ମନୁଷ୍ୟ ପ୍ରଥମେ ଧରାପୃଷ୍ଠରେ ବଞ୍ଚିବା ପାଇଁ ମା'ଠାରୁ ଦୁଗ୍ଧ ପାନର ଭିକ୍ଷା କରିଥାଏ। ଶିକ୍ଷା ନିମିତ୍ତ ଶିଷ୍ୟ ଗୁରୁଠାରୁ ଜ୍ଞାନ ଭିକ୍ଷା ଗ୍ରହଣ କରିଥାନ୍ତି। ଅନ୍ନ ଜଳର ଆବଶ୍ୟକତାକୁ ଲାଘବ ଓ ବଞ୍ଚିବାର ରାହାକୁ ଚରିତାର୍ଥ କରିବା ପାଇଁ ବା ସମାଜର ମଙ୍ଗଳ ନିମିତ୍ତ ଭିକ୍ଷାକୁ ଯଦି ବୃତ୍ତି ହିସାବରେ ନିଆଯାଏ ତେବେ ତାହା ଗ୍ରହଣୀୟ ହୋଇଥାଏ। ମାତ୍ର ଭିକ୍ଷାକୁ ଯଦି ନ୍ୟସ୍ତସ୍ୱାର୍ଥ ପ୍ରବୃତ୍ତି କରାଯାଏ ତେବେ ତାହା କର୍ମକାତରତା ଓ ଶଠତାର ପରିଚୟ ଦେଇଥାଏ। ଏହା ଅପରାଧ ବୋଲି ବିବେଚନା କରାଯାଏ ଓ ସେଥିରୁ ନିବୃତ୍ତ ହେବା ଉଚିତ।

ଭାରତରେ ୨୦୧୫ ମସିହା ସୁଦ୍ଧା ୪,୧୩,୬୭୦ ଜଣ ଭିକ୍ଷୁକ ଅଛନ୍ତି ବୋଲି ଏକ ସର୍ବେକ୍ଷଣରୁ ପ୍ରମାଣ ମିଳେ। ସେଥିମଧ୍ୟରୁ ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶରେ ସର୍ବାଧିକ ଭିକ୍ଷୁକ ଭିକ୍ଷାକୁ ଆଦରି ଜୀବନ ନିର୍ବାହ କରୁଛନ୍ତି। ଭାରତରେ ସର୍ବପ୍ରଥମେ ମହାରାଷ୍ଟ୍ର ସରକାର 'ବମ୍ବେ ଭିକ୍ଷା ଦୂରୀକରଣ ଆଇନ' (ବମ୍ବେ ପ୍ରିଭେନଶନ ଅଫ୍ ବେଗିଙ୍ଗ ଆକ୍ଟ (ବିପିବିଏ)୧୯୫୯) ରେ ଏକ ଆଇନ ପ୍ରଣୟନ କରି ଭିକ୍ଷା ବୃତ୍ତିକୁ ନିଷେଧ କରିଥିଲେ ଓ ଏହାର ଉଲ୍ଲଂଘନ କଲେ ସ୍ୱତନ୍ତ୍ର ଭିକ୍ଷୁକ ଅଦାଲତରେ ବିଚାର ନିଷ୍ପତ୍ତି କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ବିଭିନ୍ନ ଦୃଷ୍ଟିକୋଣକୁ ବିଚାରକରି ଦିଲ୍ଲୀର ଉଚ୍ଚତମ ନ୍ୟାୟାଳୟ ଭିକ୍ଷାକୁ ଏକ ଅପରାଧ ବୋଲି ବିବେଚନା କଲେ ନାହିଁ ବରଂ ବଞ୍ଚିବାର ଏକ ପନ୍ଥା ବୋଲି ଅଭିହିତ କଲେ। ସମାଜରେ ଅବହେଳିତ ତଥା ନିକ୍ଷେପିତ ବ୍ୟକ୍ତିମାନଙ୍କୁ ଭିକ୍ଷା ହିଁ ଏକ ସହାୟକ ପନ୍ଥା ହୋଇଥାଏ ବୋଲି ବିବେଚନା କରିବା ଦରକାର ଓ ଏଥିପ୍ରତି ଏକତରଫା ଭାବେ ଉକ୍ତ ପନ୍ଥାକୁ ବିବେଚନା କରି ବଞ୍ଚିବାର ଶେଷ ରାହାକୁ ଦମନ କରିବା ଅନ୍ୟାୟ ବୋଲି ବିବେଚନା କରାଯାଏ। ପ୍ରକୃତରେ ଭିକ୍ଷା ଜୀବନର ଅନ୍ତିମ ପନ୍ଥା ବୋଲି ବିଚାର କରି ମାନସିକ ଭାରସାମ୍ୟ ହରାଇ ଭିକ୍ଷାବୃତ୍ତି କରିବା ହେଉଛି ବଞ୍ଚିବାର ଏକମାତ୍ର ଶିକ୍ଷା ବ୍ୟତୀତ ଅନ୍ୟ କିଛି ନୁହେଁ।

ଅନ୍ୟ ଦୃଷ୍ଟିରୁ ଆଲୋଚନା କଲେ ସମାଜର ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ଜଣେ ଜଣେ ଭିକ୍ଷୁକ। କିଏ ଧର୍ମ ପାଇଁ ଭିକ୍ଷୁକ ତ ପୁଣି କିଏ ଜ୍ଞାନ ପାଇଁ, କିଏ ଧନ ପାଇଁ ଭିକ୍ଷୁକ ତ ପୁଣି କିଏ ଶିକ୍ଷା ପାଇଁ, କିଏ ସେବା ପାଇଁ ଭିକ୍ଷୁକ ତ ପୁଣି କିଏ କର୍ମ ପାଇଁ, କିଏ ମୋକ୍ଷ ପାଇଁ ଇତ୍ୟାଦି ଇତ୍ୟାଦି। ମଣିଷ ଯେତେବେଳେ ମନ୍ଦିରକୁ ଯାଏ ସେତେବେଳେ ଭଗବାନଙ୍କ ନିକଟରେ ନିଜର ମନୋବାଞ୍ଛା ପୂରଣ ପାଇଁ ଭିକ୍ଷା ମାଗିଥାଏ, ଯାହା ଥାଏ ଅଲକ୍ଷ୍ୟ ଭିକ୍ଷା ଓ ସେ ମନ୍ଦିର ମଧ୍ୟରେ ଭଗବାନଙ୍କ ସମ୍ମୁଖରେ ଭିକ୍ଷୁକ। ତାହା ଥାଏ ଦ୍ୱିପାକ୍ଷିକ ଭିକ୍ଷା ଓ ଦାନ। ମାତ୍ର ସେତେବେଳେ ଉକ୍ତ 'ଭିକ୍ଷୁକ'ର ସଂଜ୍ଞା ପରିବର୍ତ୍ତନ ହୋଇ 'ଭକ୍ତ' ହୋଇଥାଏ ଓ ଭଗବାନଙ୍କୁ ନେହୁରା ହୋଇ ଅଭୀଷ୍ଟ ସିଦ୍ଧି ପାଇଁ ମାଗିଥାଏ, ଯାହାକୁ ଭିକ୍ଷା କୁହାଯାଏ। ଠିକ୍ ସେହିପରି ମନ୍ଦିରରୁ ବାହାରକୁ ଆସିଲେ ଉକ୍ତ ଭିକ୍ଷୁକ ଭକ୍ତ 'ଦାତା' ଭକ୍ତରେ ରୂପାନ୍ତରିତ ହୋଇ ଅନ୍ନଜଳର ସନ୍ଧାନରେ ଖୋଜି ବୁଲୁଥିବା ଭିକ୍ଷୁକମାନଙ୍କୁ ଦେଇଥାନ୍ତି କିଛି କିଛି ଅର୍ଥ ବା ସାମଗ୍ରୀ, ଯାହା ଭିକ୍ଷା ନାମରେ ପରିଚିତ ଓ ଯିଏ ଗ୍ରହଣ କରେ ତାହାକୁ ଭିକ୍ଷୁକ କହନ୍ତି। ଉକ୍ତ ଦିଆନିଆଗୁଡ଼ିକ ସର୍ବଜନରେ ଦୃଶ୍ୟମାନ ହେଉଥିବାରୁ ତାହା ଆଲୋଚନାକୁ ଆସିଥାଏ। ମାତ୍ର ମନ୍ଦିର ମଧ୍ୟରେ ଭଗବାନ ଓ ଭକ୍ତ ମଧ୍ୟରେ ଯେଉଁ ଗୁହାରି ଓ ଭିକ୍ଷା ପ୍ରାର୍ଥନା ହୁଏ ତାହା ଥାଏ ଭିନ୍ନ। ସେଠାରେ ନ ଥାଏ ଅନ୍ନଜଳର ସନ୍ଧାନ ପାଇଁ ଭିକ୍ଷା, ତାହା ଥାଏ ସମ୍ପୂର୍ଣ୍ଣ ଭିନ୍ନ ଭିକ୍ଷା। ମାତ୍ର ସର୍ବଜନରେ ଭିକ୍ଷା ଥାଏ ଅନ୍ନ ଜଳର ସନ୍ଧାନର ଅନ୍ୱେଷଣର କର୍ମ।

ଭିକ୍ଷାର ଉପାଦାନ କ'ଣ ଥାଏ ତାହା ଦାତାର ସାମର୍ଥ୍ୟ ଓ ଇଚ୍ଛା ଉପରେ ନିର୍ଭର କରିଥାଏ। ମାତ୍ର ଭିକ୍ଷା ଦେବା ଓ ଭିକ୍ଷା ଗ୍ରହଣ କରିବା ହେଉଛି ଏକ ନମ୍ରତାର ପ୍ରତୀକ। ପତଞ୍ଜଳିଙ୍କର ଅପରିଗ୍ରହ ନୀତି ଦର୍ଶାଇଥାଏ ଯେ କୌଣସି ଦାନ ଗ୍ରହଣ କରିବା ହେଉଛି ଯୋଗସୂତ୍ରର ନୀତିବିରୁଦ୍ଧ। ମାତ୍ର କୂପ ବା ପୁଷ୍କରିଣୀ ଖନନ, ଆଶ୍ରୟ ବିଶ୍ରାମ ଗୃହ ନିର୍ମାଣ, ଚିକିତ୍ସାଳୟ ନିର୍ମାଣ ଆଦି ଦାନ କାର୍ଯ୍ୟ ହେଉଛି ଉତ୍ତମ ଦାନ, ଯାହା ଅହିଂସା, କରୁଣା ଓ ଦୟା ଦ୍ୱାରା ଆଚ୍ଛାଦିତ ହୋଇଥାଏ। ଗୀତାରେ ଦାନର ପ୍ରକାର ଭେଦକୁ ବର୍ଣ୍ଣନା କରି କୁହାଯାଇଛି ଯେ, ସାତ୍ତ୍ୱିକ ଦାନ ହେଉଛି ଦାନ ଦେଇ ଦାତା କେବେ ପରବର୍ତ୍ତୀ ସମୟରେ ଦାନ ଗ୍ରହୀତାଙ୍କଠାରୁ କିଛି ଆଶା କରେ ନାହିଁ। ତାମସ ଦାନ ହେଉଛି ଅନୁପଯୁକ୍ତ ସମୟ, ଅନୁପଯୁକ୍ତ ସ୍ଥାନ ଓ ଅନୁପଯୁକ୍ତ ବ୍ୟକ୍ତିକୁ ଦାନ ପ୍ରଦାନ କରିବା ଯାହାର ଦାନ ଗ୍ରହଣ କରିବାର ଆବଶ୍ୟକତା ନଥାଏ ବା ଉକ୍ତ ଦାନ ଗ୍ରହଣ କରିବାର ଯୋଗ୍ୟତା ନ ଥାଏ। ଗୀତା ତତ୍ତ୍ୱକୁ ବିନ୍ୟାସ କଲେ ମନ୍ଦିର ନିକଟରେ ଉପଯୁକ୍ତ ଗ୍ରହୀତାଙ୍କୁ ଭିକ୍ଷା ଦେବା ବା ଦାନ କରିବା ହେଉଛି ସାତ୍ତ୍ୱିକ ଦାନ ବା ଭିକ୍ଷା, କାରଣ ସେଥିରେ ଦାତାର ଗ୍ରହୀତାଙ୍କଠାରୁ ଭବିଷ୍ୟତରେ କିଛି ପାଇବାର ଆଶା ନଥାଏ। ବିନୋବା ଭାବେଙ୍କ ଅନୁଯାୟୀ ଭୂ-ଦାନ ଆନ୍ଦୋଳନ ହେଉଛି ଭୂମିହୀନଙ୍କୁ ଭୂମି ଦାନ, ଯାହା ଆବଶ୍ୟକତାକୁ ଚରିତାର୍ଥ କରିଥାଏ। ଭୂମି ଅଧିକ ଥିବା ବ୍ୟକ୍ତି ଭୂମି ନ ଥିବା ବ୍ୟକ୍ତିଙ୍କୁ ଦାନ କରିଥାନ୍ତି, ଯାହାକୁ ଭୂ-ଦାନ ବା ପ୍ରେମଦାନ ବୋଲି କୁହାଯାଏ। କାରଣ ଏଥିରେ ଥାଏ ନିଜର ଇଚ୍ଛା ଓ ଭାବନାର ପ୍ରେମ। ତେଣୁ ଶ୍ରମ ଦାନ, ସମ୍ପତ୍ତି ଦାନ, ବିଦ୍ୟା ଦାନ, ଜୀବନ ଦାନ ଆଦି ଏକ ଏକ ମହତ୍ତର ପରାକାଷ୍ଠା। ଉକ୍ତ ଦାନଗୁଡ଼ିକର ଉଦ୍ଦେଶ୍ୟ ହେଉଛି ସମାଜରେ ପରିବର୍ତ୍ତିତ ପରିସ୍ଥିତିରେ ସମାନୁପାତିକ ସ୍ଥିତାବସ୍ଥାରେ ସମନ୍ୱୟ ରକ୍ଷା କରିବା।

ଅଭିଲେଖାଧିକାରୀ, ଜାତୀୟ ଅଭିଲେଖାଗାର
ମୋ-୯୯୩୭୩୪୫୯୦୦

## ଏଇ ଭାରତରେ

ଜମି ପାଖରେ ନ ରହିଲେ ବି ଚାଷ ସମ୍ଭବ ଏହା ପ୍ରମାଣ କରିଛନ୍ତି ହିମାଚଳ ପ୍ରଦେଶର ତେଜସ୍ୱୀ ଡୋଗ୍ରା। ସେ ଘରଠାରୁ ୧୦୦ କି.ମି. ଦୂରରେ ରହି ରିମୋଟ୍ ଫାର୍ମିଂ ପଦ୍ଧତିରେ ଆପଲ ଚାଷ କରୁଛନ୍ତି। ପେସାରେ ସେ ଜଣେ ଓକିଲ। ଏସିଆର ସବୁଠୁ ଧନୀ ଗାଁ ଭାବେ ଜଣାଶୁଣା ହିମାଚଳ ପ୍ରଦେଶର ମଡ଼ାବଗରେ ଥିବା ତାଙ୍କ ଆପଲ ବଗିଚାର ଜଳସେଚନ ଓ ତାପମାତ୍ରା ନିୟନ୍ତ୍ରଣ ଆଦି କାର୍ଯ୍ୟ ସ୍ମାର୍ଟଫୋନ ମାଧ୍ୟମରେ ସଞ୍ଚାଳନ କରୁଛନ୍ତି। ବଗିଚାରେ ସ୍ୱୟଂଚାଳିତ ସ୍ପ୍ରେୟର ଲଗାଇ ସିଞ୍ଚନ ପ୍ରଣାଳୀରେ ଜଳସେଚନ କରୁଛନ୍ତି। ସ୍ମାର୍ଟଫୋନ୍‌ରେ ଥିବା ମୋବାଇଲ ଆପ୍ଲିକେଶନ ତାପମାତ୍ରା, ଆର୍ଦ୍ରତା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରୁଛି। ବଗିଚାରେ କେହି ନଷ୍ଟ କରିବାକୁ ଚେଷ୍ଟା କଲେ ତାହା ମଧ୍ୟ ସେ ଜାଣିପାରୁଛନ୍ତି। ସ୍ମାର୍ଟଫୋନ୍‌ରେ ସ୍ମାର୍ଟ ସ୍ପିକର ଇଣ୍ଟିଗ୍ରେଟେଡ ଆଲେକ୍ସ(ଯାହା କ'ଣ କରିବାକୁ ହେବ ତାହା କହିପାରିବ) ଏବଂ ଗୋଟିଏ ସେଟ୍ ମାଇକ୍ରୋପ୍ରୋସେସରକୁ ପ୍ରୋଗ୍ରାମ କରିବା ପରେ ରିମୋଟ୍‌ରେ ନିୟନ୍ତ୍ରଣ କରାଯାଉଛି। ମାଟିର ଆର୍ଦ୍ରତା କମୁଥିବାର ଜାଣିବା ପରେ ସିଷ୍ଟମ ମାଧ୍ୟମରେ ଜଳସେଚନ କରିପାରୁଛନ୍ତି। ସେ ଅଧ ଏକରରେ ଇଟାଲୀରୁ ଆପଲ ଗଛ ଆଣି ଲଗାଇ ଏହି ପଦ୍ଧତିରେ ପରୀକ୍ଷାମୂଳକ ଭାବେ ଭଲ ଉତ୍ପାଦନ ପାଇଛନ୍ତି। ଏବେ ସେ ପିଏଚ୍ ଭାଲ୍ୟୁ ଏବଂ ମାଟିରେ ନ୍ୟୁଟ୍ରିଣ୍ଟ୍ ଉପସ୍ଥିତି ଜାଣିବା ଲାଗି ଜ୍ଞାନକୌଶଳ ବିକାଶ କରିବାରେ ଲାଗିଛନ୍ତି। ନିକଟରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଘରେ ରହି ଜ୍ଞାନ କୌଶଳ ଉପଯୋଗରେ ଚାଷ କରିବା ଲାଗି କହିଥିଲେ। ଏବେ ତେଜସ୍ୱୀଙ୍କ ରିମୋଟ୍ ଫାର୍ମିଂ ଉକ୍ତ ଉକ୍ତିର ଯଥାର୍ଥତା ପ୍ରତିପାଦନ କରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ନଭେମ୍ବର ୧୯୯୫

- ନିରାପତ୍ତା ସମ୍ପର୍କିତ କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଚିଲି ଏବଂ ଆର୍ଜେଣ୍ଟିନା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ।
- ପ୍ରବଳ ଝଡ଼ତୋଫାନ ଏବଂ ସମୁଦ୍ର ଜୁଆର ମାଡ଼ି ଆସିବା ଫଳରେ ଦକ୍ଷିଣ ବାଂଲାଦେଶର ଉପକୂଳ ଅଞ୍ଚଳରେ ୪୫ ଜଣଙ୍କ ମୃତ୍ୟୁ।
- ଜମ୍ମୁସ୍ଥିତ ସରଥଲ୍ ଦେବୀଙ୍କ ନିକଟକୁ ତୀର୍ଥଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ବସ୍ ୨୦୦ ଫୁଟ ଗଭୀର ସରଥଲ୍ ନାଳ ମଧ୍ୟକୁ ଖସି ପଡ଼ିବା ଫଳରେ ୧୬ ମୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ଗଣତନ୍ତ୍ରର ବାସ୍ତବ ଚିତ୍ର

ମହାଶୟ,

କୋରୋନା ମହାମାରୀରେ ଶେଷ ହୋଇଥିବା ବିହାର ନିର୍ବାଚନରେ ଉଭୟ ରାଜ୍ୟ ତଥା କେନ୍ଦ୍ର ସରକାର ବେକାରୀ, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ପ୍ରଶ୍ନ ଉପରେ ଚୁପ ରହିଲେ। ସ୍ଥାନୀୟ ଦଳଗୁଡ଼ିକ ଜାତି ଏବଂ ଧର୍ମ ସହ ଜଡିତ ରହି ନିର୍ବାଚନ ଲଢିବା ଲକ୍ଷ୍ୟ କରାଗଲା। ଏହା ହେଉଛି ତଥାକଥିତ ଗଣତନ୍ତ୍ରର ବାସ୍ତବତା। ଦ୍ୱିତୀୟ କଥା ହେଉଛି ରାଜନୀତି ଭାରତରେ ଏକ ବ୍ୟବସାୟରେ ପରିଣତ ହୋଇଯାଇଛି। ଜଣେ ସଚ୍ଚୋଟ ବ୍ୟକ୍ତି ନିର୍ବାଚନରେ ଛିଡା ହୁଅନ୍ତି ନାହିଁ, କାରଣ ନିର୍ବାଚନରେ ଜିତିବା ପାଇଁ ବିପୁଳ ପରିମାଣର ଅର୍ଥ ଏବଂ ଶକ୍ତି ଆବଶ୍ୟକ। କୌତୂହଳର ବିଷୟ ଯେ ଭାରତର ୯୦% ଲୋକ ସଚ୍ଚୋଟ ପ୍ରାର୍ଥୀ ଦେଖି ଭୋଟ୍ ଦିଅନ୍ତି ନାହିଁ, ସେମାନେ ନିଜ ଜାତି ଏବଂ ଧର୍ମ ଅନୁଯାୟୀ ଭୋଟ୍ ଦିଅନ୍ତି। ଭାରତୀୟ ରାଜନୀତି ଦଳିତ, ମୁସଲମାନ ଏବଂ ଉଚ୍ଚଜାତି ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭର। ବାସ୍ତବରେ ଭାରତର ଲୋକମାନେ ଭାବପ୍ରବଣ କିନ୍ତୁ ଯୁକ୍ତିଯୁକ୍ତ ନୁହଁନ୍ତି ଯାହାକି ସେମାନଙ୍କ ପାଇଁ ଦୁଃଖର କାରଣ ହୋଇ ଆସିଛି। ରାଜନୈତିକ ଦଳଗୁଡିକ ବିକାଶକୁ ନିଜଠାରୁ ଦୂରେଇ ରଖୁଛନ୍ତି। ପୁଞ୍ଜିପତି ଶ୍ରେଣୀ ଏବଂ ସାମ୍ରାଜ୍ୟବାଦୀ ଦେଶ ଏହାର ଫାଇଦା ନେଉଛନ୍ତ। ସେମାନେ ବିଭିନ୍ନ ରାଜନୈତିକ ଦଳ ଉପରେ ଟଙ୍କା ଖର୍ଚ୍ଚ କରୁଛନ୍ତି,ଏହି ଆଶା ରଖି ଯେଉଁ ଦଳ କ୍ଷମତାକୁ ଆସିବ ସେମାନଙ୍କୁ ସେବା କରିବ। ଏହି ଶକ୍ତିଗୁଡ଼ିକ ଭାରତର ବିକାଶ ପାଇଁ ପ୍ରତିବନ୍ଧକ ଏବଂ ସେମାନେ ଚାହୁଁ ନାହାଁନ୍ତି ଯେ ଭାରତ ଏକଜୁଟ ହୋଇ ବିକାଶ ହେଉ। ଏହା ବାସ୍ତବରେ ଗଣତନ୍ତ୍ରର ପ୍ରକୃତ ଚିତ୍ର। ଏହି ସମସ୍ତତଥ୍ୟଗୁଡ଼ିକୁ ବିଶ୍ଳେଷଣ କରି ଭାରତକୁ ଆଗକୁ ନେଇଯିବାର ଚେଷ୍ଟା ହେଉଛି ସମୟର ଆବଶ୍ୟକତା।

-ଅସିତ ମହାନ୍ତି, ସୁଜନପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏତିକି ଖାଲି ରହିଛି ଆସ
ତୁମେ ଯେ ମୋର ଜୀବନେ ରାସ!
ହତାଶ ଗାଥା ଶୁଣାଇବାକୁ
କବିର ତୁମେ ଚିର ନିବାସ।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | A | | | 8 | E | 7 | | D | 2 | B | | |
| 1 | | | | | | | | | A | B | | | 6 | E |
| 5 | 4 | D | 7 | | | | | | | E | | | 9 | |
| | 0 | 7 | | 9 | | | | C | | | | 4 | | |
| | C | | | | | | | | | 5 | 3 | 8 | 1 | |
| 7 | 9 | 6 | | 4 | | D | 1 | | 8 | | | | | 0 |
| | | A | | 8 | | | | | | | | | B | |
| | | | | | 3 | | 2 | | D | | 9 | | | |
| | E | | | | | B | | | 3 | 2 | 5 | | | |
| 0 | 3 | | | | | | | | C | | | | E | |
| | 8 | | | | | | 6 | | | | | | 7 | A |
| | | 9 | | 6 | | 0 | A | | E | | 1 | | | 2 |
| | | 0 | 9 | C | | 7 | | B | | | | 5 | | |
| | | | | | 4 | | | | | | 8 | | D | |
| | A | 5 | D | | E | | | 2 | | 0 | | 9 | 3 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 8 | 0 | 7 | 2 | A | B | 6 | 9 | 4 | 3 | D | 5 | 1 | C |
| 2 | C | 6 | 3 | 0 | D | 8 | A | 5 | 9 | 1 | 7 | B | 4 | E |
| 4 | 3 | 1 | 6 | 8 | E | 2 | D | C | 5 | B | 0 | 7 | 9 | A |
| B | 9 | D | 5 | C | 1 | 4 | 7 | E | 2 | 6 | A | 3 | 8 | 0 |
| 5 | 7 | A | B | 4 | 9 | 1 | 0 | 3 | 8 | E | C | 6 | D | 2 |
| 8 | A | 5 | 1 | 9 | 6 | C | 4 | D | B | 0 | 3 | E | 2 | 7 |
| 6 | D | B | E | 5 | 2 | A | 8 | 1 | 7 | C | 9 | 4 | 0 | 3 |
| C | 1 | E | 0 | 3 | B | 5 | 9 | 7 | D | 2 | 4 | A | 6 | 8 |
| 0 | 4 | 9 | A | 7 | C | E | 3 | 2 | 1 | 8 | 6 | D | 5 | B |
| 7 | 2 | 3 | 8 | D | 4 | 6 | B | 0 | A | 5 | E | 1 | C | 9 |
| 3 | 5 | 2 | 4 | 1 | 7 | 0 | C | B | 6 | A | 8 | 9 | E | D |
| A | E | 7 | 9 | B | 5 | D | 2 | 8 | 0 | 4 | 1 | C | 3 | 6 |
| D | B | 4 | C | 6 | 8 | 3 | 1 | A | E | 9 | 2 | 0 | 7 | 5 |
| 9 | 6 | C | 2 | A | 0 | 7 | E | 4 | 3 | D | 5 | 8 | B | 1 |
| 1 | 0 | 8 | D | E | 3 | 9 | 5 | 6 | C | 7 | B | 2 | A | 4 |

ଗତକାଲିର ଉତ୍ତର

# ଫୁଲଚାଷ



ଗୋଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ । କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତ କରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ବର୍ଷା ଯୋଗୁଁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ୍ ଅରେଞ୍ଜ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ । ଗ୍ଲାଡ଼ିଓଲି କନ୍ଦାକୁ ଓଦା ବାଲିରେ ଗଜା କରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡଶିପ୍, ଫ୍ରେଣ୍ଡଶିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡ଼ିଓଲି ବିହନ ସଂଗ୍ରହ କରନ୍ତୁ ।

# ଅଧିକ ଅଣ୍ଡା ପାଇବା ପାଇଁ...



ଗାଁଗହଳିର ବାଡ଼ିବଗିଚାରେ ମାଂସ ଓ ଅଣ୍ଡା ପାଇଁ ବନରାଜା, ଗ୍ରାମପ୍ରିୟ ଓ ପଲ୍ଲୀରାଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ । ବନରାଜା ବର୍ଷକୁ ୧୫୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୨ ରୁ ୨.୫ କେ.ଜି. ହୋଇଥାଏ । ଗ୍ରାମପ୍ରିୟ ବର୍ଷକୁ ୧୫୦-୧୬୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୩ରୁ ୩.୫ କେ.ଜି. ହୋଇଥାଏ । ପଲ୍ଲୀରାଜା ଏକ ରଙ୍ଗିନ୍ ପ୍ରଜାତିର କୁକୁଡ଼ା । ଏହା ବର୍ଷକୁ ୨୦୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ । ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ କୁକୁଡ଼ାଙ୍କୁ ନିୟମିତ କୁକୁଡ଼ା ମରୁଡ଼ି ରୋଗ ଓ ବସନ୍ତ ରୋଗର ଟିକା ଦିଅନ୍ତୁ। ଗାରୁ ଗୁହାଳକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ପ୍ରାଣୀଙ୍କୁ କୃମିନାଶକ ଔଷଧ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଖୁଆନ୍ତୁ । ପ୍ରାଣୀଙ୍କୁ ପରିଷ୍କାର କୂଅ ଓ ନଳକୂଅ ପାଣି ପିଇବାକୁ ଦିଅନ୍ତୁ । ପ୍ରାଣୀମାନେ ରୋଗାକ୍ରାନ୍ତ ହେଲେ ପ୍ରାଣୀଚିକିତ୍ସକଙ୍କ ପରାମର୍ଶ କରି ଔଷଧ ଦିଅନ୍ତୁ । ଫାଟୁଆ ରୋଗର ପ୍ରତିଷେଧକ ଟିକାକରଣ ପାଇଁ ନିକଟସ୍ଥ ପ୍ରାଣୀଚିକିତ୍ସକଙ୍କ ପରାମର୍ଶ କରନ୍ତୁ ।

# ଶୀତଦିନିଆ ପନିପରିବା

## ଏ ମାସର କୃଷି ସୂଚନା

**ବାଇଗଣ:** ଫସଲରେ କାଣ୍ଡବିନ୍ଧା/ ଫଳବିନ୍ଧା ପୋକ ଆକ୍ରମଣ ହେଲେ ୫ ମି.ଲି. ଫ୍ଲୁବେଣ୍ଡିଆମାଇଡ୍‌କୁ ୧୫ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫ ଗ୍ରାମ୍ / ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ । ଆକ୍ରାନ୍ତ ବାଇଗଣ ଡାଳ ବା ଫଳକୁ ମାଟିରେ ପୋତି ଦିଅନ୍ତୁ ।

**ବିଲାତି ବାଇଗଣ ଓ ବାଇଗଣ :** ଫସଲରେ ଝାଉଁଳା ରୋଗ ଦେଖାଦେଲେ ୧.୫ ଗ୍ରାମ୍ ବାଭିଷ୍ଟିନ୍/୨.୫ ଗ୍ରାମ୍ ବ୍ଲାଇଟକ୍ସ-୫୦ ସହିତ ୧ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍‌କୁ



୧ ଲିଟର ପାଣିରେ କିମ୍ବା ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍/ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ ।

**ଆଳୁ :** କୁଫ୍ରି ଜ୍ୟୋତି, ଚିପ୍‌ସୋନା-୧, ଚିପ୍‌ସୋନା-୨, ଚିପ୍‌ସୋନା-୩, ଚିପ୍‌ସୋନା-୪, କୁଫ୍ରି ଅଶୋକା, କୁଫ୍ରି ଲାଲିମା, କୁଫ୍ରି ସିନ୍ଦୁରୀ କିସମ ୨-୩ ଆଖି ବିଶିଷ୍ଟ ୧୫-୨୦ ଗ୍ରାମ୍ ଓଜନ କଟା କିମ୍ବା ୨.୫ ସେ.ମି. ବ୍ୟାସ ବିଶିଷ୍ଟ ଗୋଟା ଆଳୁ ବିହନ ହେକ୍ଟର ପ୍ରତି ୨୦ କୁଇଣ୍ଟାଲ୍ ବ୍ୟବହାର କରନ୍ତୁ । ୦.୨୫% ମାଙ୍କୋଜେବ୍‌ରେ ବିହନ ଆଳୁକୁ ବିଶୋଧନ କରି ମୂଳସାର ହେକ୍ଟର ପ୍ରତି ୯୦:୮୦:୧୦୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରି ୪୫-୬୦ ସେ.ମି. X ୧୫-୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।

**ପିଆଜ:** ପିଆଜ ତଳି ପ୍ରସ୍ତୁତ କରୁଥିଲେ ଏକ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବର ଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡ଼େ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨-୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗ କରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ । ତଳିକୁ ଅଦିନିଆ ବର୍ଷାରୁ ରକ୍ଷା କରିବା ଲାଗି ବାଉଁଶ କାଠି ଫ୍ରେମ୍‌ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ । ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮-୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ । ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ୍ ଲାଇଟ୍ ରେଡ୍, ଏନ୍-୫୩, ଭୀମା ସୁପର ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ । ହେକ୍ଟର ପିଛା ୧୨୦:୬୦:୬୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାରକୁ ଦୁଇଟି କିସ୍ତିରେ ପ୍ରୟୋଗ କରନ୍ତୁ । ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଏବଂ ଫସ୍‌ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ । ନଭେମ୍ବର ୨୦ ତାରିଖରୁ ଡିସେମ୍ବର ମାସ ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ । ଘାସମରା ଔଷଧ, ପେଣ୍ଡିମେଥାଲିନ୍ ୩୦ ଏ.ଇ.କୁ ତଳି ରୋଇବାର ଦୁଇ ଦିନ ମଧ୍ୟରେ ପ୍ରୟୋଗ କଲେ ଘାସ ନିୟନ୍ତ୍ରଣ ହୋଇପାରିବ। ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ଣ୍ଣେଲ୍ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲରେ ପ୍ରୟୋଗ କଲେ ପତ୍ର ଉକୁଣି (ଥ୍ରୀପ୍ସ) ନିୟନ୍ତ୍ରଣ କରାଯାଇପାରିବ ।

**ଲଙ୍କା:** ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

– ଫୁଲକୋବି ଫସଲରେ ଶଁବାଳୁଆ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଯଦି ଫୁଲକଢ଼ ପାକଳ ହୋଇ ଆସିଥିବ, ତେବେ ମାଲାଥିଅନ୍ ୧ ଲିଟର ପାଣିରେ ୧.୫ ମି.ଲି. ଗୋଳାଇ ସିଞ୍ଚନ କରନ୍ତୁ ।

– ମୂଳା ଫସଲରେ ଫ୍ଲିବିଟିଲ୍ ଲାଗିଥିଲେ ତା'ର ଦମନ ଲାଗି ଏକ ଲିଟର ପାଣିରେ ୨ ମି.ଲି. କ୍ଲୋରପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।

### ତୈଳବୀଜ ଫସଲ

**ସୋରିଷ :** ଜଳସେଚିତ ଜମିରେ ବରୁଣ, କ୍ରାନ୍ତି, ପୁଷା ବାହାର, ପୁଷା ଜୟକିଷାନ୍, ପୁଷା ମସ୍ତାର୍ଡ଼-୨୫ ଓ ୨୭, ପିଟି ୫୦୭, ଅନୁରାଧା, ପାର୍ବତୀ ଓ ସୁଶ୍ରୀ ଆଦି କିସମକୁ ହେକ୍ଟର ପ୍ରତି ୧୦ କି.ଗ୍ରା. ମଞ୍ଜିକୁ ବିଶୋଧନ କରି ୩୦ ସେ.ମି. X ୧୦ ସେ.ମି. ବ୍ୟବଧାନରେ ଧାଡ଼ିବୁଣା କରନ୍ତୁ । ବୁଣିବା ପୂର୍ବରୁ ମୂଳସାର ଭାବରେ



ହେକ୍ଟର ପ୍ରତି ୨୫:୨୫:୨୫ କି.ଗ୍ରା. ଯବକ୍ଷାରଜାନ:ଫସ୍‌ଫରସ୍:ପଟାସ୍ ପ୍ରୟୋଗ କରନ୍ତୁ । ଏହାର ୩ ସପ୍ତାହ ପରେ ୨୫ କି.ଗ୍ରା. ଯବକ୍ଷାରଜାନ ଧାଡ଼ି ମଝିରେ ପ୍ରୟୋଗ କରି କୋଡ଼ାଖୁସା କରନ୍ତୁ ।

*–କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର*

# ରବି ଋତୁରେ ଡାଲି ଫସଲ



ଡ. ପରେଶ କୁମାର ପଣ୍ଡା



ମାନବ ସ୍ୱାସ୍ଥ୍ୟ ପାଇଁ ଡାଲି ପୁଷ୍ଟିସାର, ଜୀବନିକା ଓ ଅନେକ ସ୍ୱାସ୍ଥ୍ୟକାରୀ ପୋଷକ ଉପାଦନର ସମ୍ଭାର। ଏତଦ୍‌ବ୍ୟତୀତ ଏହା ଆମିନୋ ଏସିଡ୍, ଜୀବନିକା 'ଖ' ଓ 'ଗ'ର ମୁଖ୍ୟ ଉତ୍ସ । ଜଣେ ପ୍ରାପ୍ତବୟସ୍କ ମନୁଷ୍ୟ ଦୈନିକ ପ୍ରାୟ ୮୦ ଗ୍ରାମ୍ ଉର୍ବରତା ବଢ଼ାଇବା ଦିଗରେ ଡାଲି ଫସଲର ଉଲ୍ଲେଖଯୋଗ୍ୟ ଭୂମିକା ରହିଛି। ଆମ ରାଜ୍ୟରେ ଅଧିକ ବର୍ଷା ଓ ବର୍ଷାଦିନେ ପ୍ରମୁଖ ଫସଲ ଭାବେ ଧାନ



ହେଉଥିବାରୁ ରବି ରତୁରେ ଡାଲି ଫସଲ ଚାଷର ଗୁରୁତ୍ୱ ଅଧିକ। ଏହି ଫସଲ ଏକର ପ୍ରତି ପ୍ରାୟ ୧୧-୮୦ କି.ଗ୍ରା. ଯବକ୍ଷାରଜାନ ବିବନ୍ଧନ କରିବା ସହିତ ୨-୬ କୁଇଣ୍ଟାଲ ଜୈବିକ ପଦାର୍ଥ ମାଟିରେ ଛାଡୁଥିବାରୁ ପରବର୍ତ୍ତୀ ଫସଲର ଅମଳ ବୃଦ୍ଧିରେ ସହାୟକ ହୋଇଥାଏ। ରବି ରତୁରେ ମୁଗ, ବିରି, ବୁଟ, ବିଲମଟର, ଝୁଡ଼ଙ୍ଗ, ମସୁର ଓ କୋଳଥ ଆଦି ଡାଲି ଫସଲ ଚାଷ କରାଯାଇଥାଏ।

ମଝିଆଲି ଓ ଖାଲ ଜମିରେ ମୁଗ, ବିରି ପରି ସ୍ୱଳ୍ପ ଦିନିଆ ଫସଲ ଚାଷ କରି କୃଷକ ଭଲ ଅମଳ ସହ ଅଧିକ ଲାଭ ପାଇଥାନ୍ତି। ଏହି ସବୁ ଡାଲି ଫସଲକୁ ମିଶ୍ରିତ ଅନ୍ତଃଫସଲ ଭାବେ ସହଜରେ ବିଭିନ୍ନ ଫସଲ ପର୍ଯ୍ୟାୟରେ ନିଆଯାଇଥାଏ। ଯଦିଓ ସବୁ ପ୍ରକାର ମୃତ୍ତିକାରେ ଏହା ଚାଷ ହୋଇଥାଏ। କିନ୍ତୁ ନିଗିଡା, ଦୋରସା ଓ ଉର୍ବରିଆ ଜମିରେ ଭଲ ଅମଳ ଦେଇଥାଏ। ଏକର ପ୍ରତି ୫୦ କିଗ୍ରା ଜିପ୍‌ସମ ଓ ୧-୨ କୁଇଣ୍ଟାଲ କାଗଜ କଳ ମଇଳା ( ପି.ଏମ୍.ଏସ୍) କୁ ଶେଷ ଓଡ଼ଚାଷ ସମୟରେ ମାଟିରେ ମିଶାଇ ଦିଆଯାଏ। ଏହି ରତୁରେ ଚାଷ ପାଇଁ ଉପଯୁକ୍ତ କିସମ ମଧ୍ୟରେ (ମୁଗ) ଟାର୍ମ-୧, ଜ୍ୟୋତି, ଏସ୍.ଏମ୍.ଏଲ୍-୬୬୮, ପୁଷା-୯୦୭୨, ଏଲ.ଜି.ଜି.-୪୬୦, ସି.ଓ -୪, ପ୍ରଜ୍ଞା, ଦୁର୍ଗା (ବିରି)-ପ୍ରସାଦ, ଉଜ୍ଜ୍ୱଳା, ଟି.ୟୁ-୯୪-୨, ପି.ୟୁ-୩୧, ଆଇ.ପି/ୟୁ-୦୨୪୩, ପନ୍ତୟୁ-୩୦, ପନ୍ତୟୁ-୩୫, ଆଜାଦ୍ ଭରଦ୍-୧, ଆଜାଦ୍ ଭରଦ-୩, ଆଇ.ପି.ୟୁ- ୯୪-୧, ପ୍ରତାପ ଭରଦ-୧ ଅନ୍ୟତମ, ଏକର ପ୍ରତି ୮-୧୦ କି.ଗ୍ରା. ମୁଗ ବିରି, ୨୦ କି.ଗ୍ରା ବୁଟ(ମଟର), ୧୦ କିଗ୍ରା, ଝୁଡଙ୍ଗ/କୋଳଥ, ୧୫କି.ଗ୍ରା, ମସୁର ବିହନ ଦରକାର ପଡିଥାଏ।

ବିହନ ବୁଣିବା ପୂର୍ବରୁ ରାଇଜୋବିୟମ କଲ୍‌ଚର ଫେସ୍‌ଫୋକଲ୍‌ଚର୍‌ରେ ଉପଚାର କରାଯାଏ। ଅମୁହାଁ/ଅଛରା/ପାଏରା ଫସଲ ଭାବେ ଚାଷ କରି ସର୍ବନିମ୍ନ ମିଳିଥାଏ। ହଳ କରି ବୁଣିବାର ଥିଲେ ୨-୩ ଓଡ଼ ଚାଷ ଓ ସମତଳ କରି ଜମିରେ ଉପଯୁକ୍ତ ବତର ଥାଇ ଯଥା ସମୟରେ ସର୍ବଦା ଧାଡ଼ିରେ ବୁଣିଲେ ଭଲ। ବିହନ ଓ ସାର ବୁଣିବା ଯନ୍ତ୍ରର ସାହାଯ୍ୟ ନେଲେ ଭଲ, ଜମିରେ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଜରୁରୀ, ବହନ ବୁଣା ସମୟରେ ଏକର ପ୍ରତି ୪୦ କି.ଗ୍ରା ଡି.ଏ.ପି/୧୦୦ କିଗ୍ରା ସିଙ୍ଗିଲ ସୁପର+୧୬ କି.ଗ୍ରା. ୟୁରିଆ ସହ ୧୫ କି.ଗ୍ରା. ପଟାସ ସାରକୁ ମୂଳ ସାର ଭାବେ ପ୍ରଯୋଗ କରାଯାଏ। ଦରକାର ପଡ଼ିଲେ ଗଛର ବୃଦ୍ଧି ଅବସ୍ଥା ଦେଖି ଫସଲର ୩୦-୪୫ ଦିନ ମଧ୍ୟରେ ୧-୨% ୟୁରିଆ/ଡିଏପିକୁ ପାଣିରେ ଗୋଳାଇ ଫସଲରେ ସିଞ୍ଚନ କରାଯାଇପାରେ। ଏହି ସବୁ ଫସଲକୁ ଭଲଗଜା ପାଇବା ପାଇଁ ବୁଣିବା ପୂର୍ବରୁ ୬-୮ ଘଣ୍ଟା ପାଣିରେ ବତୁରାଯାଏ, ଯେପରି ଚୋପା ଫାଟି ନ ଥିବ। ଗଛ ଉଠିବାର ୨-୩ ସପ୍ତାହ ମଧ୍ୟରେ ନିଶ୍ଚିତ ଘାସ ନିୟନ୍ତ୍ରଣ କରାଯାଏ। ରାସାୟନିକ ତୃଣନାଶକ ଯଥା – ଫ୍ଲୁକ୍ଲୋରାଲିନ୍ ୪୫% ଇ.ସି. ୮୦୦ ମି.ଲି( ବୁଣିବା ପୂର୍ବରୁ), ପେଣ୍ଡି ମେଥାଲିନ୍ ୩୦% ଇ.ସି. ୧୩୩୦ ମି.ଲି ( ବୁଣାର ୩ ଦିନ ମଧ୍ୟରେ, କ୍ୱଜାଲିଫପ୍ ଇଥାଇଲ୍ ୫% ଇ.ସି./ ଇମୋଜିଥାପିର୍ ୧୦% ଏସ୍.ଏଲ୍. ୩୦୦-୪୦୦ ମି.ଲି. (ବୁଣାର ୩ ସପ୍ତାହ ବେଳକୁ) ଏକର ପ୍ରତି ମାଟିରେ ବତର ଥିବା ଅବସ୍ଥାରେ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରାଯାଏ। ଘାସ ନିୟନ୍ତ୍ରଣ ପ୍ରଥମରୁ ନ ଦେଲେ ଫସଲର ଅମଳ ଯଥେଷ୍ଟ କମିଥାଏ।

ଫସଲ ସଙ୍କଟ କାଳ (ଫୁଲ ଆସିବା ଓ ଛୁଇଁ ବଢ଼ିବା ଅବସ୍ଥାରେ ନିଶ୍ଚିତ ଜଳସେଚନର ବ୍ୟବସ୍ଥା (ସିଞ୍ଚନ ଜଳସେଚନ ଦେଲେ ଭଲ) କରାଯିବା ଦରକାର। ଫସଲରେ ନିୟମିତ ରୋଗପୋକ ସର୍ବେକ୍ଷଣ କରି ସମନ୍ୱିତ ଉପାୟରେ ରୋଗପୋକ ପରିଚାଳନା କରିବା ଦରକାର। ଛୁଇଁବିନ୍ଧା ପୋକର ଆକ୍ରମଣ କମ୍‌ହେବା ଲାଗି ଫସଲ ଚାରିପଟେ ଯନ୍ତା ଫସଲ ଭାବେ ଗେଣ୍ଡୁ/ଜଡ଼ା ଚାଷ କରାଯାଏ। ନଚେତ୍ ଏକର ପ୍ରତି ୬-୮ ଟି ଫେରୋମୋନ୍ ଯନ୍ତା ବସାଯାଏ। ପକ୍ଷୀ ଆଶ୍ରୟସ୍ଥଳ ସୃଷ୍ଟି କରିବା (କଣି/ଡାଳ ପୋତି) ଦ୍ୱାରା ଫସଲରେ ପୋକ ସଂଖ୍ୟା ଯଥେଷ୍ଟ କମ୍ ହୋଇଥାଏ। ଅନେକ ପ୍ରକାର ପୋକ ନିୟନ୍ତ୍ରଣ ଲାଗି ଆଲୋକ ଯନ୍ତାର ବ୍ୟବହାର କରାଯାଏ। ଏକର ପ୍ରତି ୧୦-୧୫ଟି ହଳଦିଆ ଅଠାଳିଆ ଯନ୍ତା ବସାଇ ଧଳାମାଛି, ପତ୍ରଡିଆଁ, ଜଉ ଉକୁଣି ପୋକ ଆଦିର ନିୟନ୍ତ୍ରଣ ସହଜରେ କରାଯାଇଥାଏ। ଫସଲର ଆରମ୍ଭରୁ ହାଣ୍ଡ ଖତ କିମ୍ବା ନିମ୍ବ ତେଲର ୫% ଦ୍ରବଣ ବା ନିମ୍ବ ମଞ୍ଜି ଉଦ୍ଧୃତାଂଶ ବ୍ୟବହାର କରି ବିଭିନ୍ନ ପ୍ରକାର ପୋକର ନିୟନ୍ତ୍ରଣ କରାଯାଏ। ସ୍ଥଳବିଶେଷରେ ବିଭିନ୍ନ ରୋଗପୋକ ନିୟନ୍ତ୍ରଣ ନିମିତ୍ତ ରାସାୟନିକ ଔଷଧର ସିଞ୍ଚନ କରାଯାଇପାରେ।

ଡାଲି ଫସଲର ପ୍ରଥମ ତୋଳାପରେ ଗଛରେ ପୁନର୍ବାର ନୂଆଫୁଲ ଆସିଥାଏ। ଏହି ସମୟରେ ହାଲୁକା ବର୍ଷା ହେଲେ ବା ସିଞ୍ଚନ ଜଳସେଚନ ଦେଲେ ଅଧିକ ଫୁଲ ଓ ଛୁଇଁ ଆସିଥାଏ। ଯଥା ସମୟରେ ଅର୍ଥାତ୍ ୮୦% ଛୁଇଁ ପାକଳ ଅବସ୍ଥାରେ ଗଛକୁ ମାଟି ଉପରୁ କାଟି ଅମଳ କରାଗଲେ ଭଲ। ଫସଲ ଅମଳ ପରେ ଡାଲି ଓ ବିହନକୁ ଉପଯୁକ୍ତଭାବେ ସଫା କରି ଭଲ ଭାବେ ଉଡ଼ାଇ, ଶୁଖାଇ ଓ ମିରୋଳା କରି ସାଇତି ରଖାଯାଏ, ଡାଲି ବିହନ ଚାଷର ପ୍ରମାଣନ ମାଧ୍ୟମରେ ପଞ୍ଜୀକରଣ ଓ ପ୍ରମାଣୀକରଣ କରାଯାଇ ବହିନ ଉତ୍ପାଦନରୁ ଅଧିକ ଲାଭ ମିଳିଥାଏ। କାରଣ, ରାଜ୍ୟରେ ବିହନର ଚାହିଦା ଅଧିକ ୯% ମଧ୍ୟରେ ମିଳେ । ଡାଲି ସାଇତା ନିମନ୍ତେ ଭଲ ରୂପେ ଶୁଖିଥିବା ମଞ୍ଜିରେ କୁଇଣ୍ଟାଲ ପ୍ରତି ୧୫୦-୨୦୦ ମି.ଲି. ସୋରିଷ/ରାଶି ତେଲ ଗୋଳାଇ ୩-୪ ମାସ ସାଇତି ରଖାଯାଇପାରେ। ମୁଗ/ ବିରି/ଚାଷରୁ ୪-୬ କୁଇଣ୍ଟାଲ, ଝୁଡ଼ଙ୍ଗ/ବୁଟ/ମସୁର ଚାଷରୁ ୬-୮ କୁଇଣ୍ଟାଲ ଓ ମଟର ଚାଷରୁ ୮-୧୦ କୁଇଣ୍ଟାଲ ଶୁଖିଲା ମଞ୍ଜି ଅମଳ ମିଳିଥାଏ। ଅଧିକ ଦିନ ଡାଲିର ସାଇତା ନିମନ୍ତେ ଦେଶୀୟ ଜ୍ଞାନ କୌଶଳର ପ୍ରୟୋଗ କରାଯାଇପାରେ। ସାଇତା ଡ୍ରମ୍‌ରେ କୁଇଣ୍ଟାଲ ଡାଲି ପ୍ରତି ୪-୫ଟି ଦିଆସିଲିର ସବୁ କାଠିପୁଡ଼ା ଓ ଖୋଳକୁ ଛିଦ୍ରିତ ଜରି ଭିତରେ ଥାଇ ରଖିଲେ ସାଇତା ପୋକ ଲାଗନ୍ତି ନାହିଁ। ଶୁଖିଲା କଦଳୀ ପଟୁଆ ଓ ପତ୍ରକୁ ପୋଡ଼ି ତାହାର ପାଉଁଶକୁ ଡାଲିରେ ମିଶାଇ ଦୀର୍ଘଦିନ ସାଇତି ରଖାଯାଇପାରେ। ଭଲ ଭାବେ ଶୁଖିଲା ଡାଲିର ମଞ୍ଜି ସହ ବେଗୁନିଆ, ଲିମ୍ବ, କରଞ୍ଜି, କୋଚିଲା, ହଳଦୀ, ଅମରି ପତ୍ରକୁ ଶୁଖାଇ ତହିଁରେ ଏକ ଭାଗ ମିଶାଇ ରଖିଲେ ଡାଲିରେ ପୋକ ସହଜରେ ଲାଗି ନ ଥାଏ। ସୁତରାଂ କୃଷକ ଭାଇମାନେ ଡାଲି ଚାଷ ପ୍ରତି ଅଧିକ ଆଗ୍ରହ ପ୍ରକାଶ କରି ଯଥାରୂପେ ବୈଜ୍ଞାନିକ କୌଶଳ ଅବଲମ୍ବନ କରି ଅଧିକ ଲାଭବାନ୍ ହୋଇପାରିବେ, ଏହା ନିଃସନ୍ଦେହରେ କୁହାଯାଇପାରେ।

–ସହକାରୀ ବିହନ ପ୍ରମାଣନ ଅଧିକାରୀ, ଭୁବନେଶ୍ୱର
ମୋ : ୭୨୦୫୦୯୬୦୮୦

# ପିଆଜରେ ଶଣ୍ଢା ବାହାରୁଥିଲେ...



ଶଣ୍ଢା ବାହାରିବା ପିଆଜ ଫସଲର ଏକ ସମସ୍ୟା। ସେପ୍ଟେମ୍ବର – ଅକ୍ଟୋବର ମାସରେ ତଳି ରୋଇଲେ ଅଧିକ ଶଣ୍ଢା ବାହାରିଥାଏ। ରୋଇବାର ୬୦ ଦିନ ପରେ ଶଣ୍ଢା ବାହାରିବା ଆରମ୍ଭ ହୋଇଥାଏ। ଶଣ୍ଢା ବାହାରିଲେ ଯଥାଶୀଘ୍ର କାଟି ଦିଅନ୍ତୁ। ପିଆଜରେ ଆଞ୍ଚୁଡ଼ା ଦାଗ ଦେଖାଦେଲେ ପତ୍ର ଉକୁଣି ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସ୍ପ୍ରେ କରନ୍ତୁ। ଏବେ ପିଆଜରେ ପତ୍ରପୋଡା ରୋଗ ଲାଗିବାର ଆଶଙ୍କା ରହିଛି। ଏହାର ଦମନ ଲାଗି ଏକର ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।

# ମଲ୍ଲୀ ଗଛର ଗୁଟି କଲମୀ



ମଲ୍ଲୀ ଫୁଲର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫-୨୦ ସେମି ପାକଳ ଡାଳ ବ୍ୟବହାର କରାଯାଏ। ଜୁଲାଇ ମାସରେ ପଟାଳି କରି କଲମୀଗୁଡ଼ିକୁ ପୋତି ଦେଲେ ଦୁଇ-ତିନି ମାସ ମଧ୍ୟରେ ଚେର ହୋଇଯାଏ। ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ ପି.ପି.ଏମ. ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ-ବି ରୁଟେକସ ହରମୋନ୍ ପାଉଡର ସଂଗ୍ରହ କରି ଏହାର ଏକ ପ୍ରଲେପ କଟା ଡାଳ ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀ ଗଛ ଥରେ ଲଗାଇଲେ ତାହା ଜମିରେ ୧୦-୧୫ବର୍ଷ ପର୍ଯ୍ୟନ୍ତ ରଖାଯାଇପାରିବ। ମଲ୍ଲୀ ଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡିକ ୬୦ସେମି ଲମ୍ବ, ୬୦ସେମି ଓସାର ଏବଂ ୬୦ସେମି ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫ କିଗ୍ରାରୁ ୧୦ କିଗ୍ରା ସଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ।

# ମାଛଚାଷ ସମ୍ପର୍କରେ..

ବର୍ଷାରେ ମାଛ ପୋଖରୀ ହୁଡ଼ାଭାଙ୍ଗି ଯାଇଥିଲେ ତୁରନ୍ତ ମରାମତି କରନ୍ତୁ ।

– ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨୫୦୦ ଯାଆଁଳ ଲାଗି ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ।

– ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳୀ ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଏବଂ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।

– ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହିତ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ୧ ମାସ ଅନ୍ତରରେ ପକାଇଲେ ମାଛଙ୍କୁ ରୋଗର ଆଶଙ୍କା କମିଥାଏ ।

– ଜୀବାଣୁଜନିତ ରୋଗ: ପକ୍ଷ ଓ ଲାଞ୍ଜୀ ପଚା ରୋଗ ହେଲେ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ ମିଶାଇ ମାଛକୁ ୨ ମିନିଟ୍ ପାଇଁ ରଖନ୍ତୁ । – ଆଖିପଚା ରୋଗ ହେଲେ ଲିଟର ପିଛା ୮ ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତ କରି ମାଛକୁ ଦିନକୁ ୨ ଘଣ୍ଟା ଯାଏଁ ରଖନ୍ତୁ । ଏପରି ଦୁଇରୁ ତିନିଦିନ କରିବେ। – ପଚା ଘା' ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ରୁ ୪ ଦିନ ରଖନ୍ତୁ । ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ୍ୟ ଭଲ ହୁଏ ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫,୧୫,୧୪,୫୨୭ | ୧୨,୭୩,୪୨୪ | ୩,୬୨,୫୭,୮୭୨ |
| ଭାରତ | ୮୬,୧୭,୯୫୯ | ୧,୨୭,୩୧୨ | ୭୯,୮୭,୮୫୪ |
| ଓଡ଼ିଶା | ୩,୦୩,୭୮୦ | ୧୪୫୪(+୫୩) | ୨,୯୧,୧୩୭ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୧ ହଜାର ତଳକୁ ଖସିଲା ସଂକ୍ରମଣ

- ନୂଆ ୯୮୭ ଆକ୍ରାନ୍ତ ଚିହ୍ନଟ, ୧୩ ମୃତ
- ୫୦ ଲକ୍ଷ ଟପିଲା କୋଭିଡ୍ ପରୀକ୍ଷା

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ତଳମୁହାଁ ହେବାରେ ଲାଗିଛି। ଦୀର୍ଘ ସାଢ଼େ ୩ମାସ ପରେ ମଙ୍ଗଳବାର ଦୈନିକ ସଂକ୍ରମଣ ଏକ ହଜାର ତଳକୁ ଖସିଛି। ଜୁଲାଇ ୨୧ରେ ପ୍ରଥମ ଥର ପାଇଁ ରାଜ୍ୟରେ ଏକ ହଜାରରୁ ଊର୍ଦ୍ଧ୍ୱ ଅର୍ଥାତ ୧,୦୭୮ ସଂକ୍ରମିତ ଚିହ୍ନଟ ପରେ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ିଯାଇଥିଲା। ମାର୍ଚ୍ଚ ୧୫ରେ ରାଜ୍ୟରେ ପ୍ରଥମ କରୋନା ପଜିଟିଭ୍ ଭୁବନେଶ୍ୱରରେ ଚିହ୍ନଟ ହୋଇଥିବାବେଳେ ୧,୦୭୮ ଛୁଇଁବା ପାଇଁ ୬୫ଦିନ ଲାଗିଥିଲା। ଏହା ପରେ ଧୀରେ ଧୀରେ ସଂକ୍ରମଣ ସଂଖ୍ୟା ଉପରମୁହାଁ ହୋଇ ରହିଥିଲା। ଏପରି କି ଦୈନିକ ୪ହଜାର ଉପରକୁ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କିନ୍ତୁ ଗତ କିଛି ଦିନ ହେବ ସଂକ୍ରମଣ ହାର କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଗତ ୨୪ ଘଣ୍ଟାରେ ୯୮୭ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ଏକ ହଜାର ତଳକୁ ଦୈନିକ ସଂକ୍ରମଣ ଖସିଥିବାରୁ ରାଜ୍ୟବାସୀଙ୍କୁ ଆଶ୍ୱସ୍ତି ମିଳିଛି।

ରାଜ୍ୟରେ ମଙ୍ଗଳବାର ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କେବଳ ସୁନ୍ଦରଗଡ଼ ଜିଲାରେ ଆକ୍ରାନ୍ତ ସଂଖ୍ୟା ଶହେ ଉପରେ ଅର୍ଥାତ୍ ୧୦୭ ରହିଛି। ଖୋର୍ଦ୍ଧା ଜିଲାରେ ୮୬ ଓ କଟକରେ ୮୫ଜଣ ଚିହ୍ନଟ ହୋଇଛନ୍ତି। ଦେବଗଡ଼ରେ ସର୍ବନିମ୍ନ ୨ଣ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୩,୦୩,୭୮୦ରେ ପହଞ୍ଚିଛି। ଅପରପକ୍ଷରେ ରାଜ୍ୟରେ ମୃତକଙ୍କ ସଂଖ୍ୟାରେ କିନ୍ତୁ ବ୍ରେକ୍ ଲାଗୁନାହିଁ। ଗତ ୨୪ଘଣ୍ଟାରେ ଆଉ ୧୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ସମ୍ବଲପୁର, ମୟୂରଭଞ୍ଜରୁ ୩ଜଣ ଲେଖାଏ ଥିବାବେଳେ ସୁନ୍ଦରଗଡ଼ ଓ ଖୋର୍ଦ୍ଧାରୁ ୨ଜଣ ଲେଖାଏ, କେନ୍ଦୁଝର, ବାଲେଶ୍ୱର ଏବଂ ବରଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୧,୪୫୪କୁ ବୃଦ୍ଧି ପାଇଛି। ସେପଟେ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି ଓଡ଼ିଶା। ରାଜ୍ୟରେ କୋଭିଡ୍ ପରୀକ୍ଷା ୫୦ଲକ୍ଷ ଟପିଛି। ଏଯାବତ୍ ୫୦,୨୭,୯୫୯ ନମୁନା ପରୀକ୍ଷଣ ହୋଇ ସାରିଥିବା ବେଳେ ୬.୦୪% ପଜିଟିଭ୍ ବାହାରିଛି। ଗତ ୨୪ଘଣ୍ଟାରେ ୪୩,୪୦୯ ନମୁନା କରୀକ୍ଷା ହୋଇଥିବା ବେଳେ ୯୮୭ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଦୈନିକ ସଂକ୍ରମଣ ଏକ ହଜାର ତଳକୁ ଖସିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସିବ୍ୟକ୍ତ କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ଯେ, ଆମ କରୋନା ଯୋଦ୍ଧା ଓ ସ୍ୱାସ୍ଥ୍ୟକର୍ମୀମାନଙ୍କ କଠିନ ପରିଶ୍ରମ ଓ ଉତ୍ସର୍ଗୀକୃତ ସେବା ପାଇଁ ଏହି ସଫଳତା ମିଳିପାରିଛି। ସେମାନଙ୍କ ସହାୟତା ଯୋଗୁ କରୋନା ମହାମାରୀ ସହିତ ଲଢ଼େଇ କରିବାରେ ଆମେ ସକ୍ଷମ ହୋଇଛୁ। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଧ୍ୟ ଏହି ସଫଳତା ପାଇଁ ଟୁଇଟ୍ କରି ସମସ୍ତ କରୋନା ଯୋଦ୍ଧାଙ୍କୁ ଶୁଭେଚ୍ଛା ଜଣାଇଛି। କରୋନା ଯୋଦ୍ଧାଙ୍କ ପ୍ରତିଦିନ ଅକ୍ଳାନ୍ତ ପରିଶ୍ରମ ଯୋଗୁ ଏଭଳି ସଫଳତା ମିଳିଥିବା ବିଭାଗ ପକ୍ଷରୁ କୁହାଯାଇଛି। ସେମାନଙ୍କ ସାହସକୁ ବିଭାଗ ସାଲ୍ୟୁଟ୍ କରିଛି।

# ଶୀତ ଅଧିବେଶନ ପୂର୍ବରୁ ୩ଦିନ କୋଭିଡ୍ ଟେଷ୍ଟ

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ବିଧାନସଭାର ଶୀତ ଅଧିବେଶନ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଅଧିବେଶନ ଆଗରୁ ଅର୍ଥାତ୍ ୧୭,୧୮ ଓ ୧୯ ତାରିଖରେ ବିଧାୟକ, ମନ୍ତ୍ରୀ, ବିଧାନସଭା କର୍ମଚାରୀଙ୍କ ସମେତ ଖବରଦାତାମାନଙ୍କ କୋଭିଡ୍ ଟେଷ୍ଟ ପୂର୍ବ ଅଧିବେଶନ ଭଳି ବାଧ୍ୟତାମୂଳକ କରାଯାଇଛି। ଏନେଇ ମଙ୍ଗଳବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି କୋଭିଡ୍ କଟକଣା କିଭଳି ପାଳନ ହେବ ତା'ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଗତଥର ଭଳି ଏଥର ମଧ୍ୟ ବିଧାୟକମାନଙ୍କ ସିଟ୍ ବ୍ୟବସ୍ଥା କରାଯାଉଛି।

ବାଚସ୍ପତି କହିଛନ୍ତି, ପୂର୍ବ ଅଧିବେଶନ ଭଳି ଏଥର ମଧ୍ୟ କୋଭିଡ୍ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଧାନସଭା ଚାଲିଥିବା ସମୟରେ ଯଦି କୌଣସି ବିଧାୟକ, ମନ୍ତ୍ରୀ, କର୍ମଚାରୀ କିମ୍ବା ଅନ୍ୟମାନଙ୍କ ମଧ୍ୟରେ କରୋନା ଲକ୍ଷଣ ଦେଖାଯାଏ ତେବେ ସେମାନଙ୍କ ଆଣ୍ଟିଜେନ ଟେଷ୍ଟ କରାଯିବ। ଯେଉଁ ସରକାରୀ ଅଧିକାରୀ ଲୋକସେବା ଭବନରୁ ଆସିବାକୁ ଚାହିଁବେ ସେମାନଙ୍କ କ୍ଷେତ୍ରରେ ମଧ୍ୟ ଟେଷ୍ଟ କରାଯିବ। ପ୍ରତ୍ୟେକ ଦିନ ବିଧାନସଭା ଭିତର ଏବଂ ପରିସର ସାନିଟାଇଜ କରାଯିବ। ଏଥର ମଧ୍ୟ ସଦସ୍ୟ ଭିଡିଓ କନଫରେନ୍ସ ଜରିଆରେ ବିଧାନସଭାରେ ଭାଗ ନେଇପାରିବେ। ଗତ ମୌସୁମୀ ଅଧିବେଶନ ସମୟରେ ବିଧାନସଭା ପ୍ରଶ୍ନକାଳ ବାତିଲ ହେବାକୁ ନେଇ ବିରୋଧୀ ତୀବ୍ର ସମାଲୋଚନା କରିଥିଲେ। ଏଥର ପ୍ରଶ୍ନକାଳ ବାତିଲ ହେବ ନା ଚାଲିବ ସେନେଇ କୌଣସି ନିଷ୍ପତ୍ତି ହୋଇ ନ ଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଶୀତ ଅଧିବେଶନ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବ। ଏହା ମଧ୍ୟରେ ମୋଟ ୨ ଦିନ ଛୁଟି ରହିବ। ଚଳିତ ଥର ସରକାର ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ଆଣିବାକୁ ଯାଉଛନ୍ତି।

## ସଂକ୍ଷେପରେ

### ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ, ୫୦ ହଜାର ଜରିମାନା

**ମାଲକାନଗିରି,୧୦।୧୧ (ଡି.ଏନ୍.ଏ.):** ମାଲକାନଗିରି ଅତିରିକ୍ତ ଜିଲା ଜଜ୍ ମହଲତ୍ ଶାହା ମଙ୍ଗଳବର ଏକ ବଳାତ୍କାର ମାମଲାର ବିଚାରକରି ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡ ଦେଇଛନ୍ତି। ଏଥିସହ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା ଦେବାକୁ ଶୁଣାଣିରେ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ଜଣାପଡିଛି ମାଲକାନଗିରି ଜିଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ଇଲାକାରୁ ଜଣେ ନାବାଳିକାଙ୍କୁ ୨୦୧୬ରେ ଏମ୍‌ଭି-୬ ଗ୍ରାମର ଅଜୟ୍ ସିକଦାର ଅପହରଣ କରିନେଇ ବିଶାଖାପାଟଣାରେ ରଖି ବଳାତ୍କାର କରିଥିଲେ। ପରେ ପରିବାର ଲୋକେ ଅପହରଣକାରୀ ଅଜୟ୍‌ଙ୍କ କବଳରୁ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାରକରି ଘରକୁ ଆଣିଥିଲେ। ପୀଡିତାଙ୍କ ବାପା ଓର୍କେଲ ଥାନାରେ ଅଜୟ୍‌ଙ୍କ ନାଁରେ ଏତଲା ଦେଇଥିଲେ। ପୋଲିସ କେସ୍ ନଂ. ୨୦/୧୬ରେ ଅଭିଯୁକ୍ତ ଅଜୟ୍‌ଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲେ। ମାମଲାରେ ୨୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସେବେଠାରୁ ଏହି ମାମଲା ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ବିଚାରାଧୀନ ଥିଲା। ମଙ୍ଗଳବାର ଏହାର ଶୁଣାଣିକରି ବିଚାରପତି ଅଜୟ୍‌ଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଣି କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ଆଇନଜୀବୀ ଲମ୍ବୋଦର ତୁରୁକ ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ଏହି ମାମଲା ଧାରା ୩୬୩, ୩୬୬ (ଏ) ୩୭୬ (୨ ଏନ୍) ୩୨୩, ୫୦୬ ପୋକ୍ସୋ ଆକ୍ଟ ଅନୁଯାୟୀ ରୁଜୁ ହୋଇଥିଲା।

### ଦୁଇଦିନ ଥଣ୍ଡା କମିବ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ):** ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଏକ ଟ୍ରଫ୍ ଲାଇନ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆକାଶ ମେଘାଚ୍ଛନ୍ନ ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି ଓ ପୁରୀ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ରାଜ୍ୟର ଅନ୍ୟାନ୍ୟ ଭାଗରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ମେଘୁଆ ପାଗ ଯୋଗୁ ଆସନ୍ତା ଦୁଇଦିନ ଥଣ୍ଡା କମ୍ ରହିବ। ୧୫ ତାରିଖ ପରେ ରାଜ୍ୟରେ ଶୀତର ପ୍ରକୋପ ପୁଣି ବଢ଼ିବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୯.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୯.୫, ଫୁଲବାଣୀ ୯.୮, ଅନୁଗୋଳ ୧୦.୮, କୋରାପୁଟ ୧୦.୬, ଭବାନୀପାଟଣା ୧୧ , ତାଳଚେର ୧୪.୩, କେନ୍ଦୁଝର ୧୪ , ଝାରସୁଗୁଡା ୧୪.୪, ମାଲକାନଗିରି ୧୫.୫, ବୌଦ୍ଧ ୧୬.୫, କଟକ ୧୬.୪ ଏବଂ ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୭.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

### ୨୬ ଲକ୍ଷର କାଠ, ଯନ୍ତ୍ରାଂଶ ଜବତ

**ଖୋର୍ଦ୍ଧା ଅଫିସ/ବାଲିପାଟଣା/ବାଲକାଟୀ, ୧୦।୧୧(ଡି.ଏନ୍.ଏ.):** ବାଲିପାଟଣା ବନାଞ୍ଚଳ ଧାନହରା, ଡେଙ୍ଗସ୍ଥିତ ସ' ମିଲ୍‌ରେ ମଙ୍ଗଳବାର ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଓ ଖୋର୍ଦ୍ଧା ବନଖଣ୍ଡ ଟିମ୍ ଚଢ଼ାଉ କରି ବିପୁଳ ପରିମାଣର କାଠ, ଯନ୍ତ୍ରାଂଶ ଏବଂ ୨ଟି ଟ୍ରାକ୍ଟର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨୬ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଭୁବନେଶ୍ୱର ଭିଜିଲାନ୍ସ ସହକାରୀ ବନ ସଂରକ୍ଷକ ବିଷ୍ଣୁ ଚରଣ ବେହେରା କହିଛନ୍ତି। ବାଲିପାଟଣା ବନାଞ୍ଚଳରେ ଦୀର୍ଘ ଦିନ ଧରି ବେଆଇନ ଭାବେ ସ' ମିଲ୍ ଚାଲିଥିବା ନେଇ ଭୁବନେଶ୍ୱର ଭିଜିଲାନ୍ସକୁ ଖବର ମିଳିଥିଲା। ମଙ୍ଗଳବାର ସକାଳେ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ଖୋର୍ଦ୍ଧା ବନଖଣ୍ଡ ସହାୟତାରେ ଧାନହରା ସ୍ଥିତ ସ' ମିଲରେ ପହଞ୍ଚି ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ କାଠ, ଯନ୍ତ୍ରାଂଶ ଏବଂ ୨ ଟ୍ରାକ୍ଟର ଜବତ କରିଥିଲେ। ସେହିପରି ଡେଙ୍ଗସ୍ଥିତ ସ'ମିଲରେ ଚଢ଼ାଉ କରି କାଠ ଓ ଯନ୍ତ୍ରାଂଶ ଜବତ କରିଥିଲେ। ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି। ବାଲିପାଟଣା ବନାଞ୍ଚଳରେ ୬ଟି ମାମଲା (ନଂ.୧୦,୧୧,୧୨,୧୩, ୧୪/୨୦) ରୁଜୁ ହୋଇଛି।



ବାଲେଶ୍ୱର ସଦର ଓ ତିର୍ତ୍ତୋଲ ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଜିତିବା ପରେ ମଙ୍ଗଳବାର ଭୁବନେଶ୍ୱର ବିଜେଡି କାର୍ଯ୍ୟାଳୟରେ କର୍ମୀମାନେ ଖୁସି ମନାଉଛନ୍ତି।

# ବଜେଟ ଖର୍ଚ୍ଚ ୫୧ ହଜାର କୋଟି

- ଅକ୍ଟୋବର ସୁଦ୍ଧା ୨% ରାଜସ୍ୱ ଅଭିବୃଦ୍ଧି
- ସାମାଜିକ କ୍ଷେତ୍ର ନିମନ୍ତେ ୨୬ ହଜାର କୋଟି

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

କୋଭିଡ୍-୧୯ ସଂକ୍ରମଣ ସତ୍ତ୍ୱେ ରାଜ୍ୟରେ ରାଜସ୍ୱ ଆଦାୟ ବୃଦ୍ଧି ଘଟିଛି। ଗତବର୍ଷ ତୁଳନାରେ ୨୦୨୦ ଅକ୍ଟୋବର ଶେଷ ସୁଦ୍ଧା ୨.୨୭ ପ୍ରତିଶତ ରାଜସ୍ୱ ବୃଦ୍ଧି ଘଟିଛି। ମଙ୍ଗଳବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏହି ସୂଚନା ଦିଆଯାଇଛି।

ବୈଠକରୁ ଜଣାପଡିଛି ଯେ, ୨୦୨୦ ଅକ୍ଟୋବର ଶେଷ ସୁଦ୍ଧା ଉଭୟ ନିଜସ୍ୱ ଟିକସ ଏବଂ ଅଣଟିକସ କ୍ଷେତ୍ରରେ ୨.୨୭ ପ୍ରତିଶତ ରାଜସ୍ୱ ଅଭିବୃଦ୍ଧି ଘଟିଛି। ୨୦୧୯ ଅକ୍ଟୋବର ଶେଷ ସୁଦ୍ଧା ୨୫୦୦୨.୮୪ କୋଟି ଆଦାୟ ହୋଇଥିବା ବେଳେ ଚଳିତ ବର୍ଷ ରାଜସ୍ୱ ଆଦାୟ ୨୫୫୭୧.୪୩ କୋଟି ଟଙ୍କାରେ ପହଞ୍ଚିଛି। ଚଳିତ ଆର୍ଥିକ ବର୍ଷରେ ଅଣଟିକସ ଅଭିବୃଦ୍ଧି ୨୩.୪୧ ପ୍ରତିଶତ ରହିଛି। ୨୦୧୯ ଅକ୍ଟୋବର ଶେଷ ସୁଦ୍ଧା ୭୫୩୩.୨୬ କୋଟି ଅଣଟିକସ ଆଦାୟ ହୋଇଥିବା ବେଳେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୮୨୯୭.୬୦ କୋଟି ଟଙ୍କା ଆଦାୟ ହୋଇଛି। ଲକ୍‌ଡାଉନ ଓ ଶଟ୍‌ଡାଉନ ମଧ୍ୟରେ ଅକ୍ଟୋବର ଶେଷ ସୁଦ୍ଧା ବଜେଟର ୫୧ ହଜାର କୋଟି ବ୍ୟୟ କରାଯାଇଛି। ସେଥିରୁ ୨୬ ହଜାର କୋଟି କେବଳ ସାମାଜିକ କ୍ଷେତ୍ରରେ ବିନିଯୋଗ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଛି।

ଅର୍ଥ ବିଭାଗ ସଚିବ ଅଶୋକ କୁମାର ମୀନା ବିଭିନ୍ନ ବିଭାଗର ଆର୍ଥିକ ପରିଚାଳନାର ସମୀକ୍ଷା କରିଥିଲେ। ଜୀବନଜୀବିକା ଓ ଭିତ୍ତିଭୂମି ନିର୍ମାଣ ଉପରେ ଅଧିକ ଫୋକସ ଦେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଓଏମ୍‌ବିଏଡିସି ଏବଂ ଡିଏମ୍‌ଏଫ୍ ପାଣ୍ଠିରୁ ବିଭିନ୍ନ ପ୍ରକଳ୍ପ ପାଇଁ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଦେଇଥିଲେ। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ନିଜର ବଜେଟ ପ୍ରସ୍ତୁତି ଶେଷ ସୁଦ୍ଧା ସମାପ୍ତ କରିବାକୁ ବିଭିନ୍ନ ବିଭାଗକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ କୃଷି ଉତ୍ପାଦନ କମିଶନର ରାଜକୁମାର ଶର୍ମା, ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ୍ତ କୁମାର ଜେନା, ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ପ୍ରମୁଖ ଯୋଗ ଦେଇଥିଲେ।

# ସଂଗ୍ରାମୀ ମହିଳାଙ୍କ ପରଲୋକ

ରିଆମାଳ, ୧୦।୧୧(ଡି.ଏନ.ଏ.)

ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଶ୍ରୀଧର ବେହେରାଙ୍କ ସ୍ତ୍ରୀ ତଥା ଦେବଗଡ ଜିଲା ରିଆମାଳ ବ୍ଲକ ସଘାପଶି ଗ୍ରାମର କଇରୀ ବେହେରାଙ୍କ ସୋମବାର ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୮ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ ନାରଣ ବେହେରା ଓ ୨ଝିଅ ଉପସ୍ଥିତ ଥିଲେ। ନାତି ଅନ ବେହେରା ମୁଖାଗ୍ନି ଦେଇଥିଲେ। ସ୍ୱାଧୀନତା ସଂଗ୍ରାମ କାଳରେ ଶ୍ରୀଧର ଓ କଇରୀ ଅଞ୍ଚଳବାସୀଙ୍କୁ ଏକତ୍ରିତ କରି ଇଂରେଜ ସରକାର ବିରୋଧରେ ଆନ୍ଦୋଳନ କରିଥିଲେ। ୨୦୧୨ ମସିହାରେ ଶ୍ରୀଧରଙ୍କ ମୃତ୍ୟୁ ଘଟିଥିଲା। କଇରୀଙ୍କ ମୃତ୍ୟୁରେ ବିଭନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି।

# ସ୍ୱାମୀ ଟାଙ୍ଗିଆ ଆକ୍ରମଣରେ ସ୍ତ୍ରୀ ମୃତ

ସମ୍ବଲପୁର, ୧୦।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଜୁମୁରା ଥାନା ଘସିରିଆ ବାହାଲ ଗ୍ରାମରେ ପାରିବାରିକ କଳହରୁ ହତ୍ୟାକାଣ୍ଡ ଘଟିଛି। ସ୍ୱାମୀ ପ୍ରମୋଦ ଭନସାଙ୍କ ଟାଙ୍ଗିଆ ଆକ୍ରମଣରେ ସ୍ତ୍ରୀ ପାର୍ବତୀଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ରେଢ଼ାଖୋଲ ଏସ୍‌ଡ଼ିପିଓ ହାଡିବନ୍ଧୁ ସ୍ୱାଇଁ, ଯୁଜୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ପୋଲିସ ଜବତ କରିଛି। ଘଟଣାରେ ବ୍ୟବହୃତ ଟାଙ୍ଗିଆ ବାଡ଼ି ଜବତ କରାଯାଇଛି। ପୋଲିସ କହିବା ଅନୁସାରେ ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ଭଲ ନ ଥିଲା । ପ୍ରାୟ ସମୟରେ ମାଡ଼ପିଟ୍ ଗଣ୍ଡଗୋଳ ହେଉଥିଲା। ସୋମବାର ସନ୍ଧ୍ୟାରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ପ୍ରମୋଦ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପାର୍ବତୀ ପଡି ରହିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପ୍ରମୋଦ ନିଜ ଦୁଇ ଝିଅଙ୍କୁ ଭୟଭୀତ କରିବାରୁ ସେମାନେ କିଛି କହୁ ନ ଥିଲେ। ପ୍ରମୋଦ ମଧ୍ୟ ଡ଼ାକ୍ତର ପାଖକୁ ନେଇ ନ ଥିଲେ। ଚିକିତ୍ସା ନ ପାଇବାରୁ ପାର୍ବତୀଙ୍କ ମୃତ୍ୟୁ ଘଟିଥିଲା।

## ଉପନିର୍ବାଚନ ପ୍ରତିକ୍ରିୟା

**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ): ରାଜ୍ୟର ୨ ବିଧାନସଭା ଆସନ ତିର୍ତ୍ତୋଲ ଏବଂ ବାଲେଶ୍ୱରରେ ଉପନିର୍ବାଚନ ହୋଇଥିବା ବେଳେ ଉଭୟ ସ୍ଥାନରେ ବିଜେଡି ପ୍ରାର୍ଥୀ ବାଜିମାତ୍ କରିନେଇଛନ୍ତି। ଏହି ଦୁଇ ଆସନ ମଧ୍ୟରୁ ବାଲେଶ୍ୱର ପୂର୍ବରୁ ଭାଜପା ହାତରେ ରହିଥିଲେ ମଧ ଏହା ବିଜେଡି ହାତକୁ ଚାଲିଯାଇଛି। ଏହାଦ୍ୱାରା ବର୍ତ୍ତମାନ ମଧ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଲୋକଙ୍କ ବିଶ୍ୱାସ ଅତୁଟ ରହିଥିବା ନେଇ ପ୍ରମାଣିତ ହୋଇଥିବା ଚର୍ଚ୍ଚା ଜୋର ଧରିଛି।**

### ମହିଳାଙ୍କୁ ବିଶେଷ କୃତଜ୍ଞତା



କୋଭିଡ୍-୧୯ ସଙ୍କଟ ସମୟରେ ମତଦାନ କରି ବିଜେଡି ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିଥିବା ବାଲେଶ୍ୱର ସଦର ଓ ତିର୍ତ୍ତୋଲବାସୀ ବିଶେଷଭାବେ ମହିଳାଙ୍କୁ କୃତଜ୍ଞତା ଜଣାଉଛି। ଏହା ଲୋକଙ୍କ ବିଜୟ। ଲୋକଙ୍କ ଉନ୍ନତି ଓ କଲ୍ୟାଣ ପାଇଁ ବିଜେଡି ସର୍ବଦା ସଂକଳ୍ପବଦ୍ଧ। ଦୁଇ ବିଧାନସଭା ଉପନିର୍ବାଚନରେ ବିଜୟ ହାସଲ କରିଥିବା ପ୍ରାର୍ଥୀଙ୍କୁ ଶୁଭେଚ୍ଛା। ଏହି ବିଜୟ ଦୁହିଁଙ୍କ ଭଲ ପାଇବା ଓ ଅକୁଣ୍ଠ ସମର୍ଥନର ପ୍ରତିଫଳନ। ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ହୃଦୟ ଜିଣିଥିବାରୁ ବିଜେଡିର ସମସ୍ତ କର୍ମୀଙ୍କୁ ସାଧୁବାଦ।

- ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି

### ଏହା ଆମ ପାଇଁ ବିରାଟ ଶିକ୍ଷା



ରାଜ୍ୟର ଦୁଇ ଆସନରେ ହୋଇଥିବା ଉପନିର୍ବାଚନ ଆମ ପାଇଁ ଏକ ବିରାଟ ଶିକ୍ଷା। ଏଭଳି ଖରାପ ଫଳ ଲାଗି କେଉଁଠି ଭୁଲ୍ ରହିଲା ତା'ର ତର୍ଜମାକରି ଏକ ଉତ୍ତମ ରାସ୍ତା ବାହାର କରାଯିବ। ତୃଣମୂଳ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ଲାଗି ଚିନ୍ତା କରାଯିବ। ସମସ୍ତ ସମର୍ଥକ ଯେଉଁମାନେ ଦଳ ଉପରେ ଭରସା କରିଛନ୍ତି ସମସ୍ତଙ୍କୁ ଧନ୍ୟବାଦ। ଆଗାମୀ ଦିନରେ ଦଳ ନିଶ୍ଚିତ ସୁଦୃଢ଼ ହେବ ବୋଲି ଏହା ପ୍ରତିଜ୍ଞା ରହିଲା।

- ନିରଞ୍ଜନ ପଟ୍ଟନାୟକ, ପିସିସି ସଭାପତି

### କଂଗ୍ରେସ ସହ ବିଜେଡିର ଭିତିର ସମ୍ପର୍କ ଥିଲା



ରାଜ୍ୟରେ ଦୁଇ ଉପନିର୍ବାଚନରେ ହୋଇଥିବା ପରାଜୟକୁ ସ୍ୱୀକାର କରୁଛୁ। ଶାସକ ଦଳ ଅର୍ଥ ବଳ, ପ୍ରଶାସନ, ସରକାରୀ କଳର ପ୍ରୟୋଗ କରିଥିଲା। ଏହାସହ କଂଗ୍ରେସ ସହ ବିଜେଡିର କେଉଁଠି ନା କେଉଁଠି ଭିତିରି ସମ୍ପର୍କ ଥିବା ବାଲେଶ୍ୱର ଆସନର ଫଳାଫଳରୁ ଜଣାପଡ଼ିଛି। ଭାଜପା ନିକଟରେ କଳାଧନ ନ ଥିଲା। ଲୋକମାନେ ଟଙ୍କା ନେଇ ବଦଳିଥିଲା ଭଳି ଏ ସ୍ଥିତିରୁ ଜଣାପଡୁଛି। ଦଳର ଯାହା ତ୍ରୁଟି ରହିଲା ସେନେଇ ବିସ୍ତୃତ ଆଲୋଚନା ହେବ। ଏତିକିରେ ସରିଯାଉନି। ରାଜ୍ୟରେ ଆଗକୁ ମଧ ବହୁ ଆସନରେ ଉପନିର୍ବାଚନ ହେଲା ଭଳି ସ୍ଥିତି ରହିଛି। ପିପିଲିରେ ଖୁବ୍‌ଶୀଘ୍ର ଉପନିର୍ବାଚନ ହେବାକୁ ଯାଉଛି। ତେଣୁ ଭାଜପା ନିଶ୍ଚିତ ଆଗକୁ ଏଥିରୁ ଶିକ୍ଷା ଗ୍ରହଣ କରିସାରିଛି ଭଲ ପ୍ରଦର୍ଶନ କରିବ।

- ସ୍ମୃତି ପଟ୍ଟନାୟକ, ଭାଜପା ମହିଳା ମୋର୍ଚ୍ଚା ସଭାପତି

### ବାପା ପରେ ପୁଅକୁ ଠିଆ କରିବା ଠିକ୍ ନୁହେଁ



ଦୁଇ ବିଜେତାଙ୍କୁ ଅଭିନନ୍ଦନ ଜଣାଉଛୁ। ନିର୍ବାଚନରେ ବିଜେଡି, ଭାଜପା ଯେଭଳି ଟଙ୍କା ଖର୍ଚ୍ଚ କରିଛନ୍ତି ଏହା ନିର୍ବାଚନ ନିୟମକୁ ଚ୍ୟାଲେଞ୍ଜ ଭଳି ଲାଗୁଛି। ଏସବୁ ଗଣତନ୍ତ୍ରର ବିରୋଧୀ। ୨ଟି ସ୍ଥାନରେ ଭାଜପା ହାରିବା ଭଲ କଥା। କଂଗ୍ରେସ ଏଠାରେ ଆତ୍ମଚିନ୍ତନ କରୁ। ଓଡ଼ିଶା ରାଜନୀତିରେ କଂଗ୍ରେସର ଗୁରୁତ୍ୱ ଅଛି , ସେମାନେ ସଙ୍ଗଠିତ ହୁଅନ୍ତୁ ଏବଂ ଶକ୍ତି ବୃଦ୍ଧି କରନ୍ତୁ। ବିଜେଡି ଓ ଭାଜପା ମଧ୍ୟରେ ବହୁ କିଛି ଫରକ ନାହିଁ। ଓଡ଼ିଶା ରାଜନୀତିରେ ବାପାଙ୍କ ମୃତ୍ୟୁ ପରେ ପୁଅ ଠିଆହେବା ଗଣତନ୍ତ୍ର ପ୍ରତି ହିତକର ନୁହେଁ। ଦଳରେ କ'ଣ ଆଉ କେହି ନେତା ନାହାନ୍ତି।

- ନାରାୟଣ ରେଡ୍ଡୀ, ସିପିଆଇ ନେତା

### ବିଜୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞ



ଉପନିର୍ବାଚନରେ ଯେଉଁ ବିଜୟ ମିଳିଛି, ସେଥିପାଇଁ ମୁଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞ। ଏଥିସହ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ଆଶୀର୍ବାଦ କାମନା କରୁଛି। ତେବେ ଏହି ନିର୍ବାଚନରେ ମୋତେ ଯେତିକି ଭୋଟ ମିଳିବ ବୋଲି ଆଶା କରୁଥିଲି, ତାଠାରୁ କିଛି କମିଯାଇଛି। କିନ୍ତୁ ନିର୍ବାଚନ ଫଳାଫଳରେ ମୁଁ ସନ୍ତୁଷ୍ଟ। କୋଭିଡ୍-୧୯ କଟକଣା ନ ଥିଲେ ଅଧିକ ସଫଳତା ମିଳିଥାନ୍ତା।

- ବିଜୟଶଙ୍କର ଦାସ, ବିଜୟୀ ପ୍ରାର୍ଥୀ

### ଜନାଦେଶକୁ ସମ୍ମାନ ଜଣାଉଛି



ଉପନିର୍ବାଚନରେ ତାଙ୍କ ସପକ୍ଷରେ ଯେଉଁଭଳି ଜନମତ ଆସିବ ବୋଲି ଆଶା କରାଯାଉଥିଲା ତାହା ମିଳିଲାନି। ଏନେଇ ଆତ୍ମସମୀକ୍ଷା କରିବା ଆବଶ୍ୟକତା ରହିଛି। କେଉଁଠି ତ୍ରୁଟି ରହିଲା, ତାର ସମୀକ୍ଷା କରିବା ପରେ ସୁଧାରିବାକୁ ଚେଷ୍ଟା କରାଯିବ। ତଥାପି ଜନମତକୁ ମୁଁ ସମ୍ମାନ ଜଣାଉଛି। ଆଗାମୀ ଦିନରେ ଦଳର ଶକ୍ତି ବୃଦ୍ଧି ପାଇଁ ଉଦ୍ୟମ କରାଯିବ। ତେବେ ଶାସକ ଦଳର ଭୋଟ ବ୍ୟବଧାନ କମାଇବାରେ ଦଳ ସଫଳ ହୋଇଛି।

- ରାଜକିଶୋର ବେହେରା, ଭାଜପା ପ୍ରାର୍ଥୀ

### ଆଶାଜନକ ଭୋଟ ପାଇଲୁନି



କଂଗ୍ରେସ ପ୍ରାର୍ଥୀ ଆଶାଜନକ ଭୋଟ ପାଇଲେ ନାହିଁ। କିନ୍ତୁ ଯାହା ମିଳିଛି ସେଥିରେ ଆମେ ସନ୍ତୁଷ୍ଟ। ପୂର୍ବରୁ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ସଙ୍ଗଠନ ଦୁର୍ବଳ ଥିଲା। ଉପନିର୍ବାଚନରେ କିନ୍ତୁ ଦଳ ପକ୍ଷରୁ ପ୍ରାର୍ଥୀଙ୍କ ଭୋଟ ବୃଦ୍ଧି ପାଇଁ ସମସ୍ତ ଚେଷ୍ଟା କରାଯାଇଥିଲା। ବହୁତ ପରିଶ୍ରମ ସତ୍ତ୍ୱେ ଫଳ ଭଲ ମିଳିଲା ନାହିଁ। କିଛି ଅଞ୍ଚଳରେ ବିଶେଷକରି ବିରିଡ଼ି ବ୍ଲକ ଅଞ୍ଚଳରେ ଦଳୀୟ କର୍ମୀ ନିରାଶ କରିଛନ୍ତି। ଏ ସମ୍ପର୍କରେ ସମୀକ୍ଷାପରେ ଆଗାମୀ ଦିନରେ ଦଳକୁ ମଜଭୁତ କରିବା ପାଇଁ ଚେଷ୍ଟା କରାଯିବ।

- ପ୍ରଶାନ୍ତ ମଲ୍ଲିକ, ଯୁବ କଂଗ୍ରେସ ସଭାପତି

### ବାଲେଶ୍ୱରର ସର୍ବାଙ୍ଗୀନ ବିକାଶକୁ ପ୍ରାଥମିକତା



ମୁଖ୍ୟମନ୍ତ୍ରୀଙ୍କ ଉପରେ ଆସ୍ଥା ରଖି ବାଲେଶ୍ୱରବାସୀ ମୋତେ ବିଜୟୀ କରାଇଛନ୍ତି। ବାଲେଶ୍ୱରର ସର୍ବାଙ୍ଗୀନ ବିକାଶ ଲାଗି ସେ ପ୍ରାଥମିକତା ଦେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜିଲାସଭାପତି ତଥା ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଏବଂ ନିର୍ବାଚନ ପରିଚାଳନା କରିବାକୁ ଆସିଥିବା ସମସ୍ତ ନେତା ଓ ମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

- ସ୍ୱରୂପ କୁମାର ଦାସ, ବିଜୟୀ ପ୍ରାର୍ଥୀ

### ପରାଜୟ କୌଣସି ମୂଲ୍ୟ ରଖେନାହିଁ



ବିଜୟୀ ବିଧାୟକଙ୍କୁ ଅଭିନନ୍ଦନ ଜଣାଇବା ସହ ଭୋଟରମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ପରାଜୟ ତାଙ୍କ ପାଇଁ କୌଣସି ମୂଲ୍ୟ ରଖେ ନାହିଁ ବୋଲି ସେ କହିବା ସହ ଆଗାମୀ ଦିନରେ ସଂଗ୍ରାମ ଜାରି ରଖିବେ ଏବଂ ବାଲେଶ୍ୱରବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିବେ ବୋଲି କହିଛନ୍ତି।

- ମାନସ କୁମାର ଦତ୍ତ, ଭାଜପା ପ୍ରାର୍ଥୀ

### ଜନମତକୁ ସ୍ୱୀକାର କରିବାକୁ ପଡ଼ିବ



ଜନମତକୁ ସ୍ୱୀକାର କରିବାକୁ ପଡିବ। ଶାସକ ଦଳ ଶାସନତନ୍ତ୍ରର ଦୁରୁପଯୋଗ କରି ଲୋକମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ସହ କଂଗ୍ରେସ ସହିତ ଅଘୋଷିତ ମେଣ୍ଟ କରି ଜନମତକୁ ବିଭ୍ରାନ୍ତ କରିଛନ୍ତି। ଫଳରେ ଭାଜପାକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି। ନିର୍ବାଚନରେ ଜୟ ପରାଜୟ ରହିଛି। ପୂର୍ବପରି ବାଲେଶ୍ୱରବାସୀଙ୍କ ସେବା ଜାରି ରହିବ ବୋଲି ସେ କହିଛନ୍ତି।

- ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେନ୍ଦ୍ରମନ୍ତ୍ରୀ

## ପ୍ରମୁଖ ବିଜୟୀ


ଜିତନ୍‌ରାମ ମାନ୍‌ଝି, ଏଚ୍‌ଏଏମ୍ ଇମାମ୍‌ଗଞ୍ଜ


ତେଜ୍‌ପ୍ରତାପ ଯାଦବ, ଆର୍‌ଜେଡି ହାସନ୍‌ପୁର


ଶ୍ରେୟାସୀ ସିଂ, ଭାଜପା ଜମୁଇ


ଅନନ୍ତ କୁମାର ସିଂ, ଆର୍‌ଜେଡି ମୋକାମା


ବିନୋଦ ନାରାୟଣ ଝା, ଭାଜପା ବେନରପଛି

## ପରାଜିତ ପ୍ରାର୍ଥୀ


ଲଭ୍ ସିହ୍ନା , କଂଗ୍ରେସ ବାଙ୍କିପୁର


ଶୁଭାସିନୀ ଯାଦବ, କଂଗ୍ରେସ ବିହାରୀଗଞ୍ଜ


ଲଭ୍‌ଲି ଆନନ୍ଦ, ଆର୍‌ଜେଡି ସହର୍ସା


ରାମେଶ୍ୱର ଚୌରାସିଆ, ଏଲ୍‌ଜେପି ସାସାରାମ୍


ଉଦୟ ନାରାୟଣ ଚୌଧୁରୀ, ଜେଡିୟୁ ଇମାମ୍‌ଗଞ୍ଜ

# ଦୁର୍ବଳ ହେଲେ ନୀତୀଶ

**ପାଟନା, ୧୦।୧୧**

ତିନି ତିନି ଥର ବିହାରର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାରଙ୍କ ହାତରୁ ଏଥର କ୍ଷମତା ଖସିଯାଇପାରେ। କାରଣ ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ଜେଡିୟୁ ୩ ନମ୍ବର ଦଳର ମାନ୍ୟତା ପାଇଛି। ଅନ୍ୟପକ୍ଷେ ପୂର୍ବରୁ ବିହାରରେ ଏନ୍‌ଡିଏର ସାନଭାଇ ଭାବେ ପରିଗଣିତ ହେଉଥିବା ଭାଜପାର ପ୍ରଦର୍ଶନ ଏଥର ଉନ୍ନତ ହୋଇଛି। ଭୋଟ ଗଣତି ଆରମ୍ଭରୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଭାଜପା ଏବଂ ଆର୍‌ଜେଡି ମଧ୍ୟରେ ଏକ ନମ୍ବର ଦଳ ହେବା ପାଇଁ ଲଗାତର ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି। ଗୈରିକ ଦଳ ୭୦ରୁ ଊର୍ଦ୍ଧ୍ୱ ଆସନ ଦଖଲ କରିବା ସମ୍ଭାବନା ସୃଷ୍ଟି ହୋଇଥିବାରୁ ଭାଜପା ଭିତରୁ ଜଣେ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଉ ବୋଲି ଦାବି ଉଠିଲାଣି।

୨୪୩ ସଦସ୍ୟତା ବିଶିଷ୍ଟ ବିହାର ବିଧାନସଭା ନିର୍ବାଚନରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ସମସ୍ତ ଆସନରେ ପ୍ରାର୍ଥୀ ଦିଆଯାଇଥିଲା। ସେଥିରୁ ନୀତୀଶଙ୍କ ଜେଡିୟୁ ୧୧୫ ଆସନ ଲଢ଼ିଥିବାବେଳେ ଭାଜପା ୧୧୦ ଆସନରେ ଭାଗ୍ୟ ପରୀକ୍ଷା କରିଥିଲା। ମୁକେଶ ସହାନିଙ୍କ ଭିଆଇପି ୧୧ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ ରାମ ମାନ୍‌ଝିଙ୍କ ଏଚ୍‌ଏଏମ୍ ୭ରେ ଆସନରେ ଲଢ଼ିଥିଲେ। ନୀତୀଶ କୁମାର ହିଁ ଏନ୍‌ଡିଏର ମୁଖ୍ୟମନ୍ତ୍ରୀ ଚେହେରା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଭୋଟ ପ୍ରଚାର ବେଳେ ଘୋଷଣା କରିଥିଲେ। କିନ୍ତୁ ଭାଜପାର ପୋଷ୍ଟର, ବ୍ୟାନରରେ ନୀତୀଶଙ୍କ ଫଟୋ ସ୍ଥାନ ପାଇ ନ ଥିଲା। ଏପରି କି ନୀତୀଶ କୁମାରଙ୍କ ସୁଶାସନ ବାବୁ ବ୍ରାଣ୍ଡ୍ ମଧ୍ୟ ନିର୍ବାଚନରେ କାମ କରି ନ ଥିଲା। ଯାହା କି ତାଙ୍କର ଅନେକ ସଭାରେ ଉପସ୍ଥିତ ଜନତାଙ୍କ ବ୍ୟବହାରରୁ ଆଗୁଆ ବାରି ହୋଇପଡ଼ିଥିଲା। ଲୋକ ଜନଶକ୍ତି ପାର୍ଟି ମୁଖ୍ୟ ଚିରାଗ ପାଶ୍ୱାନଙ୍କ ଭୂମିକା ଜେଡିୟୁକୁ ନିମ୍ନଗାମୀ କରିଥିବା କୁହାଯାଉଛି। ପରିଣାମ ଆସିବା ପରେ ଭାଜପାକୁ ମିଳିଥିବା ଅଭୂତପୂର୍ବ ସଫଳତା କ୍ଷମତାର ସମୀକରଣକୁ ବଦଳାଇଦେଇ ପାରେ ବୋଲି ଚର୍ଚ୍ଚା ହେଉଛି। ଏଭଳି ସମୟରେ ଏନ୍‌ଡିଏ ପକ୍ଷରୁ ଜଣେ ଭାଜପା ନେତାଙ୍କୁ ବିହାର ମୁଖ୍ୟମନ୍ତ୍ରୀ କରାଗଲେ, ସେଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ ବୋଲି ରାଜନୈତିକ ପଣ୍ଡିତମାନେ ମତ ଦେଉଛନ୍ତି।

## ଆଉ ଥରେ ମୁଖ୍ୟମନ୍ତ୍ରୀ ହେବା ନେଇ ସନ୍ଦେହ



### ତୃତୀୟ ସ୍ଥାନରେ ଜେଡିୟୁ

ବିହାର ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ ଖରାପ ପ୍ରଦର୍ଶନ କରିଛି। ମେଣ୍ଟ ସରକାରରେ ଜେଡିୟୁ ବଡ଼ଭାଇ ଭୂମିକା ନେଇଆସୁଥିଲାବେଳେ ଏଥର ଏହି ମର୍ଯ୍ୟାଦା ହରାଇଛି। ଆସନ ସଂଖ୍ୟା ଦୃଷ୍ଟିରୁ ଏହା ତୃତୀୟ ସ୍ଥାନକୁ ଖସିଯାଇଛି। ୨୦୧୫ ନିର୍ବାଚନରେ ନୀତୀଶଙ୍କ ନେତୃତ୍ୱାଧୀନ ଜେଡିୟୁ ୭୧ ଆସନରେ ଜିତିଥିବାବେଳେ ଏଥର ୪୩ରେ ସୀମିତ ରହିପାରେ ବୋଲି ରାତି ୮ଟା ସୁଦ୍ଧା ଟ୍ରେଣ୍ଡ୍‌ରୁ ଜଣାପଡିଛି।

### ସରକାର ବିରୋଧୀ ହାୱା

ନୀତୀଶଙ୍କ ୧୫ ବର୍ଷ ଶାସନରେ ବିହାରରେ ବେରୋଜଗାରୀ ସମସ୍ୟା ଯଥେଷ୍ଟ ବୃଦ୍ଧି ପାଇଥିବାରୁ ଏହାକୁ ନେଇ ଲୋକେ ତାତିଥିଲେ। ୨୦ ବର୍ଷ ପୂର୍ବରୁ ଝାଡ଼ଖଣ୍ଡ ବିହାରରୁ ଅଲଗା ହୋଇ ନୂତନ ରାଜ୍ୟର ପରିଚୟ ହାସଲ କରିଥିଲା। ଅଥଚ ବିହାରରେ ମୁଣ୍ଡପିଛା ଆୟ ଝାଡ଼ଖଣ୍ଡଠାରୁ ନିମ୍ନରେ ରହିଛି। ସେଠାରେ ଏବେ ବି ୩୪ ପ୍ରତିଶତ ଜନସାଧାରଣ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ଅପରାଧ ହାରରେ ବିହାର ଝାଡ଼ଖଣ୍ଡଠାରୁ ଆଗରେ ରହିଛି। ଏଥିସହିତ ବନ୍ୟା ମୁକାବିଲା ଓ କୃଷକମାନଙ୍କ ସମସ୍ୟା ସମାଧାନ କରିବାରେ ନୀତୀଶଙ୍କ ନେତୃତ୍ୱାଧୀନ ସରକାର ବିଫଳ ହୋଇଥିଲା। କୋଭିଡ୍ ପରିଚାଳନାରେ ବିଫଳତା ନୀତୀଶଙ୍କ ଲୋକପ୍ରିୟତା ହ୍ରାସର ଅନ୍ୟତମ କାରଣ ଥିଲା। ଫଳରେ ସେଠାରେ ସରକାର ବିରୋଧୀ ହାୱା ସୃଷ୍ଟି ହୋଇଥିଲା।

### ଭାଜପା ପୋଷ୍ଟରରେ ନୀତୀଶ ନ ଥିଲେ

ସରକାର ବିରୋଧୀ ହାୱା ସତ୍ତ୍ୱେ ନୀତୀଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାକୁ ଭରସା କରି ନିର୍ବାଚନ ଲଢ଼ିଲେ। ତାଙ୍କୁ ଏନ୍‌ଡିଏର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଯାଇଥିଲେ ହେଁ ଭାଜପା ପୋଷ୍ଟରରେ ତାଙ୍କ ଫଟୋ ନ ଥିଲା। ସହଯୋଗୀ ଦଳଠାରୁ ତାଙ୍କୁ ଆଶାନୁରୂପ ସହଯୋଗ ମିଳିଲା ନାହିଁ।

### ଲାଲୁ-ରାବ୍ରୀଙ୍କ ଶାସନକୁ ଟାର୍ଗେଟ



ନିଜ ସରକାରର ଅନେକ ବିଫଳତା ସତ୍ତ୍ୱେ ନୀତୀଶ ନିର୍ବାଚନ ପ୍ରଚାର ବେଳେ ଲାଲୁ ଯାଦବ ଓ ରାବ୍ରୀ ଦେବୀଙ୍କ ୧୫ ବର୍ଷର ଶାସନକୁ ଟାର୍ଗେଟ କରିଥିଲେ। ନିଜ ସରକାର ସମୟରେ ସୃଷ୍ଟି ହୋଇଥିବା ବେରୋଜଗାରୀ, କରୋନା ମହାମାରୀର ମୁକାବିଲାରେ ବିଫଳତା, ଦାଦନ ଶ୍ରମିକ ସମସ୍ୟା, କୃଷି ସଙ୍କଟ ଉପରେ ସେ କିଛି କହି ନ ଥିଲେ।

### ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଆଣିବାରେ ବିଫଳ

ବିହାରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦେବା ଲାଗି ନୀତୀଶ କୁମାର ଅତୀତରେ ଅନେକ ଥର ଦାବି କରିଥିଲେ ହେଁ କେନ୍ଦ୍ରଠାରୁ ତାହା ହାସଲ କରିବାରେ ବିଫଳ ହୋଇଥିଲେ। ଭାଜପାର ସହଯୋଗୀ ଦଳ ହୋଇ ମଧ୍ୟ ସେ ଦାବି ହାସଲ ପାଇଁ କେନ୍ଦ୍ର ଉପରେ ଯଥେଷ୍ଟ ଚାପ ପକାଇପାରିଲେ ନାହିଁ।



ଭାଜପା କାର୍ଯ୍ୟାଳୟରେ ଉତ୍ସବ ମନାଉଛନ୍ତି ଜେଡିୟୁ କର୍ମୀ।

### ନିଜ ଉପରୁ ନିୟନ୍ତ୍ରଣ ହରାଇଥିଲେ

ଶାନ୍ତ ସ୍ୱଭାବର ନୀତୀଶ ପ୍ରଚାର ବେଳେ ନିଜ ଉପରୁ ନିୟନ୍ତ୍ରଣ ହରାଇଥିଲେ। ସେ ବିରୋଧୀଙ୍କ ବୈବାହିକ ବିବାଦକୁ ନେଇ ଅଙ୍ଗୁଳି ଉଠାଇବା ସହ ପ୍ରଶ୍ନ ପଚାରୁଥିବା ବ୍ୟକ୍ତିଙ୍କ ପ୍ରତି ଉତ୍‌କ୍ଷିପ୍ତ ହେବା ଦେଖାଯାଇଥିଲା। ତାଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ଲୋକଙ୍କୁ ନୀତୀଶ ଧମକ ଦେଉଥିଲେ। ଲାଲୁଙ୍କ ପରିବାରକୁ ଜୋର୍‌ଦାର ସମାଲୋଚନା କରୁଥିଲେ।

### ଶେଷ ନିର୍ବାଚନ କହିଲେ

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ଶେଷ ଦିନରେ ନୀତୀଶ କହିଥିଲେ ଏହା ତାଙ୍କର ଅନ୍ତିମ ନିର୍ବାଚନ। ଏହା ପରେ ସେ ନିର୍ବାଚନ ଲଢ଼ିବେ ନାହିଁ। ଏହା ତାଙ୍କର ହତାଶାବୋଧକୁ ସୂଚାଇଥିଲା।

### ଭୋଟ ଭାଙ୍ଗିଲା ଏଲ୍‌ଜେପି



ନୀତୀଶଙ୍କ ନେତୃତ୍ୱାଧୀନ ଦଳକୁ କ୍ଷତି ପହଞ୍ଚାଇବାରେ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ନେତା ଚିରାଗ ପାଶ୍ୱାନଙ୍କ ଭୂମିକା ରହିଛି। ଯଦିଓ ନିର୍ବାଚନରେ ଏଲ୍‌ଜେପିକୁ ବହୁମୂଲ୍ୟ ଦେବାକୁ ପଡ଼ିଛି, ତେବେ ଏହା ଜେଡିୟୁକୁ ଅନ୍ୟୂନ ୩୦ ଆସନରେ ହରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ଫଳାଫଳ ଟ୍ରେଣ୍ଡ୍‌ରୁ ଜଣାପଡିଛି। ଏଲ୍‌ଜେପି ପ୍ରାର୍ଥୀ ଦେବାରୁ ଉକ୍ତ ଆସନଗୁଡ଼ିକରେ ଜେଡିୟୁ ଭୋଟ ଭାଙ୍ଗିଥିଲା।

## କରୋନା କଟକଣା ପାଇଁ ଫଳ ବିଳମ୍ବିତ

**ନୂଆଦିଲ୍ଲୀ, ୧୦।୧୧:** ସାଧାରଣତଃ ଭାରତରେ ବିଧାନସଭା ନିର୍ବାଚନ ଫଳାଫଳର ସ୍ୱଷ୍ଟ ଚିତ୍ର ମଧ୍ୟାହ୍ନ ସୁଦ୍ଧା ଜଣାପଡିଯାଇଥାଏ। କିନ୍ତୁ ଚଳିତ ବର୍ଷ ବିହାର ନିର୍ବାଚନ ଫଳାଫଳ ବିଳମ୍ବିତ ହେଉଛି। ଅପରାହ୍ନ ୧ଟା ସୁଦ୍ଧା ସେଠାରେ ମାତ୍ର ୨୦ରୁ ୨୫ ପ୍ରତିଶତ ଭୋଟ ଗଣାଯାଇଛି। ଏହାର କାରଣ ହେଲା କରୋନା ମହାମାରୀଜନିତ କଟକଣା। ସାମାଜିକ ଦୂରତ୍ୱକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ ବୁଥ୍‌ଗୁଡ଼ିକରେ ସର୍ବାଧିକ ଭୋଟରଙ୍କ ସଂଖ୍ୟା ୧୫୦୦ରୁ ୧୦୦୦କୁ କମାଇଦେଇଛନ୍ତି। ଫଳରେ ବୁଥ୍ ସଂଖ୍ୟା ଯଥେଷ୍ଟ ବଢ଼ିଯାଇଛି। ବିହାରରେ ୭୩ ହଜାର ବୁଥ୍ ହେଉଥିବାବେଳେ ଏଥର ଏହି ସଂଖ୍ୟା ୧.୦୬ ଲକ୍ଷରେ ପହଞ୍ଚିଛି। ତଦନୁଯାୟୀ ଇଭିଏମ୍ ସଂଖ୍ୟା ବଢ଼ିଥିବାରୁ ଗଣନା ବିଳମ୍ବିତ ହେଉଛି।

# କିଙ୍ଗ୍‌ମେକର ହୋଇପାରନ୍ତି ଓୱାଇସି

ବିହାର ବିଧାନସଭା ନିର୍ବାଚନରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ ଲାଗି ଏନ୍‌ଡିଏ ଏବଂ ମହାମେଣ୍ଟ ମଧ୍ୟରେ କଡ଼ା ଟକ୍କର ହେଉଛି। ଏଭଳି ସ୍ଥିତିରେ ଯଦି ଝୁଲା ବିଧାନସଭା ହୁଏ ତେବେ ଏଆଇଏମ୍‌ଆଇଏମ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି କିଙ୍ଗମେକର ଭୂମିକାରେ ଅବତୀର୍ଣ୍ଣ ହୋଇପାରନ୍ତି। ସେହିପରି ବିଏସ୍‌ପି ଏବଂ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ବଡ଼ ଭୂମିକା ନେଇପାରନ୍ତି। ଏନ୍‌ଡିଏ କୁହୁକ ଅଙ୍କର ନିକଟବର୍ତ୍ତୀ ହୋଇଥିଲେ ବି ଆର୍‌ଜେଡି ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିବାରୁ ସରକାର ଗଠନ ଲାଗି ରାଜ୍ୟପାଳଙ୍କ ନିକଟରେ ଦାବି ଉପସ୍ଥାପନ କରିବ ବୋଲି ଏହାର ନେତା କହିଛନ୍ତି। ୩ ଆସନ ଜିତିଥିବା ଓ ୨ଟିରେ ଆଗରେ ଥିବା ଓୱାଇସିଙ୍କ ଏଆଇଏମ୍‌ଆଇଏମ୍, ଗୋଟିଏ ଆସନ ଜିତିଥିବା ବିଏସ୍‌ପି ଏବଂ ଦୁଇ ସ୍ୱାଧୀନ ପ୍ରାର୍ଥୀ ନିଅଣ୍ଟିଆ ସ୍ଥିତରେ ନିର୍ଣ୍ଣାୟକ ଭୂମିକା ନେଇପାରନ୍ତି ବୋଲି କୁହାଯାଉଛି।


ଅସାଦୁଦ୍ଦିନ ଓୱାଇସି

## ଛୋଟ ଦଳ ବିଫଳ

ବିହାରରେ କ୍ଷୁଦ୍ର ଦଳଗୁଡ଼ିକ ଭୋଟରଙ୍କୁ ପ୍ରଲୋଭିତ କରିବାରେ ବିଫଳ ହୋଇଥିବା ଭୋଟ ଗଣତି ଟ୍ରେଣ୍ଡରୁ ଜଣାପଡିଛି। ଅଧିକାଂଶ ଛୋଟ ଦଳ ବଡ଼ ଦଳ ସହ ମେଣ୍ଟ କରି ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ନିଜକୁ ରାଜନୈତିକ ବିକଳ୍ପ ଭାବେ ଚିତ୍ରଣ କରିଥିଲେ। ତେବେ ଜନସାଧାରଣ ସେମାନଙ୍କ ପ୍ରତି ଆଗ୍ରହ ଦେଖାଇନାହାନ୍ତି। ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପି ଖାତା ଖୋଲି ପାରି ନ ଥିବାବେଳେ ପପୁ ଯାଦବଙ୍କ ଜନଅଧିକାର ପାର୍ଟି ଓ ଉପେନ୍ଦ୍ର କୁଶୱାଙ୍କ ରାଷ୍ଟ୍ରୀୟ ଲୋକସମତା ପାର୍ଟିର ଅନେକ ପ୍ରାର୍ଥୀ ଅମାନତ ହରାଇଥିବା କୁହାଯାଉଛି। ଭୋଟରମାନେ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିଥିବା ଫଳାଫଳ ଟ୍ରେଣ୍ଡରୁ ଜଣାପଡୁଛି।

# ବଡ଼ଭାଇ ଭୂମିକା ନେଇପାରେ ଭାଜପା

ବିହାରରେ ପ୍ରଥମ ଥର ପାଇଁ ଭାଜପା ଏନ୍‌ଡିଏ ମେଣ୍ଟରେ ବଡ଼ଭାଇ ଭୂମିକା ନେଇପାରେ। ଭୋଟ ଗଣନା ଟ୍ରେଣ୍ଡ୍‌ରୁ ଏହା ଜଣାପଡିଛି। ମେଣ୍ଟ ସରକାରରେ ସବୁବେଳେ ଜେଡିୟୁ ବଡ଼ଭାଇ ଭୂମିକାରେ ଅବତୀର୍ଣ୍ଣ ହେଉଥିଲା। ରାତି ୯.୪୦ ସୁଦ୍ଧା ଭାଜପା ସପକ୍ଷରେ ୭୨ ଆସନ ଯାଉଥିବା ସଂକେତ ମିଳିଛି। ସହଯୋଗୀ ଜେଡିୟୁ ୪୨ ଆସନ ପାଇପାରେ ବୋଲି ଆଶା କରାଯାଇଛି। ଯଦି ଏହି ଧାରା ଜାରି ରହେ ତେବେ ଭାଜପା ପ୍ରଥମ ଥର ପାଇଁ ମେଣ୍ଟରେ ବରିଷ୍ଠ ସହଯୋଗୀ ହେବ।

# ମୁଖ୍ୟମନ୍ତ୍ରୀ ଆଶାୟୀ ପୁଷ୍ପମ୍ ପ୍ରିୟା ନୋଟା ତଳେ

**ପାଟନା, ୧୦।୧୧(ଆଇଏଏନ୍‌ଏସ୍)**

ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସର ପୂର୍ବତନ ଛାତ୍ରୀ ପୁଷ୍ପମ୍ ପ୍ରିୟା ଚୌଧୁରୀ ନିଜସ୍ୱ ରାଜନୈତିକ ଦଳ 'ପ୍ଲୁରାଲସ୍ ପାର୍ଟି' ଗଠନ କରି ନିଜକୁ ବିହାର ମୁଖ୍ୟମନ୍ତ୍ରୀ ପଦ ଦାବିଦାର ବୋଲି ଘୋଷଣା କରିଥିଲେ। ସେ ଲଢ଼ିଥିବା ଦୁଇଟିଯାକ ଆସନରେ ବହୁ ପଛରେ ରହିଛନ୍ତି। ମଧୁବଣୀ ଜିଲାର ବିସ୍‌ଫି ଆସନରୁ ସେ ନୋଟା (ନନ୍ ଅଫ୍ ଦି ଏବଭ୍) ଅପେକ୍ଷାଠାରୁ କମ୍ ଭୋଟ ପାଇଛନ୍ତି। ପାଟନାର ବାଙ୍କିପୁରା ଆସନରେ ସେ ତୃତୀୟ ସ୍ଥାନରେ ରହିଛନ୍ତି। ସେଠାରେ ଭାଜପାର ନୀତିନ ନବୀନ ଆଗରେ ଥିବାବେଳେ କଂଗ୍ରେସ ପ୍ରାର୍ଥୀ ତଥା ଶତ୍ରୁଘ୍ନ ସିହ୍ନାଙ୍କ ପୁଅ ଲଭ୍ ସିହ୍ନା ଦ୍ୱିତୀୟ ସ୍ଥାନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସୂଚନାଯୋଗ୍ୟ, ଉଚ୍ଚଶିକ୍ଷିତା ପୁଷ୍ପମ ପ୍ରିୟା ବିହାରକୁ ଦଶବର୍ଷ ମଧ୍ୟରେ ୟୁରୋପରେ ପରିଣତ କରିଦେବେ ବୋଲି ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ଯୁବବର୍ଗର ଭୋଟରଙ୍କୁ ଭରସା କରି ସେ ନିଜକୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଚ୍ୟାଲେଞ୍ଜର ଭାବେ ଅଭିହିତ କରିଥିଲେ।



## ଦାଉଦ୍‌ଙ୍କ ୬ ସମ୍ପତ୍ତି ନିଲାମ

**ମୁମ୍ବାଇ, ୧୦।୧୧(ଆଇଏଏନ୍‌ଏସ୍):** ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍ କସ୍କରଙ୍କର ମହାରାଷ୍ଟ୍ରର ରତ୍ନଗିରିରେ ଥିବା ଅନ୍ୟୂନ ୬ଟି ସମ୍ପତ୍ତିକୁ ୨୩ ଲକ୍ଷ ଟଙ୍କାରେ ନିଲାମ କରାଯାଇଛି। ସ୍ମଗ୍‌ଲର୍ସ ଆଣ୍ଡ ଫରେନ୍ ଏକ୍ସଚେଞ୍ଜ ମାନିପୁଲେଟର୍ସ (ଏସ୍‌ଏଏଫ୍‌ଇଏମ୍‌ଏ) ଆଇନ ବଳରେ ଏହି ପଦକ୍ଷେପ ନିଆଯାଇଛି। ଆଇନଜୀବୀ ଅଜୟ୍ ଶ୍ରୀବାସ୍ତବ ଏବଂ ଭୂପେନ୍ଦ୍ର ଭରଦ୍ୱାଜ ଏହି ସମ୍ପତ୍ତି ପାଇବା ପାଇଁ ସଫଳ ବିଡର ଅଛନ୍ତି। ଜବତ ହୋଇଥିବା ଦାଉଦଙ୍କ ୧୩ଟି ସମ୍ପତ୍ତି ନିଲାମ କରିବା ଲାଗି ଏସ୍‌ଏଏଫ୍‌ଇଏମ୍‌ଏ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ। କରୋନା ମହାମାରୀ ଓ ଲକ୍‌ଡାଉନ ଯୋଗୁ ଏହି ଯୋଜନାକୁ ସ୍ଥଗିତ ରଖାଯାଇଥିଲା।

## ଦୁର୍ଘଟଣାରେ ୬ ଦାଦନଙ୍କ ମୃତ୍ୟୁ

ହାଇଦ୍ରାବାଦ, ୧୦।୧୧(ଆଇଏଏନ୍‌ଏସ୍) ହାଇଦ୍ରାବାଦ ନିକଟ ଆଉଟର ରିଙ୍ଗ୍‌ରୋଡ୍ ଏକ୍ସପ୍ରେସ୍‌ୱେରେ ମଙ୍ଗଳବାର ସକାଳେ ମର୍ମନ୍ତୁଦ ଦୁର୍ଘଟଣା ହୋଇଛି। ଏଥିରେ ୬ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ନେଇ ଯାଉଥିବା କାର୍ ଅନ୍ୟ ଏକ ଯାନରେ ପିଟିହୋଇ ଓଲଟି ପଡ଼ିଥିଲା। ଶ୍ରମିକମାନେ ବେଙ୍ଗାଲୁରୁରୁ ନାଗପୁର ଯାଉଥିଲେ।

# ସାର୍ବଭୌମତ୍ୱକୁ ସମ୍ମାନ ଦିଅ

**ନୂଆଦିଲ୍ଲୀ, ୧୦।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସାଙ୍ଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମିଟ୍‌ରେ ଉଦ୍‌ବୋଧନ ଦେବା ଅବସରରେ ଦେଶଗୁଡ଼ିକ ପରସ୍ପରର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ସଂହତିକୁ ସମ୍ମାନ ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏସ୍‌ସିଓ ଦେଶଗୁଡ଼ିକ ସହ ଭାରତର ଦୃଢ଼ ସାଂସ୍କୃତିକ ଓ ଐତିହାସିକ ସମ୍ପର୍କ ରହିଛି। ସମ୍ପର୍କ ବଢ଼ାଇବା ବେଳେ ପରସ୍ପରର ସାର୍ବଭୌମତ୍ୱ ଓ ସଂହତିକୁ ସମ୍ମାନ ଦେବା ମୌଳିକ ନୀତି। ତେବେ ଏସ୍‌ସିଓ ଏଜେଣ୍ଡାକୁ ରୋକିବା ଲାଗି ଉଦ୍ୟମ ହେଉଛି। ଦ୍ୱିପାକ୍ଷିକ ପ୍ରସଙ୍ଗଗୁଡ଼ିକୁ ଅଯଥା ଏସ୍‌ସିଓ କାର୍ଯ୍ୟସୂଚୀରେ ସ୍ଥାନ ଦେବା ପାଇଁ ବାରମ୍ବାର ଉଦ୍ୟମ ହେବା ଦୁର୍ଭାଗ୍ୟଜନକ ବୋଲି ଭର୍ଚୁଆଲ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ। ଏଭଳି ଉଦ୍ୟମ ଏସ୍‌ସିଓର ବିଶେଷାଧିକାର ଏବଂ ସାଙ୍ଘାଇ ବିଚାରଧାରାର ଉଲ୍ଲଂଘନ କରୁଛି। ଭାରତ ଓ ଚାଇନା ମଧ୍ୟରେ ସୀମା ବିବାଦ ଲାଗିରହିଥିବାବେଳେ ମଙ୍ଗଳବାର ଏସ୍‌ସିଓ ରାଷ୍ଟ୍ରମୁଖ୍ୟ ପରିଷଦର ୨୦ତମ ସମିଟ୍ ଅନୁଷ୍ଠିତ ହୋଇଛି। ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ପୂର୍ବ ଲଦାଖରେ ଉତ୍ତେଜନା ଲାଗି ରହିଥିବାବେଳେ ପ୍ରଥମ ଥର ଲାଗି ପ୍ରଧାନମନ୍ତ୍ରୀ ମୋଦି ଓ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଏହି ଭିଡିଓ କନ୍‌ଫରେନ୍ସ ବୈଠକରେ ମୁହାଁମୁହିଁ ହୋଇଥିଲେ। କରୋନା କାରଣରୁ ପ୍ରଥମ ଥର ପାଇଁ ବୈଠକ ଭର୍ଚୁଆଲି କରାଯାଇଛି। ଭାରତ ଶାନ୍ତି, ନିରାପତ୍ତା ଓ ସମୃଦ୍ଧି ଉପରେ ଦୃଢ଼ ବିଶ୍ୱାସ କରେ। ଏହା ଆତଙ୍କବାଦ ଓ ନିଶା ଚୋରା କାରବାରକୁ ଦୃଢ଼ ବିରୋଧ କରିଆସିଛି ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ। ସମସ୍ତ ଅଂଶୀଦାରଙ୍କ ଆଶାଆକାଂକ୍ଷା, ସମସାମୟିକ ଚ୍ୟାଲେଞ୍ଜ ଏବଂ ମାନବୀୟ କଲ୍ୟାଣ ସମ୍ପର୍କରେ ଦେଶଗୁଡ଼ିକ ଆଲୋଚନା କରିବାକୁ ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେବା ସହ ଏସ୍‌ସିଓ ସଦସ୍ୟ ରାଷ୍ଟ୍ରଗୁଡ଼ିକର ପୂର୍ଣ୍ଣ ସମର୍ଥନ ଆଶା କରିଥିଲେ। ଭର୍ଚୁଆଲ ମିଟିଂରେ ଏସ୍‌ସିଓର ୮ ସଦସ୍ୟ ରାଷ୍ଟ୍ର ରୁଷିଆ, ଚାଇନା, ଭାରତ, ପାକିସ୍ତାନ, କାଜାଖିସ୍ତାନ, କିର୍‌ଗିଜସ୍ତାନ, ତାଜିକିସ୍ତାନ ଏବଂ ଉଜ୍‌ବେକିସ୍ତାନ ଅଂଶଗ୍ରହଣ କରିଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ ଏଥିରେ ଅଧ୍ୟକ୍ଷତା କରିଥିଲେ।




- ଚାଇନା, ପାକ୍‌କୁ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା
- ଭର୍ଚୁଆଲ ସମ୍ମିଳନୀରେ ମୋଦି-ଜିନ୍‌ପିଙ୍ଗ ମୁହାଁମୁହିଁ

# ସୁପ୍ରିମକୋର୍ଟ ଗଲେ ଅର୍ଣ୍ଣବ

**ନୂଆଦିଲ୍ଲୀ, ୧୦।୧୧**

ଆତ୍ମହତ୍ୟା ପାଇଁ ବାଧ କରିବା ମାମଲାରେ ରିପବ୍ଲିକ୍ ଟିଭିର ଏଡିଟର-ଇନ୍-ଚିଫ୍ ଅର୍ଣ୍ଣବ ଗୋସ୍ୱାମୀଙ୍କ ଅନ୍ତରୀଣ ଜାମିନ ଆବେଦନକୁ ବମ୍ବେ ହାଇକୋର୍ଟ ଅଗ୍ରାହ୍ୟ କରିଦେବା ପରେ ସେ ମଙ୍ଗଳବାର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଇଣ୍ଟେରିୟର ଡିଜାଇନର ଅନ୍ୱୟ ନାଏକ ଆତ୍ମହତ୍ୟା ଘଟଣାର ତଦନ୍ତ ଚାଲିଥିବାବେଳେ ଏହାକୁ ବେଆଇନ କୁହାଯାଇପାରିବ ନାହିଁ ବୋଲି ସୋମବାର ହାଇକୋର୍ଟ କହିଥିଲେ। ଫୌଜଦାରି ଆଇନର ବ୍ୟବସ୍ଥା ଅନୁଯାୟୀ ଅର୍ଣ୍ଣବ ନିୟମିତ ଜାମିନ ପାଇଁ ସେସନ୍ସ କୋର୍ଟକୁ ଯାଇପାରିବେ ବୋଲି ଖଣ୍ଡପୀଠ ମତ ଦେଇଥିଲେ।

୨୦୧୮ରେ ଅଭିଯୁକ୍ତଙ୍କ କମ୍ପାନୀ ଅନ୍ୱୟଙ୍କ ପ୍ରାପ୍ୟ ପୈଠ ନ କରିବାରୁ ସେ ଓ ତାଙ୍କ ମାଆ ଆତ୍ମହତ୍ୟା କରିଥିଲେ। ଏହି ମାମଲାରେ ଆଲିବାଗ୍ ପୋଲିସ ଗତ ୪ ତାରିଖରେ ଅର୍ଣ୍ଣବଙ୍କ ସମେତ ଫିରୋଜ ଶେଖ୍ ଓ ନୀତୀଶ ସାରଦାଙ୍କୁ ଗିରଫ କରିଥିଲା। ଅର୍ଣ୍ଣବ ନିୟମିତ ଜାମିନ ପାଇଁ ସୋମବାର ଆଲିବାଗ ସେସନ୍ସ ଅଦାଲତରେ ମଧ୍ୟ ଆବେଦନ କରିଛନ୍ତି।



## ବମ୍ବେ ହାଇକୋର୍ଟ ରାୟକୁ ଚ୍ୟାଲେଞ୍ଜ



ପଞ୍ଜାବର ଲୁଧିଆନା ଜିଲାରେ ପ୍ରଣବ ନାମକ ଜଣେ ୬ ବର୍ଷର ବାଳକ ଆଖିରେ ପଟି ବାନ୍ଧି ୧ ଘଣ୍ଟା ୧୬ ମିନିଟ୍‌ରେ ୧୬ କିଲୋମିଟର ସ୍କେଟିଂ କରି ଗିନିଜ ୱାର୍ଲ୍ଡରେ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କ ପିତା କହିଛନ୍ତି, ବର୍ତ୍ତମାନ ଏହି ତାଲିକାରେ ୧୪ କିଲୋମିଟର ସ୍କେଟିଂର ରେକର୍ଡ ରହିଛି। ମାତ୍ର ତାଙ୍କ ପୁଅ ୧୬ କିଲୋମିଟର ସ୍କେଟିଂ କରି ପୂର୍ବ ରେକର୍ଡକୁ ଭାଙ୍ଗିଛନ୍ତି। ଏଥିରେ ସେ ଅତ୍ୟନ୍ତ ଖୁସି ବୋଲି କୁହନ୍ତି। ଏହି କୁନିବାଳକଙ୍କ ପ୍ରତିଭା ଦେଖି ତାଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟୁଛି। ବିଭିନ୍ନ ମହଲରେ ତାଙ୍କୁ ପ୍ରଶଂସା କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଛି।

# ମହାକାଶ ଛୁଇଁବ ହଲିଉଡ୍

**ମହାକାଶ, ଗ୍ରହ, ଗ୍ରହାଣୁ, ଏଲିଏନ୍‌କୁ ନେଇ ହଲିଉଡ୍‌ରେ ଶୁଟିଂ ହୋଇସାରିଛି ଅନେକ ସିନେମା। ହେଲେ ମହାକାଶରେ ଏବେ ନିର୍ମାଣ ହେବ ଚଳଚ୍ଚିତ୍ର। ଏ ଦିଗରେ ଆମେରିକୀୟ ମହାକାଶ ଗବେଷଣା କେନ୍ଦ୍ର (ନାସା) ପାଦେ ଆଗରେ ଥିବାବେଳେ ଏଥିରେ ନିଜ ନାମକୁ ଯୋଡ଼ିବାକୁ ଉଦ୍ୟମ ଆରମ୍ଭ କରିଛି ପୃଥିବୀର ଅନ୍ୟତମ କ୍ଷମତାଶାଳୀ ରାଷ୍ଟ୍ର ରୁଷିଆ। ଏଥିଲାଗି ଅଭିନେତ୍ରୀଙ୍କ ଯୋଗ୍ୟତା ସୂଚୀ ସାର୍ବଜନୀନ କରାଯାଇଛି।**



**ମସ୍କୋ:** ମହାଶୂନ୍ୟରେ ଅନେକ ସମ୍ଭାବନା। ଭବିଷ୍ୟତରେ ମହାକାଶ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର ହେବ, ଯାହାର ପ୍ରକ୍ରିୟା ଆରମ୍ଭ ହୋଇସାରିଲାଣି। ଆମେରିକୀୟ ମହାକାଶ ଗବେଷଣା କେନ୍ଦ୍ର (ନାସା) ଏବଂ ନିଜ ଦେଶର ଚଳଚ୍ଚିତ୍ର ଉଦ୍ୟୋଗକୁ ମହାକାଶରେ ପହଞ୍ଚାଇବାକୁ ଜୋରସୋରରେ ଉଦ୍ୟମ ଚଳାଇଛି। ହଲିଉଡ୍ ସୁପରଷ୍ଟାର ଟମ୍ କ୍ରୁଜ୍‌ଙ୍କୁ ମହାକାଶରେ ଫିଲ୍ମ ଶୁଟିଂ ପାଇଁ ଅନୁମତି ମିଳିସାରିଛି। ଏବେ ରୁଷିଆ ମଧ୍ୟ ଏ ଦିଗରେ ଦୀର୍ଘଦିନରୁ କାମ ଆରମ୍ଭ କରିସାରିଥିବାବେଳେ ଏବେ ଏଥିରେ ଭାଗ୍ୟ ପରୀକ୍ଷା କରିବାକୁ ଯାଉଛି ରୁଷିଆ, ଯଦି ଏହା ସଫଳ ହୁଏ ତେବେ ଅଭିନେତା କ୍ରୁଜ୍‌ଙ୍କୁ ପ୍ରତିଦ୍ୱନ୍ଦ୍ୱୀ ମିଳିବ ବୋଲି ଚର୍ଚ୍ଚା ଜୋର୍ ଧରିଛି।

ରୁଷିଆର ସବୁଠାରୁ ବଡ଼ ଚ୍ୟାନେଲ 'ଚ୍ୟାନେଲ ବନ୍' ମହାକାଶରେ ସିନେମା ନିର୍ମାଣ କରିବା ଲାଗି ବିଧିବଦ୍ଧ ଭାବେ ଘୋଷଣା କରିଛି। ଚ୍ୟାନେଲ ପକ୍ଷରୁ ଏ ଦିଗରେ କାମ ମଧ୍ୟ ଆରମ୍ଭ ହୋଇସାରିଛି। ଫିଲ୍ମର ଅଭିନେତ୍ରୀ ଚୟନ ଲାଗି ମାନଦଣ୍ଡ ଜାରି କରାଯାଇଛି। କାରଣ ସାଧାରଣ ଫିଲ୍ମ ଅପେକ୍ଷା ମହାକାଶରେ ଫିଲ୍ମ ଶୁଟିଂ ଆହ୍ୱାନପୂର୍ଣ୍ଣ। ଏଥିଲାଗି ଟିମ୍ ସଦସ୍ୟଙ୍କୁ ସ୍ୱତନ୍ତ୍ର ତାଲିମ ନେବାକୁ ପଡ଼ିବ। ତେଣୁ ଯୋଗ୍ୟତା ତଦନୁଯାୟୀ ଧାର୍ଯ୍ୟ କରାଯିବ। ଏଥିରେ ଉତ୍ତୀର୍ଣ୍ଣ ହେବା ପରେ ଆବଶ୍ୟକ ପ୍ରଶିକ୍ଷଣ ଆରମ୍ଭ ହେବ।

ଏଥିଲାଗି ସମ୍ପୃକ୍ତ ଚ୍ୟାନେଲ ଏକ ୱେବ୍‌ସାଇଟ୍ ମାଧ୍ୟମରେ ଆଶାୟୀଙ୍କୁ ଆବେଦନ ପାଇଁ ଆହ୍ୱାନ କରିଛି। ସିନେମାରେ ଅଭିନୟ କରିବାକୁ ଇଚ୍ଛୁକ ଥିବା ଅଭିନେତ୍ରୀ ରୁଷୀୟ ନାଗରିକ ହୋଇଥିବେ। ବୟସ ୨୫ରୁ ୪୫ ବର୍ଷ ଏବଂ ଉଚ୍ଚତା ୧୫୦ରୁ ୧୮୦ ସେଣ୍ଟିମିଟର ହୋଇଥିବ। ଶରୀରର ଓଜନ ୫୦ରୁ ୭୫ କିଲୋଗ୍ରାମ ମଧ୍ୟରେ ଥିବ। ଛାତିର ଚଉଡ଼ା ୧୧୨ ସେମି ଅନିବାର୍ଯ୍ୟ କରାଯାଇଛି। ଏଥିସହ ଆଶାୟୀଙ୍କ କୌଣସି ଆପରାଧିକ ରେକର୍ଡ ନ ଥିବା ଜରୁରୀ ବୋଲି ମାନଦଣ୍ଡ ସ୍ଥିର କରାଯାଇଛି।

ଫିଲ୍ମର ନାମ 'ଚ୍ୟାଲେଞ୍ଜ' ରଖାଯାଇଛି। ରୋସକୋସମୋସ୍, ଚ୍ୟାନେଲ ବନ୍ ଓ ୟେଲୋ, ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ଷ୍ଟୁଡିଓ ମିଳିତ ଭାବେ ଏହି ସିନେମା ନିର୍ମାଣ କରୁଛନ୍ତି। ୨୦୨୧ରେ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନ (ଆଇଏସ୍‌ଏସ୍)ରେ ଏହାର ଶୁଟିଂ ଆରମ୍ଭ ହେବ। ମେଡିକାଲ ରିପୋର୍ଟରୁ ସବୁଜ ସଙ୍କେତ ମିଳିବା ପରେ ୨ ମହିଳାଙ୍କୁ ୩ ମାସ ପ୍ରଶିକ୍ଷଣ ଦିଆଯିବ। ତନ୍ମଧ୍ୟରୁ ଜଣେ ମୁଖ୍ୟ ନାୟିକା ଏବଂ ଅନ୍ୟ ଜଣେ ପାର୍ଶ୍ୱ ନାୟିକା ଭାବେ ଅଭିନୟ କରିବେ ବୋଲି ଜଣାପଡ଼ିଛି।

# ମାଳଦ୍ୱୀପରେ କ୍ୟାଟ୍ରିନା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ୍ ରହିଥାନ୍ତି। ସେ ନିକଟରେ ନିଜର କେତେକ ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି, ଯେଉଁଥିରେ ସେ ସମୁଦ୍ରକୂଳରେ ସତରଙ୍ଗୀ ଡ୍ରେସ୍‌ରେ ନଜର ଆସିଛନ୍ତି। କ୍ୟାଟ୍ରିନା ପ୍ରାୟତଃ ଆଇଲ୍ୟାଣ୍ଡ ଯିବାକୁ ପସନ୍ଦ କରନ୍ତି। ସେ ନିଜ ଫ୍ୟାମିଲି ସହ ସମୟ ବିତାଇବାକୁ ଭଲ ପାଆନ୍ତି। କ୍ୟାଟ୍ରିନାଙ୍କର ଏହି ଅବତାରକୁ ଫ୍ୟାନ୍‌ମାନେ ଖୁବ୍ ପସନ୍ଦ କରୁଛନ୍ତି। ତେବେ ସେ ଯାହା ପିନ୍ଧନ୍ତୁନା କାହିଁକି ସବୁଥିରେ ଖୁବ୍ ସୁନ୍ଦର ଦେଖାଯାଆନ୍ତି। ତାଙ୍କର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କ୍ୟାଟ୍ରିନା ଏହି ଫଟୋ ଶେୟାର କରି କ୍ୟାପ୍‌ଶନ୍‌ରେ ଲେଖିଛନ୍ତି ଯେ, 'ମାଳଦ୍ୱୀପରେ ଫଟୋଶୁଟ୍ କରି ମୁଁ ବହୁତ ଖୁସି'। ରିପୋର୍ଟ ମୁତାବକ କ୍ୟାଟ୍ରିନା କୈଫ୍ ଏବେ ମାଳଦ୍ୱୀପରେ ଛୁଟି କାଟୁଛନ୍ତି। ସେ ଫିଲ୍ମର ଶୁଟିଂ ପାଇଁ ସେଠାକୁ ଯାଇଛନ୍ତି। ମାତ୍ର ଶୁଟିଂରୁ କିଛି ସମୟ କାଢ଼ି ସେ ଏହି ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ଉଠାଇଛନ୍ତି। ୱାର୍କଫ୍ରଣ୍ଟ କଥା କହିଲେ କ୍ୟାଟ୍ରିନାଙ୍କୁ ଖୁବ୍‌ଶୀଘ୍ର 'ସୂର୍ଯ୍ୟବଂଶୀ'ରେ ଦେଖିବାକୁ ମିଳିବ। ଏହା ବ୍ୟତୀତ ସେ କମେଡି ଥ୍ରୀଲର ମୁଭି 'ଫୋନ୍ ଭୁତ୍'ରେ ମଧ୍ୟ ନଜର୍ ଆସିବେ।




# ବିଶ୍ୱର ସର୍ବକନିଷ୍ଠ ପ୍ରୋଗ୍ରାମର

**ଅହମଦାବାଦ:** ବୟସ ମାତ୍ର ୬ ବର୍ଷ। କିନ୍ତୁ ଏହି ବୟସରେ ସେ କମ୍ପ୍ୟୁଟରରେ ପାଇଥନ୍ ପ୍ରୋଗ୍ରାମିଂ ଲାଙ୍ଗୁଏଜ୍ ବି ସମାଧାନ କରି ପାରୁଛନ୍ତି। ଏତେ କମ୍ ବୟସରେ ଏଭଳି ଏକ କାମ କରି ସେ ସମସ୍ତଙ୍କୁ ଚମତ୍କୃତ କରି ଦେଇଛନ୍ତି। ସେଥିପାଇଁ ଏବେ ସେ ଗିନିଜ୍ ୱାର୍ଲଡ ରେକର୍ଡର ଅଧିକାରୀ। ନିଜ ପ୍ରତିଭା ବଳରେ ସାରା ବିଶ୍ୱରେ ଏଭଳି ଏକ ପରିଚୟ ସୃଷ୍ଟି କରି ପାରିଥିବା ଏହି ବିସ୍ମୟ ବାଳକ ଜଣକ ହେଉଛନ୍ତି ଅରହାମ୍ ଓମ୍ ତାଲ୍‌ସାନିଆ।

ଅହମ୍ମଦାବାଦର ବିସ୍ମୟ ବାଳକ ହେଉଛନ୍ତି ଅରହାମ୍ ଓମ୍ ତାଲ୍‌ସାନିଆ। ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଥିବା ଏହି ବାଳକ ଜଣକ ମାଇକ୍ରୋସଫ୍ଟ ସାର୍ଟିଫିକେସନ୍ ପରୀକ୍ଷା ବି ପାସ୍ କରିଛନ୍ତି। ଏବେ ସେ ବିଭିନ୍ନ ପ୍ରୋଗ୍ରାମିଂ କରି ସଫଳତାର ସହିତ ନିଜ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ସେଥିପାଇଁ ତ ବିଶ୍ୱର ସର୍ବକନିଷ୍ଠ କମ୍ପ୍ୟୁଟର ପ୍ରୋଗ୍ରାମରଭାବେ ବିଶ୍ୱ ରେକର୍ଡ କରି ପାରିଛନ୍ତି। ଅରହାମ୍ କହନ୍ତି, ମାତ୍ର ୨ ବର୍ଷ ବୟସରୁ ସେ କମ୍ପ୍ୟୁଟରରେ ତାଙ୍କ ବାପାଙ୍କଠାରୁ କୋଡିଂ ଶିଖି ପାରିଥିଲେ। ୩ ବର୍ଷ ବୟସ ବେଳକୁ ସେ ଆଇଓଏସ୍ ଏବଂ ୱିଣ୍ଡୋ ଚଳାଇ ପାରୁଥିଲେ। ତା'ପରେ ସେ ଯେତେବେଳେ ଜାଣିଥିଲେ କି ତାଙ୍କ ବାପା ପାଇଥନ୍‌ରେ କାମ କରୁଛନ୍ତି ସେତେବେଳେ ସେ ସେଥିରେ ମଧ୍ୟ ଛୋଟ ଛୋଟ ଗେମ୍ ଆରମ୍ଭ କରିଥିଲେ। ପରେ ସେ ପାଇଥନ୍‌ରେ ବି ଠିକ୍‌ଭାବେ କାମ କରି ବିଶ୍ୱ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ଏତେ କମ୍ ବୟସରୁ ଏଭଳି ସଫଳତା ହାସଲ କରିଥିବା ଅରହାମ୍ ଭବିଷ୍ୟତରେ ବିଭିନ୍ନ ପ୍ରକାରର ଆପ୍, ଗେମ୍ ଏବଂ ସିଷ୍ଟମ୍ କୋଡିଂ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଛୋଟ ବେଳରୁ ତାଙ୍କର ଭିଡିଓ ଗେମ୍ ଖେଳିବା ପ୍ରତି ସ୍ୱତନ୍ତ୍ର ଆଗ୍ରହ ଥିଲା। ଆଉ ଏହି ଆଗ୍ରହ ଫଳରେ ସେ ନୂଆ ନୂଆ ଗେମ୍ ନିଜେ ତିଆରି କରିବା ଆରମ୍ଭ କରି ସଫଳତା ହାସଲ କରିଥିଲେ ବୋଲି କହନ୍ତି।




# ପ୍ରେରଣାର ଉତ୍ସ ୟୁଟ୍ୟୁବର୍ ଶାନ୍ତା ପିଲାଇ

**ନୂଆଦିଲ୍ଲୀ:** ଆଗ୍ରହ ଥିଲେ ବୟସ କେବେ କୌଣସି କାମ ପାଇଁ ବାଧକ ସାଜେନି। ଏହାର ଏକ ଉଦାହରଣ ହେଉଛନ୍ତି ୟୁଟ୍ୟୁବର ଶାନ୍ତା ପିଲାଇ। ୮୫ ବର୍ଷ ବୟସରେ ୟୁଟ୍ୟୁବର ହୋଇ ଏବେ ସେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଶାନ୍ତା ପିଲାଇ ଆଜି ଜଣେ ପ୍ରତିଷ୍ଠିତ ୟୁଟ୍ୟୁବର। 'ଟେକିଫାଇ ଆଟ୍ ୮୫' ନାମରେ ତାଙ୍କର ଏକ ୟୁଟ୍ୟୁବ ରହିଛି। ଏହି ଚ୍ୟାନେଲ ମାଧ୍ୟମରେ ଶାନ୍ତା ଏବେ ଲୋକମାନଙ୍କୁ ବେଶ୍ ସୁନ୍ଦରଭାବେ ନୂଆ ନୂଆ ଟେକ୍ନୋଲୋଜି ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ବଡ଼ କଥା ହେଉଛି ଶାନ୍ତାଙ୍କୁ ଏବେ ବୟସ ହେଉଛି ୮୫ ବର୍ଷ ଆଉ ସେ ଏହି ବର୍ଷ ହିଁ ତାଙ୍କ ଚ୍ୟାନେଲ ଆରମ୍ଭ କରିଛନ୍ତି। ଚ୍ୟାନେଲ ଆରମ୍ଭ କରିବାର ମାତ୍ର କେଇ ମାସ ମଧ୍ୟରେ ସେ ଯେଉଁଭଳି ଲୋକପ୍ରିୟତା ହାସଲ କରିଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସୋସିଆଲ ମିଡିଆରେ ଏବେ ତାଙ୍କୁ ମିଳିଛି ସ୍ୱତନ୍ତ୍ର ପରିଚୟ। ନୂଆ ଟେକ୍ନୋଲୋଜିକୁ ଶାନ୍ତା ଏତେ ସୁନ୍ଦର ଆଉ ସରଳଭାବେ ବୁଝାଇ ତାଙ୍କ ଚ୍ୟାନେଲରେ ଅପ୍‌ଲୋଡ୍ କରୁଛନ୍ତି ଯେ ଦର୍ଶକମାନେ ବେଶ୍ ପ୍ରଭାବିତ ହୋଇପାରୁଛନ୍ତି। ସେଥିପାଇଁ ତାଙ୍କ ଚ୍ୟାନେଲର ଦର୍ଶକଙ୍କ ସଂଖ୍ୟା ଖୁବ୍ ଶୀଘ୍ର ବଢ଼ିବାରେ ଲାଗିଛି। ସୋସିଆଲ ମିଡିଆରେ ତାଙ୍କ ଶିଖାଇବାର ଦକ୍ଷତାକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି। ଶାନ୍ତା ଏହି ବର୍ଷ ଅଗଷ୍ଟ ମାସରେ ହିଁ ତାଙ୍କ ଚ୍ୟାନେଲ ଆରମ୍ଭ କରିଥିଲେ, ଆଉ ପ୍ରଥମ ଭିଡିଓରୁ ହିଁ ତାଙ୍କର ଫଲୋଅରଙ୍କ ସଂଖ୍ୟା ବହୁତ ବଢ଼ିବାରେ ଲାଗିଥିଲା। ଆଉ ତା'ପରେ ଶାନ୍ତା ଯାହା ବି ଭିଡିଓ ଅପଲୋଡ୍ କରୁଥିଲେ ତାଙ୍କ ଚ୍ୟାନେଲର ଦର୍ଶକଙ୍କ ସଂଖ୍ୟା ବହୁତ ବଢ଼ିଥିଲା ଏବଂ ତାଙ୍କୁ ବହୁ ପ୍ରଶଂସା ବି ମିଳିପାରିଥିଲା। ବାର୍ଦ୍ଧକ୍ୟ ବୟସରେ ବି ଶାନ୍ତା ଯୁବପିଢ଼ିଙ୍କ ସହ ତାଳ ଦେଇ ପ୍ରସିଦ୍ଧି ଅର୍ଜନ କରି ପାରିଛନ୍ତି।



ଜନ୍ମଦିନ ଶୁଭେଚ୍ଛା





ଲିପୁନ୍
ସ୍ଥାନ: ବଇଣ୍ଡା, ଅନୁଗୋଳ
ତୋର ୨୫ତମ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଓ ତୋର ଚଲାପଥ କୁସୁମିତ କରନ୍ତୁ, ଏତିକି ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ଆଶୀଷ, ତରୁଣ, ଲୋହିତ, ତିରୁପତି ଓ ସାଥିମାନେ।
ଧ-୧୮୯୨୪

# ଦିବ୍ୟାଙ୍ଗ ଶିଶୁ କୁନାଲଙ୍କ କମାଲ

## ଗୋଟିଏ ଗୋଡ଼ରେ ଖେଳୁଛନ୍ତି ଫୁଟ୍‌ବଲ

**ଇମ୍ଫାଲ:** କୁହାଯାଏ, ଯଦି ଆଗ୍ରହ ଥାଏ ତେବେ କଠିନ କାମ ବି ସହଜ ହୋଇଯାଏ। ଦୁନିଆରେ ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନେ ସେମାନଙ୍କର ଉତ୍ସାହ ଏବଂ ଦୃଢ଼ ସାହସକୁ ପାଥେୟ କରି ଦୁର୍ବଳତାକୁ ନିଜ ଶକ୍ତିରେ ପରିଣତ କରିଛନ୍ତି। ଏଭଳି ନିଆରା ଲୋକଙ୍କୁ ସମସ୍ତେ ସଲାମ କରନ୍ତି। ଏପରି ଜଣେ ଶିଶୁ ମଣିପୁରର ଇମ୍ଫାଲରେ ରୁହନ୍ତି। ଏହି ୪ ବର୍ଷର ଶିଶୁଙ୍କ ନାମ ହେଉଛି କୁନାଲ ଶ୍ରେଷ୍ଠା। ତାଙ୍କର ଗୋଡ ନାହିଁ। ଏହା ସତ୍ତ୍ୱେ ସେ ଦୃଢ଼ ଭାବରେ ଫୁଟବଲ ଖେଳୁଛନ୍ତି। ଏହାସହ ସାଇକେଲ ମଧ୍ୟ ଚଲାଉଛନ୍ତି। ଦିବ୍ୟାଙ୍ଗ କୁନାଲ ଏବେ ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣା ପାଲଟିଛି। ତାଙ୍କ ଭିଡିଓଗୁଡ଼ିକ ଭାଇରାଲ ହେବାରେ ଲାଗିଛି। ପିଲାଦିନରୁ ତାଙ୍କର ଗୋଟିଏ ଗୋଡ ନାହିଁ। ଏହା ସତ୍ତ୍ୱେ ସେ ସାହସ ହରାଇ ନାହାଁନ୍ତି। କୁନାଲଙ୍କ ମା କୁହନ୍ତି, ମୋ ପୁଅ ଗୋଟିଏ ଗୋଡ ବିନା ଜନ୍ମ ହୋଇଥିଲା। ମୁଁ ତାଙ୍କୁ କେବେବି ତାଙ୍କ ସାଥୀମାନଙ୍କଠାରୁ ଅଲଗା ଅନୁଭବ କରିବାକୁ ଦିଏ ନାହିଁ। ସେ ମଧ୍ୟ କଦାପି ନିଜକୁ ନ୍ୟୁନ ଭାବେ ନାହିଁ। ସେ ନିଜେ ସାଇକେଲ ଚଲାଇବା ଶିଖିଛି ବୋଲି ସେ କହିଛନ୍ତି। କୁନାଲ ଶ୍ରେଷ୍ଠା କହିଛନ୍ତି, ମୁଁ ଫୁଟବଲ ଖେଳିବାକୁ ପସନ୍ଦ କରେ। ପ୍ରାରମ୍ଭରେ ମୁଁ ସନ୍ତୁଳନ ରକ୍ଷା କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲି, ମୁଁ ଭୟଭୀତ ଥିଲି କିନ୍ତୁ ଏବେ ମୁଁ ଆତ୍ମବିଶ୍ୱାସ ହାସଲ କରିଛି। ମୋର ସାଙ୍ଗମାନେ ମୋତେ ବହୁତ ସମର୍ଥନ କରୁଛନ୍ତି। ମୁଁ ଆଶା କରୁଛି ଖୁବଶୀଘ୍ର ଏକ ଗୋଲ ସ୍କୋର କରିବି।




# ମନେ ପଡ଼ନ୍ତି

## ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରଶ୍ମିତା ନାୟକ
ରାମଚନ୍ଦ୍ରପୁର, ବରୀ, ଯାଜପୁର
23.11.1973
To
11.11.2001
ଚାହୁଁ ଚାହୁଁ ୧୯ବର୍ଷ ବିତିଗଲା... ବଡ ହତଭାଗିନୀ ତୁମେ, ଫୁଲ, ଫଳ, ରସଗନ୍ଧ ଭରା ଦୁନିଆରୁ ତୁମେ କାଣିଚାଏ ବି ସୁଖ ଭୋଗ କରି ପାରିଲନି। ମାତ୍ର ତୁମର ସତ୍‌ଚିନ୍ତା, ସତ୍‌କାର୍ଯ୍ୟରୁ ସମ୍ଭୂତ ପବିତ୍ରତାକୁ ନେଇ ତୁମେ ଶାନ୍ତି ଲାଭକର... ଏତିକି ମୋର ଅବଶିଷ୍ଟ ଜୀବନର କାମନା.....
ତୁମର ହତଭାଗ୍ୟ ସ୍ୱାମୀ:
ସଞ୍ଜୀବ ନାୟକ
ଧ-୧୮୯୨୩

## ୬ଷ୍ଠ ଶ୍ରାଦ୍ଧବାର୍ଷିକୀ



ଵଭୁବନେଶ୍ୱର ହୋତା (ଶିକ୍ଷକ)
୧୯୩୮ ସାଲ - କମାଶାସନ
କେତେ ସ୍ନେହ ଢାଳୁଥିଲ ଆପଣା ଶିରରେ, ସେଥିପାଇଁ ଲୁହଝରେ ସବୁରି ଆଖିରେ।
ଅମରାତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଶ୍ରୀଜଗନ୍ନାଥଙ୍କ ପାଖରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
-:ଶୋକସନ୍ତପ୍ତ:-
ପୁଅ: ଗଦାଧର, ବିଦ୍ୟାଧର, ବୋହୂ- ପ୍ରତିମା, ରୁବି, ଝିଅ- କୁନି, ଜ୍ୱାଇଁ- ଅର୍ଜୁନ ପୂଜା, ସୋମି, ରାଜା ଏବଂ ପରିବାରବର୍ଗ।
Mob: 8598010008
ଧ-୬୯୦୨୯

## ଶ୍ରଦ୍ଧାଞ୍ଜଳି



ଵକବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା
କବିରାଜ ଭବନ, ଆସିକା, ଗଞ୍ଜାମ
ଆବିର୍ଭାବ: ମହାଶିବରାତ୍ରୀ, ୧୯୧୪
ତିରୋଧାନ: କାର୍ତ୍ତିକ କୃଷ୍ଣପକ୍ଷ ଏକାଦଶୀ, ୨୦୦୬
ଆପଣଙ୍କ ଆଦର୍ଶ ଆମମାନଙ୍କର ପାଥେୟ।
:ଶୋକସନ୍ତପ୍ତ:
ପୁତ୍ର- ପ୍ରଶାନ୍ତ, ବୋହୂ- ବିଜୟଲକ୍ଷ୍ମୀ, ଝିଅ- ରଞ୍ଜିତା, ଜ୍ୱାଇଁପୁଅ- ଏନ୍.ସି. ପାଢ଼ୀ ଓ ବନ୍ଧୁବର୍ଗ।
ଧ-୧୮୯୨୬


# ନଜର ନ ଲାଗିବା ପାଇଁ ଘରେ କଳାରଙ୍ଗ

**ରାୟପୁର:** ସାଧାରଣତଃ ଘରକୁ ସଜାଇବା ପାଇଁ ଲୋକେ ଭିନ୍ନ ଭିନ୍ନ ରଙ୍ଗ ବ୍ୟବହାର କରିଥାନ୍ତି। ମାତ୍ର ଏମିତି ଏକ ଗାଁ ଅଛି, ଯେଉଁଠି ଘର ରଙ୍ଗ କରିବା ପାଇଁ କେବଳ କଳାରଙ୍ଗର ବ୍ୟବହାର କରାଯାଏ। ଛତିଶଗଡ଼ର ଜୟପୁର ଜିଲାସ୍ଥିତ ଏକ ଆଦିବାସୀ ବହୁଳ ଗାଁରେ କେବଳ କଳା ରଙ୍ଗ ଦିଆଯାଇଥିବା ଘର ଦେଖିବାକୁ ମିଳିଥାଏ। ଏହା ପଛରେ କିଛି କାରଣ ମଧ୍ୟ ରହିଛି। ଦୀପାବଳି ପୂର୍ବରୁ ସବୁ ଲୋକ ଘର ରଙ୍ଗ କରିଥାନ୍ତି। ଚଳିତବର୍ଷ ଯଶପୁର ଜିଲାର ଏକ ଆଦିବାସୀ ସମାଜ ପରମ୍ପରା ଅନୁଯାୟୀ କଳା ରଙ୍ଗ ଦେଇଥାନ୍ତି। ଗ୍ରାମୀଣ ଘରର କାନ୍ଥକୁ କଳା ମାଟିରେ ରଙ୍ଗା ଯାଇଥାଏ। ଏଥିପାଇଁ ଗ୍ରାମବାସୀ କୁଟାଜାଳି କଳା ରଙ୍ଗ ପ୍ରସ୍ତୁତ କରିଥାନ୍ତି। ଘରକୁ ଏମିତି କଳାରଙ୍ଗ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସମାଜରେ ସମାନତା ଆଣିବା ପାଇଁ ଘରକୁ ସମାନ ରଙ୍ଗ ଦେବା। ଆଉ ଏକ କାରଣ ହେଲା କଳାରଙ୍ଗ ଉପରେ ନଜର କମ୍ ଲାଗେ। ଚୋରିରୁ ରକ୍ଷା ପାଇବା ପାଇଁ ଘରକୁ କଳାରଙ୍ଗ କରିଥାନ୍ତି। ଏଥିସହିତ ଆଦିବାସୀମାନେ ନିଜର କଳାକୃତି ଆଙ୍କିବା ପାଇଁ କାନ୍ଥକୁ କଳାରଙ୍ଗ କରିଥାନ୍ତି।




# CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

BALAJI FINANCE LIMITED
DIWALI DHAMAKA
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9319932148

MUDRA FINANCE
ସମସ୍ତ ଯୋଜନା ଦ୍ୱାରା ମାର୍କସିଟ୍ ପ୍ରପର୍ଟି, ପର୍ସନାଲ,ବ୍ୟବସାୟ, ବିପିଏଲ୍, କୃଷି, ମୁର୍ଗି-ପାଳନ, ପଶୁପାଳନ ଦୋକାନ ଆଦି
ସମସ୍ତ ଋଣ 1% ସୁଧ ଓ 60% ଛାଡରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
Plot No-14/524, Chandini Chowk, Kolkata
Call or SMS Now
8930928851



ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262



ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
ଯାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
ଫୋନ୍ କରନ୍ତୁ - 8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।



JANODAYA Finance
ପର୍ସନାଲ୍,ପ୍ରପୋର୍ଟି,ଗ୍ରୁପ୍, ମାର୍କସିଟ୍,ବ୍ୟବସାୟ,କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole,Sambalpur
9438082179
8480403308

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ବୁଧବାର, ୧୧ ନଭେମ୍ବର, ୨୦୨୦



## ୩୧ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୩ ଗିରଫ



ଯାଜପୁର ଟାଉନ,୧୦।୧୧ (ଡି.ଏନ.ଏ.): ଯାଜପୁର ଜିଲା ଅବକାରୀ ବିଭାଗ ମଙ୍ଗଳବାର ଚଢାଉ କରି ୩୧ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବ୍ୟାସନଗର ଅଞ୍ଚଳର ଅଜିତ ଦାସ (୩୫), ମନୋଜ ଦାସ (୪୭) ଓ ନାରାୟଣ ଦାସ (୨୮)। ସୂଚନା ଅନୁଯାୟୀ ଯାଜପୁର ରୋଡ୍ ଚୂନଭାଟି ଅଞ୍ଚଳରେ ଏକ ଇଣ୍ଡିକା କାର୍‌ରେ ଅଭିଯୁକ୍ତମାନେ ବ୍ରାଉନ୍‌ସୁଗାର ନେଇ ଯାଉଥିବା ଅବକାରୀ ବିଭାଗ ଚଢ଼ାଉ କରାଯାଇ ବ୍ରାଉନ୍‌ସୁଗାର ଜବତ କରାଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଅଧିକାରୀ ଦେବୀପ୍ରସାଦ ଦାସ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ପିଇଓଙ୍କ ସନ୍ଦେହଜନକ ମୃତ୍ୟୁ

ଫୁଲବାଣୀ ଅଫିସ,୧୦।୧୧: କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ସେ ହେଲେ ବେଣୁଧର ପାତ୍ର। ମଙ୍ଗଳବାର ସକାଳେ ଫିରିଙ୍ଗିଆ ପଞ୍ଚାୟତ ମହାବିଦ୍ୟାଳୟ ସମ୍ମୁଖ ଜଙ୍ଗଲରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି ।

ଦାରିଙ୍ଗବାଡି ବ୍ଲକ ବୁଡ଼ାଗୁଡ଼ାଗାଁର ବେଣୁଧର ୨୦୧୮ରେ ରାଇକିଆ ବ୍ଲକ ବଡ଼ବାରବା ପଞ୍ଚାୟତରେ ପିଇଓ ଭାବେ ନିଯୁକ୍ତି ପାଇଥିଲେ। କାର୍ଯ୍ୟରେ ଅବହେଳା ଯୋଗୁ ତାଙ୍କୁ ନିଲମ୍ବିତ କରାଯାଇଥିଲା। ପରେ ୨୦୧୯ ନଭେମ୍ବର ୧୧ ତାରିଖରୁ ସେ ଫିରିଙ୍ଗିଆ ବ୍ଲକରେ ଯୋଗ ଦେଇଥିଲେ ମଧ ତାଙ୍କୁ କୌଣସି ପଞ୍ଚାୟତ ଦାୟିତ୍ୱ ଦିଆଯାଇ ନ ଥିଲା। ମଙ୍ଗଳବାର ସକାଳେ ଫିରିଙ୍ଗିଆ ଅଞ୍ଚଳର କେତେଜଣ ଲୋକ କଲେଜ ସମ୍ମୁଖ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ଏକ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓ ପହଞ୍ଚି ତଦନ୍ତ କଲା ପରେ ତାହା ବେଣୁଧରଙ୍କ ମୃତଦେହ ବୋଲି ଜଣାପଡ଼ିଥିଲା। ପରିବାର ଲୋକେ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ ।

### ବାର୍‌ହା ଫାଶରେ ପଡି ଯୁବକ ମୃତ

ବିନ୍ଧିକା,୧୦।୧୧(ଡି.ଏନ.ଏ.)-ମଙ୍ଗଳବାର ରାତି ପ୍ରାୟ ୮ଟାରେ ସୁବର୍ଣ୍ଣପୁର ଜିଲା ବିନ୍ଧିକା ବ୍ଲକ ଶିଳାଟି ଗ୍ରାମର ଚୌକିଜୋର ନିକଟରେ ବାର୍‌ହା ଧରିବା ପାଇଁ ବିଛା ଯାଇଥିବା ଫାଶରେ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ତ୍ରିଲୋଚନ ସାଥୁଆ (୧୭) । ଘର ବରଗଡ ଜିଲା ଭେଡେନ ବ୍ଲକ ସାଲେପାଲି ଗ୍ରାମରେ । ବାର୍‌ହା ଉପଦ୍ରବରୁ ଧାନ ଫସଲକୁ ରକ୍ଷା ପାଇଁ ଫାଶ ବିଛା ଯାଇଥିବା ବେଳେ ଏହି ଅଭାବନୀୟ ଘଟଣା ଘଟିଛି ।

### ସବୁଠି କରିହେବ ଏଫ୍‌ଆଇଆର୍

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)
ଟ୍ରେନ୍ ଯାତ୍ରୀଙ୍କ ପାଇଁ ଖୁସି ଖବର। ଏଣିକି ସେମାନେ ଟ୍ରେନ୍ ଯାତ୍ରା ସମୟରେ ଯେକୌଣସି ସ୍ଥାନରେ ଅଭିଯୋଗ ଦାଖଲ କରିପାରିବେ। ଯାତ୍ରୀମାନେ ସେମାନଙ୍କ ଅଭିଯୋଗ ସମ୍ବନ୍ଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ 'ଶୂନ୍ୟ' ବା ଜିରୋ ଏଫ୍‌ଆଇଆର୍ ଦାଖଲ କରିପାରିବେ। ଅଭିଯୋଗକାରୀଙ୍କୁ ନିଜ ଅଭିଯୋଗ ସମ୍ବନ୍ଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଏବଂ ଯାତ୍ରା ସମୟରେ ହଇରାଣ ନ ହେବା ଲାଗି ରେଲୱେ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଏଥିଲାଗି ଅସୁରକ୍ଷିତ ଟ୍ରେନ ରୁଟ୍ ଚିହ୍ନଟ କରାଯାଇଛି। ଉକ୍ତ ରୁଟ୍‌ରେ ଚଳାଚଳ କରୁଥିବା ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍‌ଗୁଡ଼ିକର ଯାତ୍ରୀଙ୍କୁ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଏହି ଟ୍ରେନରେ ଆର୍‌ପିଏଫ୍ ଏବଂ ଜିଆର୍‌ପି ମୁତୟନ କରାଯିବ। ଗୁରୁତ୍ୱପୂର୍ଣ୍ଣ ମେଲ୍ ଏବଂ ଏକ୍ସପ୍ରେସ ଟ୍ରେନରେ ସ୍ଲିପର୍ କ୍ଲାସ୍‌ରେ ଥିବା ଏସ୍-୧ କୋଚ୍‌ର ବର୍ଥ ନମ୍ବର ୬୩ ଜିଆର୍‌ପି ଏବଂ ଆର୍‌ପିଏଫ୍ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ଏ ନେଇ ରେଳ ମନ୍ତ୍ରଣାଳୟ ପକ୍ଷରୁ ସ୍ଥିର କରାଯାଇଛି। ସେହିଭଳି ଶତାବ୍ଦୀ ଏକ୍ସପ୍ରେସ୍‌ର ଏସି ଚେୟାର କାର କୋଚରେ ଗୋଟିଏ ସିଟ୍ ଏବଂ ରାଜଧାନୀ ଏକ୍ସପ୍ରେସ୍‌ର ପାଣ୍ଟ୍ରି କାରରେ ଗୋଟିଏ ବର୍ଥକୁ ଜିଆର୍‌ପି ଓ ଆର୍‌ପିଏଫ୍ କର୍ମଚାରୀଙ୍କ ପାଇଁ ରଖାଯିବ। ଟ୍ରେନ୍‌ରେ ଏସ୍କର୍ଟିଂ କରୁଥିବା ଜିଆର୍‌ପି ଏବଂ ଆର୍‌ପିଏଫ୍ କର୍ମଚାରୀଙ୍କୁ ଏଫ୍‌ଆଇଆର୍ ଫର୍ମ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ଯାତ୍ରୀମାନେ ଯାତ୍ରା ବାତିଲ ନ କରି ଟ୍ରେନ୍‌ରେ ହିଁ ସେମାନଙ୍କର ଅଭିଯୋଗ ଦାଖଲ କରିପାରିବେ। ପୂର୍ବରୁ ଚୋରି କିମ୍ବା ଅନ୍ୟାନ୍ୟ ଆପରାଧିକ ଘଟଣାର ରିପୋର୍ଟ ପଞ୍ଜୀକରଣ କରିବାକୁ ଯାତ୍ରୀଙ୍କୁ ଯାତ୍ରା ସମୟରେ କୌଣସି ଷ୍ଟେଶନରେ ଓହ୍ଲାଇବାକୁ ପଡୁଥିଲା। ଏହାବ୍ୟତୀତ ଯାତ୍ରୀମାନେ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ଅଭିଯୋଗ ଦାଖଲ କରିଥାନ୍ତି। ସେଠାରେ ଏକ ମାମଲା ଶୂନ ନମ୍ବରରେ ତଥା ଜିରୋ ହେଡ୍ ପଞ୍ଜୀକୃତ ହୋଇଥାଏ ଏବଂ ପରବର୍ତ୍ତୀ ଅନୁସନ୍ଧାନ ପାଇଁ ସ୍ଥିରୀକୃତ ଜିଆର୍‌ପି ଥାନାକୁ ମାମଲା ସ୍ଥାନାନ୍ତର କରାଯାଇଥାଏ। ସମ୍ପୃକ୍ତ ପ୍ରାଧିକରଣ ଜିଆର୍‌ପିରେ ପହଞ୍ଚିବାକୁ ପ୍ରାୟ ମାସ ମାସ ଲାଗିଯାଏ। ହେଲେ ଏଣିକି ପୂର୍ବତଟ ରେଳ ପରିସୀମା ଅଧୀନରେ ୧୦୦ରୁ ଊର୍ଦ୍ଧ୍ୱ ସ୍ୱତନ୍ତ୍ର ଟ୍ରେନ୍ ସୁରକ୍ଷା କର୍ମୀଙ୍କ ଦ୍ୱାରା ଏସ୍କର୍ଟିଂ ବା ପାଟ୍ରୋଲିଂ କରାଯିବ। ଏଥିରେ ଅପ୍ ଦିଗରେ ୨୫ ନିୟମିତ ସ୍ୱତନ୍ତ୍ର ଟ୍ରେନ୍ ଓ ଡାଉନ୍ ଦିଗରେ ୨୬ ସ୍ୱତନ୍ତ୍ର ଟ୍ରେନ୍ ଏବଂ ଅପ୍ ଦିଗରେ ୨୪ ଫେଷ୍ଟିଭାଲ୍ ସ୍ୱତନ୍ତ୍ର ଟ୍ରେନ୍ ଓ ଡାଉନ୍ ଦିଗରେ ୨୫ଟି ସ୍ୱତନ୍ତ୍ର ଟ୍ରେନ୍ ରହିଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ରେଳ ପରିସର ତଥା ଟ୍ରେନ୍ ଯାତ୍ରା ସମୟରେ ଆପରାଧିକ କାର୍ଯ୍ୟକଳାପ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଭୟ ମୁଖ୍ୟାଳୟ ତଥା ରେଳମଣ୍ଡଳ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଅଭ୍ୟାସଗତ ଆପରାଧିକ କାର୍ଯ୍ୟ: ଏନ୍‌ଜିଟି

**ବୈତରଣୀ ନଦୀର ସାଆଁଳା ବାଲିଘାଟ**

- ପରିବେଶଗତ କ୍ଷତିପୂରଣ ଆଦାୟ ନିର୍ଦ୍ଦେଶ
- ବିନା ପରିଚାଳନା ଅନୁମତିରେ ଚାଲିଥିଲା ବାଲିଖାଦାନ

ଯାଜପୁର ଅଫିସ,୧୦।୧୧
ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନ ବୈତରଣୀ ନଦୀର ସାଆଁଳା ବାଲିଘାଟରୁ ବିନା ଅନୁମତିରେ ବାଲି ଉତ୍ତୋଳନ ହେଉଥିଲା। ବାରମ୍ବାର ତାଗିଦ ପରେ ବି ଲିଜ୍‌ଧାରୀ ଅଭ୍ୟାସଗତ ଆପରାଧିକ କାର୍ଯ୍ୟ କରୁଥିଲେ। ଲିଜ୍ ଏରିଆ ଚିହ୍ନଟ ନ କରି ନଦୀବନ୍ଧ କାଟି ବାଲିଖାଦାନ ଚାଲିଥିଲା। ତେଣୁ ବେଆଇନ ବାଲି ଲୁଟ୍ ହୋଇଥିବାରୁ ସିପିସିବି(କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ)ର ଗାଇଡଲାଇନ ଅନୁସାରେ ପରିବେଶଗତ କ୍ଷତିପୂରଣ ବାବଦକୁ ଲିଜ୍‌ଧାରୀଙ୍କଠାରୁ ଆବଶ୍ୟକ ଅର୍ଥ ଆଦାୟ କରିବାକୁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ନିର୍ଦ୍ଦେଶ ଜାରିକରିଛି। ଏନଜିଟି ପକ୍ଷରୁ ଗଠିତ କମିଟି ପରବର୍ତ୍ତୀ ଶୁଣାଣି ୧୫।୧୨।୨୦୨୦ ପୂର୍ବରୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶରେ ଦର୍ଶାଯାଇଛି।

ଯାଜପୁର ଜିଲା ଦେଇ ପ୍ରବାହିତ କୋରେଇ ବ୍ଲକ ସାଆଁଳା ବାଲିଘାଟରେ ବେଆଇନ ବାଲି ଉତ୍ତୋଳନ ହେଉଥିବାନେଇ ଏନ୍‌ଜିଟିରେ ପ୍ରଥମେ ୧୬୨/୨୦୧୬/ଇଜେଡ କେସ ନମ୍ବରରେ ମାମଲା ରୁଜୁ ହୋଇଥିଲା। ୨୨।୫।୨୦୧୭ରେ ଏହି ମାମଲାର ଶୁଣାଣି କରି ପ୍ରଦୂଷଣ ନିୟମ, ପରିବେଶଗତ ଓ ପରିଚାଳନା ଅନୁମତି ନେଇ ଆଇନ ଅନୁସାରେ ବାଲି ଉତ୍ତୋଳନ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଯଦି ଏହାର ଉଲ୍ଲଂଘନ ହୋଇଛି ତେବେ ଆଇନ ଅନୁସାରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍‌ଜିଟି ଶୁଣାଣିରେ ଦର୍ଶାଯାଇଥିଲା। ତେବେ ଏହି ନିର୍ଦ୍ଦେଶକୁ ନ ମାନି ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ଲିଜ୍‌ଧାରୀ ଦେବେନ୍ଦ୍ର ଘଡେଇ ବାଲି ଉତ୍ତୋଳନ କରିଥିଲେ। ବୈତରଣୀ ନଦୀ ପାର୍ଶ୍ୱ ସାଆଁଳା ଗ୍ରାମର ଶରତଚନ୍ଦ୍ର ମହାପାତ୍ର, ମାନସ ମହାପାତ୍ର ପ୍ରମୁଖ ଗ୍ରାମବାସୀ ବେଆଇନ ବାଲି ଉତ୍ତୋଳନ ହେଉଥିବା ନେଇ ପୁଣି ଏନଜିଟିର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଏନଜିଟିରେ ୩୫/୨୦୨୦/ଇଜେଡ କେସ ନମ୍ବରରେ ମାମଲା ରୁଜୁ ହୋଇଥିଲା। ଏହାର ବିଚାର କରି ଏନଜିଟି ପକ୍ଷରୁ ବିଚାରପତି ଏସ.ପି. ୱାଙ୍ଗଡି ଓ ବୈଷୟିକ ସଦସ୍ୟ ସିଦ୍ଧାନ୍ତ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ଜୁନରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରି ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନଜିଟିର ଏହି ନିର୍ଦ୍ଦେଶ ଅନୁସାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା, ତତ୍କାଳୀନ ଯାଜପୁର ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ ଓ ପରିବେଶ ବୈଜ୍ଞାନିକ ପ୍ରଦୀପ କୁମାର ନାୟକ ୧୩।୮।୨୦୨୦ରେ ମିଳିତ ଭାବେ ତଦନ୍ତ କରିଥିଲେ। ରିପୋର୍ଟରେ ପୂର୍ବରୁ ମେଶିନ ବ୍ୟବହାର ହୋଇଥିବା ଓ ବ୍ୟବହୃତ ଗାଡି ଜବତ ହୋଇଥିଲା ବୋଲି ଦର୍ଶାଯାଇଥିଲା। ତେବେ ତଦନ୍ତ ସମୟରେ କୌଣସି ବାଲି ଖାଦାନ ସାଆଁଳା ବାଲିଘାଟରେ ଚାଲୁ ନ ଥିଲା ବୋଲି ଉଲ୍ଲେଖ ହୋଇଥିଲା। ତେବେ ଏନଜିଟି ପରିଚାଳନାଗତ ଅନୁମତି ନ ଥିବାରୁ ଉକ୍ତ ବାଲିଘାଟକୁ ବେଆଇନ ବୋଲି ଅଭିହିତ କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବାକୁ ୬।୧୧।୨୦୨୦ର ଶୁଣାଣିରେ ନିର୍ଦ୍ଦେଶ ଜାରି କରିଛି। ପ୍ରଭାବିତ ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଥିଲେ ଯେ, ସାଆଁଳା ବାଲିଘାଟକୁ ମାନୁଆଲ(ହସ୍ତଚାଳିତ) ମାଇନିଂ ଲିଜ ପ୍ରଦାନ କରାଯାଇଛି। ହେଲେ ଲିଜଧାରୀ ଏହାର ଉଲ୍ଲଂଘନ କରି ମେକାନିକାଲ(ଯନ୍ତ୍ରଚାଳିତ)ଖଣିରେ ପରିଣତ କରିଛନ୍ତି। ପୂର୍ବରୁ ଏନଜିଟିର ନିର୍ଦ୍ଦେଶକୁ ପାଳନ କରାଯାଇ ନାହିଁ। ଦୈନିକ ୬.୧୨ ଘନମିଟର ଅନୁମତି ମିଳିଥିବାସ୍ଥଳେ ଦୈନିକ ୨୦୦ ଘନମିଟର ବାଲି ଉତ୍ତୋଳନ ହେଉଛି। ଲିଜପ୍ରାପ୍ତ ଅଞ୍ଚଳକୁ ବାଦ୍‌ଦେଇ ଅଧିକ ଏରିଆକୁ ଅନ୍ତର୍ଭୁକ୍ତ କରାଯାଇଛି। ନଦୀବନ୍ଧ, ଜନବହୁଳ ଅଞ୍ଚଳ, ବିଦ୍ୟାଳୟ ଓ ପିଏମଜିଏସୱାଇ ରାସ୍ତା ଦେଇ ଗାଡିରେ ଓଭରଲୋଡିଂ ବାଲି ପରିବହନ ହେଉଛି। ମାଇନିଂ ଅଞ୍ଚଳ ଓ ରାସ୍ତା ପାର୍ଶ୍ୱରେ ସବୁଜୀକରଣ କରାଯାଇ ନ ଥିବାବେଳେ ଅର୍ଦ୍ଧବାର୍ଷିକ ଅନୁପାଳନ ରିପୋର୍ଟ ଦାଖଲ ସହ ୧୦ ଦଫା ସମ୍ବଳିତ ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗ ଅନୁଯାୟୀ ଆଇନଜୀବୀ ଶଙ୍କରପ୍ରସାଦ ପାଣି ଏନଜିଟିରେ ମାମଲା ଦାଖଲ କରିଛନ୍ତି। ଏ ସଂକ୍ରାନ୍ତରେ ଏସପିସିବିର ଆଞ୍ଚଳିକ ଅଧିକାରୀ ବେହେରା କହିଛନ୍ତି, ଏଯାଏ ଏନଜିଟିର ନିର୍ଦ୍ଦେଶ ସେ ପାଇନାହାନ୍ତି। ନିର୍ଦ୍ଦେଶ ଆସିଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## କୃଷି, ସ୍ୱାସ୍ଥ୍ୟ, ଖାଦ୍ୟ ଯୋଗାଣ ଉପରେ ଗୁରୁତ୍ୱ

**ମାଲକାନଗିରି ଜିଲା କମିଟିର ସମୀକ୍ଷା**

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)
କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ମାଲକାନଗିରି ଜିଲା ଯୋଜନା କମିଟିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ବେହେରା ଓକାକ୍‌ରେ ଉପସ୍ଥିତ ରହି ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାର କୋଭିଡ୍ ପରିଚାଳନା ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ଯେପରି ସମସ୍ତଙ୍କ ନିକଟରେ ପହଞ୍ଚିପାରିବ ସେନେଇ ମନ୍ତ୍ରୀ, ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।। ଜିଲାର କୃଷି, ଖାଦ୍ୟ ଯୋଗାଣ, ଗ୍ରାମ୍ୟ ଉନ୍ନୟନ, ସଡ଼କ ନିର୍ମାଣ, କୋଠାବାଡ଼ି, ବିଜୁ କେବିକେ ଏବଂ ଜିଲାର ସାମଗ୍ରିକ ବିକାଶ ଓ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା ହୋଇଛି। ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରିତ ଢଙ୍ଗରେ ଆଗେଇ ଚାଲୁଥିବାରୁ ମନ୍ତ୍ରୀ ବେହେରା ଜିଲାସ୍ତରୀୟ ଅଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି।

# ଶିଶୁ, ଗର୍ଭବତୀଙ୍କୁ ଦିଆଯିବ ଚୂନା ମାଛ

- ପରିପୂରକ ପୁଷ୍ଟିସାଧନ ଖାଦ୍ୟ ତାଲିକାରେ ସାମିଲ କରାଯିବ
- ମୟୂରଭଞ୍ଜ ଜିଲାରେ ଆରମ୍ଭ ହେବ ପାଇଲଟ୍ ପ୍ରକଳ୍ପ
- ରାଜ୍ୟ ସରକାର- ୱାର୍ଲ୍ଡ ଫିସ୍ ମଧ୍ୟରେ ଏମ୍‌ଓୟୁ



ରାଜ୍ୟ ସରକାର ଏବଂ ୱାର୍ଲ୍ଡ ଫିସ୍ ଅଧିକାରୀଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି।

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)
ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଅଙ୍ଗନୱାଡ଼ି କେନ୍ଦ୍ରରେ ୩ରୁ ୬ବର୍ଷ ବୟସର ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳା ଏବଂ କିଶୋରୀଙ୍କୁ ଯୋଗାଇ ଦିଆଯାଉଥିବା ପରିପୂରକ ପୁଷ୍ଟିସାଧନ ଖାଦ୍ୟ ତାଲିକାରେ ଚୂନା ମାଛ ସାମିଲ ହେବ। ପାଇଲଟ୍ ପ୍ରକଳ୍ପ ଭାବେ ମୟୂରଭଞ୍ଜ ଜିଲାର ୫୦ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଏହି ଯୋଜନା ଆରମ୍ଭ କରାଯିବ। ଏଥିପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଭର୍ଚୁଆଲ୍ ବୈଠକରେ ମଙ୍ଗଳବାର ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଏବଂ ମତ୍ସ୍ୟ ଉତ୍ପାଦନ, ଅନ୍ତର୍ଜାତୀୟ ସଂସ୍ଥା ୱାର୍ଲ୍ଡଫିସ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିଶନ୍, ସିଏଫ୍‌ଟିଆର୍‌ଆଇ, ଆଇସିଏମ୍‌ଆର୍-ଆର୍‌ଏମ୍‌ଆର୍‌ସିର ବିଶେଷଜ୍ଞଙ୍କୁ ନେଇ ଗଠିତ ବୈଷୟିକ ଉପଦେଷ୍ଟା ଦଳଙ୍କ ପରାମର୍ଶ କ୍ରମେ ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ମାଛକୁ ସାମିଲ କରିବାକୁ ନିଷ୍ପତ୍ତି ହୋଇଛି। ପାଇଲଟ୍ ପ୍ରକଳ୍ପ ସଫଳ ହେଲେ ଏହି କାର୍ଯ୍ୟକ୍ରମ ଅନ୍ୟ ଅଙ୍ଗନୱାଡ଼ି କେନ୍ଦ୍ରକୁ ସମ୍ପ୍ରସାରିତ କରାଯିବ। ଏହି ବୁଝାମଣାପତ୍ର ସ୍ୱାକ୍ଷରର ଉଦ୍ଦେଶ୍ୟ ହେଉଛି, ଗ୍ରାମ ପଞ୍ଚାୟତ ପୋଖରୀରେ ମାଛଚାଷ କରୁଥିବା ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ ଦେଇ ସକ୍ରିୟ କରିବା, ମାଛ ପ୍ରକ୍ରିୟାକରଣ ଏବଂ ବଜାର ସଂଯୋଗୀକରଣ ଯୋଗାଇବା, ପୁଷ୍ଟିସାଧନ କ୍ଷେତ୍ରରେ ମାଛର ଉପାଦେୟତା ସମ୍ପର୍କରେ ସାମାଜିକ ଏବଂ ବ୍ୟାବହାରିକ ସଚେତନତା ସୃଷ୍ଟି କରିବା, ବ୍ୟାପକ ପ୍ରଚାର ପ୍ରସାର କରିବା ଏବଂ କାର୍ଯ୍ୟକ୍ରମରେ ସମ୍ପୃକ୍ତ ସମସ୍ତଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବୈଷୟିକ ଶିକ୍ଷାକୁ ନଥିକରଣ କରିବା। ଅଧିକ ମାଛ ଉତ୍ପାଦନ ହେଉଥିବା ଉପକୂଳବର୍ତ୍ତୀ ଜିଲାଗୁଡ଼ିକର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆଧୁନିକ ସୌର ଶକ୍ତି ଚାଳିତ ବୈଷୟିକ ଜ୍ଞାନକୌଶଳରେ ମାଛ ଶୁଖାଇବା ଏବଂ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ)ଙ୍କ ମାନ ଅନୁସାରେ ମାଛଗୁଣ୍ଡ ପ୍ରସ୍ତୁତି ସମ୍ପର୍କରେ ମଧ ପ୍ରଶିକ୍ଷଣ ଦିଆଯିବ। ମିଶନ ଶକ୍ତି କମିଶନର ତଥା ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ୍ କହିଥିଲେ, ପର୍ଯ୍ୟାପ୍ତ ପୁଷ୍ଟିସାଧନ ସହ ଅର୍ଥନୈତିକ ସୁଯୋଗ ସୃଷ୍ଟି ନିମନ୍ତେ ଏହି କାର୍ଯ୍ୟକ୍ରମ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ। ୱାର୍ଲ୍ଡଫିସର ମହାନିର୍ଦ୍ଦେଶକ ଡ. ଗରେଥ୍ ଜନଷ୍ଟୋନ୍ ସଂସ୍ଥାର ବୈଷୟିକ ବିଶେଷଜ୍ଞମାନେ ୬ମାସ ମଧ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସ୍ୱଚ୍ଛ ଏବଂ ସ୍ୱାସ୍ଥ୍ୟକର ପରିବେଶରେ ସୌରଚାଳିତ ମାଛ ଶୁଖା ଯନ୍ତ୍ର ସାହାଯ୍ୟରେ ମାଛ ଶୁଖାଇବା ନେଇ ଜ୍ଞାନକୌଶଳ ଯୋଗାଇଦେବେ ବୋଲି କହିଥିଲେ। ବିଭାଗ ପକ୍ଷରୁ ନିର୍ଦ୍ଦେଶକ ଏବଂ ୱାର୍ଲ୍ଡଫିସ୍, ଓଡ଼ିଶାର ପ୍ରୋଗ୍ରାମ ମ୍ୟାନେଜର ଡ. ଅରୁଣ ପୋଦ୍ଦାର ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

## ଜିଏସ୍‌ଟି ଠକେଇ:ମା' ପୁଅ ଗିରଫ


ଗିରଫ ମା'ପୁଅଙ୍କୁ ବଲାଙ୍ଗୀର ଟାଉନ୍ ପୋଲିସ କୋର୍ଟଚାଲାଣ କରିବାକୁ ନେଉଛି।

- ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର

ବଲାଙ୍ଗୀର ଅଫିସ,୧୦।୧୧
କୃଷିଋଣ ଓ ଗୃହଋଣ କରାଇ ଦେବା ନାଁରେ ବଲାଙ୍ଗୀର ଜିଲାର ଗରିବ ଲୋକଙ୍କଠୁ ଆଧାର କାର୍ଡ, ଜମିପଟା ଆଦି କାଗଜପତ୍ର ନେଇ ଜାଲ କମ୍ପାନୀ ଖୋଲି କୋଟି କୋଟି ଟଙ୍କା କାରବାର ଓ ଜିଏସ୍‌ଟି ଠକେଇ ମାମଲାରେ ଅଟକ ଥିବା ମା'ପୁଅଙ୍କୁ ବଲାଙ୍ଗୀର ଆଦର୍ଶ ଟାଉନ୍ ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି । ଗିରଫ ମା'ପୁଅ ହେଲେ ବଲାଙ୍ଗୀର ଟିକ୍ରାପଡାର ଗାୟତ୍ରୀ ଜୟସ୍ୱାଲ ଓ ତାଙ୍କ ପୁଅ ବୀରେନ୍ଦ୍ର ଜୟସ୍ୱାଲ। ହସ୍ପିଟାଲରେ ସ୍ୱାସ୍ଥ୍ୟ ଯାଞ୍ଚ ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜିଲା କାରାଗାରକୁ ପଠାଇ ଦିଆଯାଇଛି। ଉଭୟଙ୍କ ବିରୁଦ୍ଧରେ ଦଫା ୪୨୦, ୪୬୮, ୪୭୧ ଓ ୧୨୦(ବି)ରେ ମାମଲା ରୁଜୁ କରାଯାଇଛି ।

ବଲାଙ୍ଗୀର ଜିଲା ସଇଁତଲା ଓ ଦେଓଗାଁ ଥାନାର ଘଣ୍ଟମାଳ, ସାରସମାଲ ଓ ଭେରୁଆପଟା ଗାଁର ୯ ଜଣ ଚାଷୀଙ୍କୁ କୃଷିଋଣ ଓ ଗୃହଋଣ ପ୍ରଲୋଭନ ଦେଖାଇ ଗାୟତ୍ରୀ ଓ ବୀରେନ୍ଦ୍ର ସେମାନଙ୍କଠାରୁ ଆଧାର କାର୍ଡ, ଜମି ପାର୍ଚ୍ଚା ଓ ଅନ୍ୟାନ୍ୟ କାଗଜପତ୍ର ନେଇଯାଇ ସେମାନଙ୍କୁ ଠକିଥିବା ଜଣାପଡିଛି । ଅଭିଯୋଗକାରୀମାନେ ବଲାଙ୍ଗୀର ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୪୮୦/୨୦) ରୁଜୁ କରିଛି। ଦୁଇଦିନ ତଳେ ଅଭିଯୁକ୍ତ ମା' ପୁଅଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିଲା । ୯ ଜଣ ଗରିବ ଲୋକଙ୍କ ବିଭିନ୍ନ କାଗଜପତ୍ର ବ୍ୟବହାର କରି ୪ଟି ଜାଲ କମ୍ପାନୀ ଜରିଆରେ ପ୍ରାୟ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର କରାଯାଇଥିବା ଜିଏସ୍‌ଟି, ବାଣିଜ୍ୟକର ବିଭାଗ ଓ ପୋଲିସ ତଦନ୍ତରୁ ଜଣାପଡିଛି। ଗତ ଏପ୍ରିଲରେ ଅଭିଯୁକ୍ତ ଗାୟତ୍ରୀ ଦେଓଗାଁ ଥାନା ସାରସମାଲ ଗାଁକୁ ଯାଇ ସେଠାକାର ଗରିବ ଶ୍ରେଣୀର କେତେକ ମହିଳାଙ୍କୁ ପ୍ରଥମେ ସିଲେଇ ଓ ମସଲା ପ୍ରସ୍ତୁତି ତାଲିମ କଥା କହିଥିଲେ। ପରେ କୃଷିଋଣ ଓ ଗୃହଋଣ କରାଇ ଦେବା ନାଁରେ ପ୍ରାୟ ୧୨ଜଣଙ୍କ ବିଭିନ୍ନ ଡକ୍ୟୁମେଣ୍ଟ ନେଇଯାଇଥିଲେ। ଉକ୍ତ ଡକ୍ୟୁମେଣ୍ଟକୁ ବ୍ୟବହାର କରି ଜାଲ କମ୍ପାନୀ ଖୋଲି କୋଟି କୋଟି ଟଙ୍କା ଜିଏସ୍‌ଟି ଠକେଇ ହୋଇଥିବା ଜଣାପଡିଥିଲା । ଏନେଇ ଜିଏସ୍‌ଟି ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ କରାଯିବା ପରେ ଘଟଣା ଉପରୁ ପର୍ଦ୍ଦା ହଟିଛି । ୪ଟି ଜାଲ କମ୍ପାନୀ ସିନ୍ଧୁଜା ଷ୍ଟିଲ, ଘଟଗାଁବାସିନୀ ଟ୍ରାନ୍ସପୋର୍ଟ, କୋଲାଦିଆ ଟ୍ରେଡର୍ସ ଓ ଶିବମ୍ ଷ୍ଟିଲ ନାଁରେ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କାରବାର ହୋଇଛି।

# ୨୦୨୧ ସୁଦ୍ଧା ୪୩୦୦ ମେଗାୱାଟ୍ ଉତ୍ପାଦନ ଲକ୍ଷ୍ୟ

**ବିଦ୍ୟୁତ୍ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ**

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)
୨୦୧୯-୨୦ରେ ରାଜ୍ୟରେ ୩୪୮୯ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହୋଇଛି। ସେଥିରୁ ୨୪୬୮ ମେଗାୱାଟ୍ ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇଥିବା ବେଳେ ୮୫୪ ମେଗାୱାଟ୍ ଜଳବିଦ୍ୟୁତ୍ ଏବଂ ଅଣପାରମ୍ପରିକ ଶକ୍ତି ଉତ୍ସରୁ ୧୬୭ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହୋଇଛି। ରାଜ୍ୟର ବିଦ୍ୟୁତ୍ ଚାହିଦା ହେଉଛି ୩୨୦୦ ମେଗାୱାଟ୍। ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଶକ୍ତି ଉତ୍ପାଦନ ସମୀକ୍ଷା ବୈଠକରେ ଏହି ସୂଚନା ଦିଆଯାଇଛି। ୧୯୯୦ ପୂର୍ବରୁ ରାଜ୍ୟରେ ବିଦ୍ୟୁତ୍ ଶକ୍ତି ଅଭାବ ରହିଥିବା ବେଳେ ଏବେ ବଳକା ରାଜ୍ୟରେ ପରିଣତ ହୋଇଛି। ଗ୍ରାମାଞ୍ଚଳ ଏବଂ ଶିଳ୍ପଗୁଡିକ ଉତ୍ତମ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ମୁଖ୍ୟ ଶାସନ ସଚିବ ଗ୍ରୀଡ୍‌କୋକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦-୨୧ ସୁଦ୍ଧା ଗ୍ରୀଡ୍‌କୋ ୪୩୦୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି। ସେହିପରି ସବୁଜ ଶକ୍ତି ଉତ୍ପାଦନ କରିବା ଦିଗରେ ମଧ ସରକାର ପଦକ୍ଷେପ ନେଉଛନ୍ତି। ୨୦୧୦-୧୧ରୁ ରାଜ୍ୟରେ ଜଳ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ପାଇବାରେ ଲାଗିଛି। ୨୦୧୦-୧୧ରେ ୬୯୫ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉଥିବା ବେଳେ ୨୦୧୯-୨୦ରେ ୮୫୪ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହୋଇଛି। ଏଥିସହିତ ଅଣପାରମ୍ପରିକ ଶକ୍ତି ଉତ୍ସରୁ ୬୬୪ମେଗାୱାଟ୍‌ରୁ ୧୦୭୯ ମେଗାୱାଟ୍ ଉତ୍ପାଦିତ ହେଉଛି। ୨୦୨୧-୨୨ ସୁଦ୍ଧା ଏହାକୁ ୧୫୦୦ମେଗାୱାଟ୍‌ରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଥିବା ବୈଠକରେ ସୂଚନା ଦିଆଯାଇଛି। ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଗ୍ରୀଡ୍‌କୋ ଅଧ୍ୟକ୍ଷ ସୌରଭ ଗର୍ଗ ପ୍ରମୁଖ ଯୋଗ ଦେଇଥିଲେ।

# ବାହାର ଜିଲା ଧାନ ଆସିଲେ ଢାଳି ଦେବେ ଚାଷୀ


ସମ୍ବଲପୁର ବରେଇପାଲି ମାର୍କେଟ ୟାର୍ଡରେ ଅନୁଷ୍ଠିତ ବୈଠକରେ ଚାଷୀମାନେ ।

**ଜିଲା କୃଷକ ସଂଗଠନର ବୈଠକରେ ନିଷ୍ପତ୍ତି**

- ବ୍ରିକି ପରିମାଣ ବୃଦ୍ଧି କରାଯାଉ
- ଭିତ୍ତିଭୂମି ନ ଥାଇ ଏସ୍‌ଏଚ୍‌ଜିଙ୍କୁ ଦାୟିତ୍ୱ
- ଚାଷୀଙ୍କ ଅଜାଣତରେ ଡାଟା ହ୍ୟାକ୍ ହେଉଛି

ସମ୍ବଲପୁର,୧୦।୧୧(ବ୍ୟୁରୋ)
ଗତ ଖରିଫ ଋତୁ ଧାନ ସଂଗ୍ରହ ସମୟରେ ଜିଲା ବାହାରୁ ଧାନ ଆସିବାରୁ ସମ୍ବଲପୁର ଚାଷୀମାନଙ୍କୁ ସମସ୍ୟା ହୋଇଥିଲା । ମିଲର୍ସମାନେ ଧାନ ନେବାକୁ ରାଜି ହେଉ ନ ଥିଲେ । ଏହାଦ୍ୱାରା ବଡଧରଣର ଦୁର୍ନୀତି ହେବା ଆଶଙ୍କା ରହିଛି। ତେଣୁ ସମ୍ବଲପୁର ଜିଲାର ଚାଷୀଙ୍କ ଧାନ ସଂପୂର୍ଣ୍ଣ ଭାବେ ବିକ୍ରି ନ ହେବା ପର୍ଯ୍ୟନ୍ତ ଜିଲା ବାହାର ଅଞ୍ଚଳର ଧାନ ସଂଗ୍ରହ କରା ନ ଯାଉ । ଯଦି କୌଣସି ମାର୍କେଟ କିମ୍ବା ରାସ୍ତାରେ ଚାଷୀମାନେ ଜିଲା ବାହାରର ଧାନ ଗାଡି ଧରନ୍ତି ,ତାହେଲେ ଚାଷୀମାନେ ଧାନକୁ ରାସ୍ତାରେ ଢାଳି ଦେବେ । କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ଦେଖାଗଲେ ସେଥିପାଇଁ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଦାୟୀ ରହିବେ ବୋଲି ବରେଇପାଲି ମାର୍କେଟ ୟାର୍ଡରେ ଜିଲା କୃଷକ ସଂଗଠନ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ଜିଲା ସଭାପତି ମୁରାରୀ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚାଷୀମାନେ ବକ୍ତବ୍ୟ ଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ । କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ କଳା ଆଇନ ଭାବେ ଘୋଷଣା କରି ନିନ୍ଦା କରାଯାଇଥିଲା । ସେହିପରି ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ନୀତିକୁ ଚାଷୀମାନେ ବିରୋଧ କରିଥିଲେ । ଚଳିତବର୍ଷ ସମଗ୍ର ପଶ୍ଚିମ ଓଡିଶାରେ ଅଧିକ ଧାନ ଅମଳ ହେବାର ଆଶା ଅଛି । ହେଲେ ରାଜ୍ୟ ସରକାର ଜଳସେଚିତ ଅଞ୍ଚଳରେ ଏକର ପିଛା ୧୯ କୁଇଣ୍ଟାଲ ଓ ଅଣଜଳସେଚିତ ଅଞ୍ଚଳରେ ୧୩ କୁଇଣ୍ଟାଲ ଧାନ ବିକ୍ରି କରିପାରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ତେବେ ଅଧିକ ଉତ୍ପାଦିତ ଧାନ କିପରି ବିକ୍ରି କରିବେ ତାହା ଚିନ୍ତାର କାରଣ ହୋଇଛି । ବାଧ ହୋଇ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବେ। ତେଣୁ ବିକ୍ରି ପରିମାଣକୁ ବୃଦ୍ଧି କରାଯାଉ ବୋଲି ଦାବି ହୋଇଛି। ଏହାସହ ଏସଏଚଜି ମହିଳାମାନଙ୍କୁ ଧାନ କିଣାବିକାର ଦାୟିତ୍ୱ ଦିଆଯାଇଛି । ଏହା ବେପାରୀମାନଙ୍କୁ ସୁହାଇଲା ଭଳି କରାଯାଇଛି । ଏସଏଚଜି ମହିଳାମାନଙ୍କୁ ଆଳ କରି ବେପାରୀ ଓ ମିଲର୍ସମାନେ ଲାଭବାନ ହେବେ । ଏସଏଚଜି ମହିଳାମାନଙ୍କ ପାଇଁ ଭିତ୍ତିଭୂମି କରାଯାଇ ନାହିଁ । ସେମାନେ ମାର୍କେଟକୁ ମଧ ଆସି ଧାନ ସଂଗ୍ରହରେ ସାମିଲ ନ ହେବା ପୂର୍ବରୁ ଦେଖାଦେଇଛି । ନିଜ ପଞ୍ଚାୟତ କିମ୍ବା ନିଜକୁ ସୁବିଧା ହେଲା ଭଳି ସ୍ଥାନରେ ଧାନ କିଣାବିକା କରୁଛନ୍ତି । ଗତବର୍ଷ ବ୍ୟାପକ ଦୁର୍ନୀତି ହୋଇଥିବାର ଅଭିଯୋଗ ମଧ ରହିଛି । ଚାଷୀଙ୍କ ଡାଟାକୁ ମଧ ସରକାର ତାଙ୍କ ଅଜାଣତରେ ହ୍ୟାକ୍ କରି ନେଇଛନ୍ତି ।

ପୂର୍ବରୁ ଚାଷୀମାନେ ପଞ୍ଜୀକରଣ ସମୟରେ ପ୍ୟାକ୍ସଗୁଡିକରେ ଧାନ ବିକ୍ରି କରିବା ପାଇଁ ନିଜ ସ୍ୱୀକୃତି ପ୍ରଦାନ କରିଥିଲେ । ହେଲେ ସରକାର ଏହାକୁ ନ ମାନି ଜିଲାର କେତେଗୋଟି ପଞ୍ଚାୟତରେ ଏବେ ଏସଏଚଜି ମହିଳାଙ୍କ ପାଖରେ ଧାନ ବିକ୍ରି କରିବା ପାଇଁ ଟୋକନ ପ୍ରଦାନ କରୁଛନ୍ତି । ଏହା ଆଇନ ପରିସରଭୁକ୍ତ ନୁହେଁ । ଭୁବନେଶ୍ୱରରେ ଥାଇ ଟୋକନ ଦେବା ସହ ସମୁଦାୟ ଧାନ ସଂଗ୍ରହ ବ୍ୟବସ୍ଥାର ପରିଚାଳନା କରାଯାଉଛି। ଏହା ବାସ୍ତବରେ ସଫଳ ହେଉନାହିଁ। ଜିଲାସ୍ତରରେ ଅଧିକାରୀମାନଙ୍କୁ ଅଭିଯୋଗ କଲେ ମଧ ସେମାନେ ସମସ୍ୟାର ସମାଧାନ କରି ପାରୁନାହାନ୍ତି। ଏହାକୁ ନେଇ ପୂର୍ବରୁ ମଧ ବିରୋଧ କରାଯାଇଛି । ଆସନ୍ତା ୧୨ ତାରିଖରୁ ଧାନ ସଂଗ୍ରହ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ସମୟରେ ଚାଷୀମାନେ ଶାନ୍ତିପୂର୍ଣ୍ଣ ଭାବେ ବିରୋଧ କରିବେ । ପ୍ରତ୍ୟେକ ଚାଷୀ କଳା ବ୍ୟାଜ୍ ପିନ୍ଧି ଧାନ ସଂଗ୍ରହ କେନ୍ଦ୍ରକୁ ଯିବେ ବୋଲି ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ ସୂଚନା ଦେଇଛନ୍ତି ।

# ୨୦୦ତମ ମ୍ୟାଚରେ ରୋହିତ ରାଜ୍




ମାଲିକାଣୀ ନୀତା ଅମ୍ବାନୀଙ୍କ ସହ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଦଳ।

## ପ୍ରଥମ ପୃଷ୍ଠାରୁ...

### ମୁମ୍ବାଇ ଇଣ୍ଡିଆନ୍ସ...

ଶକ୍ତ ଝଟ୍କା ଦେଇଥିଲେ। ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ କ୍ୱାଲିଫାୟର-୨ରେ ଦିଲ୍ଲୀକୁ ଭଲ ଆରମ୍ଭ ଦେଇଥିବା ଷ୍ଟୋଇନିସ ଏଠାରେ ଖାତା ଖୋଲିବା ପୂର୍ବରୁ ଉଇକେଟ କିପର କ୍ୱିଣ୍ଟନ ଡି'କକ୍‌ଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାକୁ ମିଶାଇ ଚଳିତ ସଂସ୍କରଣର ପ୍ରଥମ ଓଭରରେ ଦିଲ୍ଲୀର ଉଇକେଟ ପତନ ସଂଖ୍ୟା ୧୦ରେ ପହଞ୍ଚିଥିଲା। କେବଳ ସେତିକି ନୁହେଁ, ବୋଲ୍ଟ ନିଜ ଦ୍ୱିତୀୟ ଓଭରର ୪ର୍ଥ ବଲ୍‌ରେ ଅଜିଙ୍କ୍ୟ ରାହାନେ(୨ ରନ)ଙ୍କୁ କଟ୍ ବିହାଇଣ୍ଡ କରି ବିପକ୍ଷ ଦଳର ଚିନ୍ତା ବଢ଼ାଇ ଦେଇଥିଲେ। ଶକ୍ତିଶାଳୀ ମୁମ୍ବାଇକୁ ଟକ୍କର ଦେବାକୁ ହେଲେ ଫର୍ମରେ ଥିବା ଶିଖର ଧାୱନଙ୍କ ବ୍ୟାଟ୍‌ରୁ ଏକ ବଡ଼ ସ୍କୋର ଆଶା କରାଯାଉଥିଲା। ମାତ୍ର ଧାୱନ ଏଠାରେ ମାତ୍ର ୧୫(୧୩ ବଲ, ୩ ଚୌକା) ରନ କରି ଜୟନ୍ତ ଯାଦବଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହେବାରୁ ଦିଲ୍ଲୀର ବଡ଼ ସ୍କୋର ଆଶା ମଉଳିଯାଇଥିଲା। ୩.୩ ଓଭର ବେଳକୁ ସ୍କୋର ୨୨/୩ ହୋଇ ଯାଇଥିଲା। ଅଧିନାୟକ ଶ୍ରେୟାସ ଆୟାର ଓ ଋଷଭ ପନ୍ତ ସତର୍କତାର ସହ ବ୍ୟାଟିଂ କରି ୧୪ତମ ଓଭରର ପ୍ରଥମ ବଲ୍‌ରେ ଦଳୀୟ ସ୍କୋରକୁ ୧୦୦ରେ ପହଞ୍ଚାଇଥିଲେ। ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଦୁଇ ଖେଳାଳି ହାସଲ କରିଥିଲେ ଅର୍ଦ୍ଧଶତକ। ୪ର୍ଥ ଉଇକେଟରେ ୯୬ ରନର ଭାଗୀଦାରି ପରେ ଋଷଭ ଆଉଟ ହୋଇଥିଲେ। ୧୫ତମ ଓଭରର ଶେଷ ବଲ୍‌ରେ ସେ ନାଥାନ କୁଲ୍ଟର ନିଲଙ୍କୁ ବଡ଼ ଶଟ୍ ଖେଳିବାକୁ ଯାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ କ୍ୟାଚ ଦେଇଥିଲେ। ୩୮ଟି ବଲ୍ ଖେଳିଥିବା ପନ୍ତ ୪ ଚୌକା ଓ ୨ ଛକା ସହ ୫୬ ରନ ସ୍କୋର କରିଥିଲେ। ଶିମରନ ହେଟମେର (୫), ଅକ୍ଷର ପଟେଲ(୯) ଓ କାଗିଶୋ ରାବାଡ଼ା(୦) ଶୀଘ୍ର ଆଉଟ ହେବାରୁ ଦିଲ୍ଲୀ ବଡ଼ ସ୍କୋର କରିପାରି ନ ଥିଲା। ଆୟାର ୬୫(୫୦ ବଲ, ୬ ଚୌକା, ୨ ଛକା) ରନରେ ଅପରାଜିତ ରହି ଦଳୀୟ ସ୍କୋରକୁ ୨୦ ଓଭରରେ ୧୫୬/୭ରେ ପହଞ୍ଚାଇଥିଲେ। ଆଇପିଏଲର ଫାଇନାଲରେ କୌଣସି ଦଳର ଅଧିନାୟକଭାବେ ଏହା ଦ୍ୱିତୀୟ ସର୍ବାଧିକ ସ୍କୋର। ୨୦୧୬ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ୬୯ ରନ କରି ଡେଭିଡ ୱାର୍ନର ଏହି ତାଲିକାର ଶୀର୍ଷରେ ଅଛନ୍ତି। ମୁମ୍ବାଇ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ୩ଟି, ନାଥାନ କୁଲ୍ଟର ନିଲ ୨ଟି ଓ ଜୟନ୍ତ ଯାଦବ ଗୋଟିଏ ଉଇକେଟ ନେଇଥିଲେ।

ଏଠାରେ କ୍ୟାରିୟରର ୨୦୦ତମ ଆଇପିଏଲ ମ୍ୟାଚ ଖେଳିଥିଲେ ରୋହିତ। ବଡ଼ ଟାର୍ଗେଟ ନ ଥିବାରୁ ମୁମ୍ବାଇ ବିନା ଚାପରେ ଇନିଂସ ଆରମ୍ଭ କରିଥିଲା। ଦୁଇ ଓପନର ରୋହିତ ଓ କ୍ୱିଣ୍ଟନ ଡି'କକ୍ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲେ। ରବିଚନ୍ଦ୍ରନ ଅଶ୍ୱିନଙ୍କ ପ୍ରଥମ ଓଭରରେ ଛକା ମାରି ରୋହିତ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଓପନିଂ ଯୋଡ଼ିରେ ୨୫ ବଲ୍‌ରୁ ୪୫ ରନ ସଂଗ୍ରହ ପରେ ଡି'କକ୍ ଆଉଟ ହୋଇଥିଲେ। ସେ ୧୨ ବଲ୍‌ରୁ ୩ ଚୌକା ଓ ୧ ଛକା ସହ ୨୦ ରନ କରିଥିବାବେଳେ ମାର୍କସ ଷ୍ଟୋଇନ୍ସଙ୍କ ବଲ୍‌ରେ ଉଇକେଟ କିପର ପନ୍ତଙ୍କୁ କ୍ୟାଚ ଦେଇଥିଲେ। ପାୱାରପ୍ଲେ ୬ ଓଭରରେ ୬୧ ରନ ସଂଗ୍ରହ କରି ସହଜ ବିଜୟ ପାଇଁ ପଥ ପରିଷ୍କାର କରିଥିଲା ମୁମ୍ବାଇ। ଦ୍ୱିତୀୟ ଉଇକେଟରେ ୪୫ ରନର ଭାଗୀଦାରି ପରେ ଫର୍ମରେ ଥିବା ସୂର୍ଯ୍ୟକୁମାର ଯାଦବ ରନ ଆଉଟ ହୋଇଥିଲେ। ପରୋକ୍ଷରେ କହିବାକୁ ଗଲେ ସେ ରୋହିତଙ୍କ ପାଇଁ ନିଜ ଉଇକେଟ ଉତ୍ସର୍ଗ କରିଥିଲେ। ସେ ୨୦ ବଲ୍ ଖେଳି ୧୯(୧ ଚୌକା, ୧ ଛକା) ରନ କରିଥିଲେ। ସୂର୍ଯ୍ୟକୁମାରଙ୍କ ଉତ୍ସର୍ଗକୁ ବେକାର ହେବାକୁ ଦେଇ ନ ଥିଲେ ରୋହିତ। ଦ୍ରୁତ ଅର୍ଦ୍ଧଶତକ ସହ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ସେ ଖେଳିଥିଲେ ଅଧିନାୟକ ଇନିଂସ। ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରିରୁ ମୁକୁଳିଥିବା ରୋହିତ ୫୧ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୪ ଛକା ସହାୟତାରେ ସର୍ବାଧିକ ୬୮ ରନ ସ୍କୋର କରିଥିଲେ। ଆଉଟ ହେବା ପୂର୍ବରୁ ସେ ଇଶାନ କିଶନଙ୍କ ସହ ୩ୟ ଉଇକେଟରେ ୪୭ ରନ ଯୋଗ କରି ଦଳକୁ ବିଜୟର ନିକଟତର କରାଇଥିଲେ। କିରନ ପୋଲାର୍ଡ ୯ ଓ ହାର୍ଦ୍ଦିକ ପାଣ୍ଡ୍ୟା ୩ ରନରେ ଆଉଟ ହୋଇଥିଲେ ହେଁ ତାହା ଦଳର ବିଜୟକୁ ପ୍ରଭାବିତ କରିପାରି ନ ଥିଲା। ବିଜୟ ସୂଚକ ରନ ସହ ଇଶାନ କିଶନ ୩୩(୧୯ ବଲ, ୩ ଚୌକା, ୧ ଛକା) ରନରେ ଅପରାଜିତ ରହି ଔପଚାରିକତା ପୂରଣ କରିଥିଲେ। ଦିଲ୍ଲୀ ପକ୍ଷରୁ ଏନରିଚ୍ ନର୍ଜେ ୨ଟି ଏବଂ କାଗିଶୋ ରାବାଡ଼ା ଓ ମାର୍କସ ଷ୍ଟୋଇନିସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଦିଲ୍ଲୀ ପରାଜୟରେ ମର୍ମାହତ ଅଧିନାୟକ ଶ୍ରେୟାସ ଆୟାର।

## ପୁରସ୍କାର

ଚାମ୍ପିୟନ: ମୁମ୍ବାଇ ଇଣ୍ଡିଆନ୍ସ (୨୦ କୋଟି ଟଙ୍କା)
ରନର୍ସଅପ୍: ଦିଲ୍ଲୀ କ୍ୟାପିଟାଲ୍ସ (୧୨ କୋଟି ୫୦ ଲକ୍ଷ ଟଙ୍କା)
ପ୍ଲେୟର ଅଫ୍ ଦି ମ୍ୟାଚ: ଟ୍ରେଣ୍ଟ ବୋଲ୍ଟ
ପ୍ଲେୟର ଅଫ୍ ଦି ସିରିଜ: ଜୋଫ୍ରା ଆର୍ଚର
ଇମର୍ଜିଂ ପ୍ଲେୟର: ଦେବଦତ୍ତ ପଡିକାଲ
ଗେମ୍ ଚେଞ୍ଜର ଅଫ୍ ଦି ସିଜନ: ଲୋକେଶ ରାହୁଲ
ସୁପର ଷ୍ଟ୍ରାଇକର: କିରନ ପୋଲାର୍ଡ
ସର୍ବାଧିକ ଛକା: ଇଶାନ କିଶନ
ପାୱାର ପ୍ଲେୟର୍: ଟ୍ରେଣ୍ଟ ବୋଲ୍ଟ
ଫେୟାର ପ୍ଲେ: ମୁମ୍ବାଇ ଇଣ୍ଡିଆନ୍ସ
ମୋଷ୍ଟ ଭାଲୁଏବଲ୍ ପ୍ଲେୟର: ଜୋଫ୍ରା ଆର୍ଚର
ପର୍ପଲ କ୍ୟାପ୍: କାଗିଶୋ ରାବାଡ଼ା (୩୦ ଉଇକେଟ)
ଅରେଞ୍ଜ୍ କ୍ୟାପ: ଲୋକେଶ ରାହୁଲ (୬୭୦ ରନ)

## ଆଇପିଏଲ୍ ସ୍କୋର ବୋର୍ଡ

**ଦିଲ୍ଲୀ କ୍ୟାପିଟାଲ୍ସ ଇନିଂସ**
ଷ୍ଟୋଇନିସ-କ-ଡି'କକ୍-ବୋ-ବୋଲ୍ଟ-୦
ଧାୱନ-ବୋ-ଜୟନ୍ତ ଯାଦବ-୧୫
ରାହାନେ-କ-ଡି'କକ୍-ବୋ-ବୋଲ୍ଟ-୨
ଆୟାର-ନଟ୍‌ଆଉଟ-୬୫
ପନ୍ତ-କ-ହାର୍ଦ୍ଦିକ-ବୋ-କୁଲ୍ଟରନିଲ-୫୬
ହେଟମେର-କ-କୁଲ୍ଟରନିଲ୍-ବୋ-ବୋଲ୍ଟ-୫
ଅକ୍ଷର ପଟେଲ-କ-ଅନୁକୂଳ ରୟ (ବଦଳ ଖେଳାଳି)-ବୋ-କୁଲ୍ଟରନିଲ-୯
ରାବାଡା-ରନଆଉଟ (ସୂର୍ଯ୍ୟକୁମାର/କୁଲ୍ଟରନିଲ)-୦
ଅତିରିକ୍ତ-୪
ମୋଟ (୨୦ ଓଭର, ୭ ଉଇକେଟ) ୧୫୬।
ଉଇକେଟ ପତନ: ୧/୦, ୨/୧୬, ୩/୨୨, ୪/୧୧୮, ୫/୧୩୭, ୬/୧୪୯, ୭/୧୫୬।

**ବୋଲିଂ (ମୁମ୍ବାଇ ଇଣ୍ଡିଆନ୍ସ)**
ଟ୍ରେଣ୍ଟ ବୋଲ୍ଟ ୪-୦-୩୦-୩
ଯଶପ୍ରୀତ ବୁମ୍‌ରା ୪-୦-୨୮-୦
ଜୟନ୍ତ ଯାଦବ ୪-୦-୨୫-୧
ନାଥନ କୁଲ୍ଟରନିଲ୍ ୪-୦-୨୯-୨
କ୍ରୁନାଲ ପାଣ୍ଡ୍ୟା ୩-୦-୩୦-୦
କିରନ ପୋଲାର୍ଡ ୧-୦-୧୩-୦।

**ମୁମ୍ବାଇ ଇଣ୍ଡିଆନ୍ସ ଇନିଂସ**
ରୋହିତ-କ-ଲଳିତ ଯାଦବ (ବଦଳ ଖେଳାଳି) ବୋ-ନର୍ଜେ-୬୮
ଡି'କକ୍-କ-ପନ୍ତ-ବୋ-ଷ୍ଟୋଇନିସ-୨୦
ସୂର୍ଯ୍ୟକୁମାର-ରନଆଉଟ (ପ୍ରବୀଣ ଦୁବେ/ପନ୍ତ)-୧୯
ଇଶାନ କିଶନ-ନଟଆଉଟ-୩୩
ପୋଲାର୍ଡ-ବୋ-ରାବାଡା-୯
ହାର୍ଦ୍ଦିକ-ରାହାନେ-ବୋ-ନର୍ଜେ-୩
କ୍ରୁନାଲ-ନଟଆଉଟ-୧
ଅତିରିକ୍ତ-୪
ମୋଟ (୧୮.୪ ଓଭର, ୫ ଉଇକେଟ)- ୧୫୭।
**ଉଇକେଟ ପତନ** :୧/୪୫, ୨/୯୦,୩/୧୩୭, ୪/୧୪୭,୫/୧୫୬।

**ବୋଲିଂ (ଦିଲ୍ଲୀ କ୍ୟାପିଟାଲ୍ସ)**
ରବିଚନ୍ଦ୍ରନ ଅଶ୍ୱିନ ୪-୦-୨୮-୦
କାଗିସୋ ରାବାଡା ୩-୦-୩୨-୧
ଏନରିଚ ନର୍ଜେ ୨.୪-୦-୨୫-୨
ମାର୍କୁସ ଷ୍ଟୋଇନିସ ୨-୦-୨୩-୧
ଅକ୍ଷର ପଟେଲ ୪-୦-୧୬-୦
ପ୍ରବୀଣ ଦୁବେ ୩-୦-୨୯-୦

## ଆଇପିଏଲ୍ ୨୦୨୦

### ସର୍ବାଧିକ ରନ

| ଖେଳାଳି | ଟିମ୍ | ରନ |
|---|---|---|
| ଲୋକେଶ ରାହୁଲ | କିଙ୍ଗ୍ସ ଇଲେଭେନ ପଞ୍ଜାବ | ୬୭୦ |
| ଶିଖର ଧାୱନ | ଦିଲ୍ଲୀ କ୍ୟାପିଟାଲ୍ସ | ୬୧୮ |
| ଡେଭିଡ ୱାର୍ନର | ସନ୍‌ରାଇଜର୍ସ ହାଇଦ୍ରାବାଦ | ୫୪୮ |
| ଶ୍ରେୟାସ ଆୟାର | ଦିଲ୍ଲୀ କ୍ୟାପିଟାଲ୍ସ | ୫୧୯ |
| ଇଶାନ କିଶନ | ମୁମ୍ବାଇ ଇଣ୍ଡିଆନ୍ସ | ୫୧୬ |
| କ୍ୱିଣ୍ଟନ ଡି'କକ୍ | ମୁମ୍ବାଇ ଇଣ୍ଡିଆନ୍ସ | ୫୦୩ |

### ସର୍ବାଧିକ ଉଇକେଟ

| | | |
|---|---|---|
| କାଗିଶୋ ରାବାଡ଼ା | ଦିଲ୍ଲୀ କ୍ୟାପିଟାଲ୍ସ | ୩୦ |
| ଯଶପ୍ରୀତ ବୁମ୍‌ରା | ମୁମ୍ବାଇ ଇଣ୍ଡିଆନ୍ସ | ୨୭ |
| ଟ୍ରେଣ୍ଟ ବୋଲ୍ଟ | ମୁମ୍ବାଇ ଇଣ୍ଡିଆନ୍ସ | ୨୫ |
| ଏନ୍‌ରିଚ ନୋର୍ଜ | ଦିଲ୍ଲୀ କ୍ୟାପିଟାଲ୍ସ | ୨୨ |
| ୟୁଜବେନ୍ଦ୍ର ଚହଲ | ରୟାଲ ଚ୍ୟାଲେଞ୍ଜର୍ସ | ୨୧ |
| ରଶିଦ ଖାଁ | ସନ୍‌ରାଇଜର୍ସ ହାଇଦ୍ରାବାଦ | ୨୦ |

### ସର୍ବାଧିକ ଛକା

| ଖେଳାଳି | ଟିମ୍ | ଛକା ସଂଖ୍ୟା |
|---|---|---|
| ଇଶାନ କିଶନ | ମୁମ୍ବାଇ ଇଣ୍ଡିଆନ୍ସ | ୩୦ |
| ସଞ୍ଜୁ ସାମସନ | ରାଜସ୍ଥାନ ରୟାଲ୍ସ | ୨୬ |
| ହାର୍ଦ୍ଦିକ ପାଣ୍ଡ୍ୟା | ମୁମ୍ବାଇ ଇଣ୍ଡିଆନ୍ସ | ୨୫ |
| ଏନ. ପୂରନ | କିଙ୍ଗ୍ସ ଇଲେଭେନ ପଞ୍ଜାବ | ୨୫ |
| ଇଅନ ମୋର୍ଗାନ | କୋଲକାତା ନାଇଟ୍ ରାଇଡର୍ସ | ୨୪ |

### ସର୍ବାଧିକ ସ୍କୋର (ବ୍ୟକ୍ତିଗତ)

| ଖେଳାଳି | ଟିମ | ସ୍କୋର |
|---|---|---|
| ଲୋକେଶ ରାହୁଲ | କିଙ୍ଗ୍ସ ଇଲେଭେନ | ୧୩୨* |
| ବେନ୍ ଷ୍ଟୋକ୍ସ | ରାଜସ୍ଥାନ ରୟାଲ୍ସ | ୧୦୭* |
| ଶିଖର ଧାୱନ | ଦିଲ୍ଲୀ କ୍ୟାପିଟାଲ୍ସ | ୧୦୬* |
| ମୟଙ୍କ ଅଗ୍ରୱାଲ | କିଙ୍ଗ୍ସ ଇଲେଭେନ | ୧୦୬ |
| ଶିଖର ଧାୱନ | ଦିଲ୍ଲୀ କ୍ୟାପିଟାଲ୍ସ | ୧୦୧* |

# ସଲ୍‌ମାଙ୍କ ସ୍ପେଲ୍ ନିର୍ଣ୍ଣାୟକ: ସ୍ମୃତି

**ଶାରଜା, ୧୦।୧୧(ପି.ଟି.)**

ଚଳିତ ବର୍ଷର ମହିଳା ଟି୨୦ ଚ୍ୟାଲେଞ୍ଜ୍‌ରେ ବାଜି ମାରିଛି ଟ୍ରେଲ୍ ବ୍ଲେଜର୍ସ। ସୋମବାର ଅନୁଷ୍ଠିତ ଫାଇନାଲରେ ଗତ ୨ ବର୍ଷର ଚାମ୍ପିୟନ ସୁପରନୋଭାସକୁ ୧୬ ରନରେ ହରାଇ ପ୍ରଥମଥରପାଇଁ ଚାମ୍ପିୟନ ହୋଇଛି ସ୍ମୃତି ମାନ୍ଧାନାଙ୍କ ନେତୃତ୍ୱାଧୀନ ଏହି ଦଳ। ଲୋ ସ୍କୋରିଂ ମ୍ୟାଚରେ ଟ୍ରେଲ୍‌ବ୍ଲେଜର୍ସ ମାତ୍ର ୧୧୮ ରନ କରିଥିଲେ ହେଁ ତାହାକୁ ଚେଜ୍ କରିପାରି ନ ଥିଲା ହରମନପ୍ରୀତ କୌରଙ୍କ ସୁପରନୋଭାସ। ଏହି ଦଳ ପୂରା ୨୦ ଓଭର ଖେଳିଥିଲେ ହେଁ ୭ ଉଇକେଟ ହରାଇ ୧୦୨ ରନ କରିପାରିଥିଲା। ଏଥିରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ଚାମ୍ପିୟନ ଦଳର ଅଧିନାୟିକା ସ୍ମୃତି। ଲୋ ସ୍କୋରିଂ ଗେମ୍ ହୋଇଥିଲେ ହେଁ ତାଙ୍କ ସ୍ପିନରମାନେ ଏହାକୁ ଡିଫେଣ୍ଡ କରିବାର କ୍ଷମତା ରଖିଛନ୍ତି ବୋଲି ସେ ସର୍ବଦା ବିଶ୍ୱାସ କରିଥାନ୍ତି। ପିଚ୍ କ୍ରମେ ସ୍ଲୋ ହୋଇଥିବାରୁ ଫାଇନାଲରେ ତାଙ୍କ ଦଳର ବିଜୟ ସମ୍ଭବ ହେଲା ବୋଲି ସେ ପ୍ରକାଶ କରିଛନ୍ତି। ''ଏହା ଏକ ଚମତ୍କାର ପ୍ରଦର୍ଶନ ଥିଲା। ଆମେ ୧୩୦-୪୦ ରନ କରିବାକୁ ଚାହିଁଥିଲୁ, ମାତ୍ର ଶେଷ ଭାଗରେ ଟ୍ରାକ୍‌ଚ୍ୟୁତ ହେଲୁ। ପିଚ୍ ସ୍ଲୋ ଥିବାରୁ ଏବଂ ମ୍ୟାଚ ଆଗେଇବା ସହିତ ଅଧିକ ସ୍ଲୋ ହେଉଥିବାରୁ ୧୨୦ ପାଖାପାଖି ଚ୍ୟାଲେଞ୍ଜିଂ ସ୍କୋର ବୋଲି ମୁଁ ଅନୁଭବ କରିଥିଲି। ଆମର ସ୍ପିନ୍ ଆକ୍ରମଣ ବହୁତ ଭଲ। ଆମେ ମ୍ୟାଚର ପ୍ରଥମ ବଲ୍‌ରୁ ସକାରାତ୍ମକ ଫଳାଫଳ ପାଇଥିଲୁ'' ବୋଲି ମାନ୍ଧାନା କହିଛନ୍ତି। ଅଫ୍ ସ୍ପିନର ସଲ୍‌ମା ଖାତୁନ ୧୯ତମ ଓଭରରେ ୩ ଉଇକେଟ ନେଇଥିଲେ। ଏହା ମଧ୍ୟରେ ଅଧିନାୟିକା ହରମନପ୍ରୀତଙ୍କ ଉଇକେଟ ସାମିଲ ଥିଲା। ''ସଲ୍‌ମା ବଢ଼ିଆ ବୋଲିଂ କରିଥିଲେ। ଏହାକୁ ମ୍ୟାଚ ବିଜୟୀ ସ୍ପେଲ କୁହାଯାଇପାରିବ। ସେ ଜଣେ ଅଭିଜ୍ଞ ଖେଳାଳି। ନିଜ ଉପରେ ବିଶ୍ୱାସ ରଖିବାକୁ ମୁଁ ତାଙ୍କୁ ପରାମର୍ଶ ଦେଇଥିଲି। ସେ ନିଜ ଅଭିଜ୍ଞତାର ଉପଯୋଗ କଲେ ଏବଂ ଫଳାଫଳରେ ତାହା ପ୍ରତିଫଳିତ ହେଲା'' ବୋଲି ସେ କହିଛନ୍ତି।

ଟ୍ରେଲ୍ ବ୍ଲେଜର୍ସ ଦଳର ଥାଇଲାଣ୍ଡ ଖେଳାଳି ନଥାକନ୍ ଚନଥାମଙ୍କ ଏକ ବାଉଣ୍ଡାରି ଫିଲ୍ଡିଂ ଏବେ ଚର୍ଚ୍ଚାରେ ରହିଛି। ତେଣୁ ସ୍ୱାଭାବିକଭାବେ ତାଙ୍କ ପ୍ରଶଂସାରେ ଶତମୁଖ ହୋଇଥିଲେ ଅଧିନାୟିକା। ଚନ୍‌ଥାମ ପଡ଼ିଆରେ ସବୁବେଳେ ସକ୍ରିୟ ଥାଆନ୍ତି। ଆକ୍ରୋବେଟିକ୍ ଦକ୍ଷତା ଦେଖାଇ ସେ ଯେପରି ବାଉଣ୍ଡାରି ଅଞ୍ଚଳରେ ବଲ୍‌କୁ ଅଟକାଇଲେ ତାହା ମହିଳା କ୍ରିକେଟ ପାଇଁ ଏକ ଭଲ ବିଜ୍ଞାପନ। ସେ କଭର ଅଞ୍ଚଳରେ ଏକ ଚିତ୍ତାକର୍ଷକ କ୍ୟାଚ ମଧ୍ୟ ନେଇଥିଲେ। ଫିଲ୍ଡିଂ ସମୟରେ ଚନ୍‌ଥାମ ୨-୩ ଥର ଯେପରି ଦକ୍ଷତା ଦେଖାଇଲେ ତାହା ମହିଳା କ୍ରିକେଟରେ ମୁଁ କେବେ ଦେଖି ନ ଥିଲି ବୋଲି ମାନ୍ଧାନା ପ୍ରକାଶ କରିଛନ୍ତି। କୋଭିଡ-୧୯ ପାଇଁ ଦୀଘଦିନପରେ କ୍ରିକେଟ ଖେଳିବା ସୁଯୋଗ ପାଇଥିବାରୁ ସମସ୍ତେ ଖୁସିଥିବା ସେ କହିଛନ୍ତି। '' ଆମେ ଖେଳିବା ସହିତ ସମସ୍ତଙ୍କ ସହ ମିଶିବାକୁ ଚାହୁଁଥିଲୁ। ଆମେ ୭ ମାସ ହେଲା ପରସ୍ପରକୁ ଦେଖି ନ ଥିଲୁ। ଏପରି ପୂର୍ବରୁ କେବେ ହୋଇ ନ ଥିଲା। ଗତ ୬ ମାସ ସମ୍ପୂର୍ଣ୍ଣ ବିଶ୍ୱ ପାଇଁ କଷ୍ଟଦାୟକ ଥିଲା। ଏହି ଟୁର୍ନାମେଣ୍ଟ ଆୟୋଜନ କରିଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ମୁଁ ଧନ୍ୟବାଦ ଜଣାଉଛି। ଆଗକୁ ମଧ୍ୟ ଖେଳ ବଜାୟ ରଖିବାନେଇ ଆଶା ରହିଛି। ଏହା ହୋଇପାରିଲେ ଆମେ ନିଶ୍ଚିତ ଖୁସି ହେବୁ'' ବୋଲି ସେ କହିଛନ୍ତି। ସୁପରନୋଭାସର ସିନିୟର ଶ୍ରୀଲଙ୍କା ଖେଳାଳି ଶଶିକଳା ଶିରିବର୍ଦ୍ଧନେ ମଧ୍ୟ ଏହି ଇଭେଣ୍ଟ ଆୟୋଜନ ପାଇଁ ବିସିସିଆଇକୁ ଧନ୍ୟବାଦ ଦେଇଛନ୍ତି।




ଟ୍ରଫି ସହ ସ୍ମୃତି ମାନ୍ଧାନା

### ମହିଳା ଟି୨୦ ଚ୍ୟାଲେଞ୍ଜ ରେକର୍ଡ୍ସ

ସର୍ବାଧିକ ରନ: ଚାମରି ଆଟାପାଟ୍ଟୁ-୧୧୭
ସର୍ବାଧିକ ଉଇକେଟ: ରାଧା ଯାଦବ-୮
ସର୍ବାଧିକ ଡିସ୍‌ମିଶାଲ: ତାନିୟା ଭାଟିଆ-୪
ସର୍ବାଧିକ କ୍ୟାଚ: ଶାକେରା ସେଲମାନ-୪
ପ୍ଲେୟର ଅଫ୍ ଦି ଫାଇନାଲ: ସ୍ମୃତି ମାନ୍ଧାନା
ପ୍ଲେୟର ଅଫ୍ ଦି ସିରିଜ: ରାଧା ଯାଦବ

# ଆଲିଆ ପିସିବିର ପ୍ରଥମ ମହିଳା ନିର୍ଦ୍ଦେଶକ

**ଇସ୍‌ଲାମାବାଦ୍, ୧୦।୧୧ (ଏପି)**

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପ୍ରଥମ ଥର ଜଣେ ମହିଳା ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦେଇଛି। ପିସିବିର ୪ଜଣ ନୂଆ ନିର୍ଦ୍ଦେଶକଙ୍କ ମଧ୍ୟରେ ମାନବ ସମ୍ବଳ କାର୍ଯ୍ୟନିର୍ବାହୀ ଆଲିଆ ଜାଫର ଅନ୍ୟତମ। ଅନ୍ୟ ୩ଜଣ ହେଲେ ଫାଇନାନ୍ସ ଏକଜ୍ୟୁଟିଭ୍ ଜାଭେଦ୍ କୁରେଶି, ଇକୋନୋମିଷ୍ଟ ଅସିମ ୱାଜିଦ୍ ଜାୱାଦ ଏବଂ କର୍ପୋରେଟ୍ ଏକ୍‌ଜ୍ୟୁଟିଭ୍ ଅରିଫ୍ ସଇଦ୍। ଜାଫର ଓ ଜାୱାଦଙ୍କ କାର୍ଯ୍ୟକାଳ ୨ ବର୍ଷ ରଖାଯାଇଛି। ବୋର୍ଡ ଅଫ୍ ଗଭରନର୍ସର ୪ ସ୍ୱାଧୀନ ନିର୍ଦ୍ଦେଶକଙ୍କ ମଧ୍ୟରେ ଅତିକମ୍‌ରେ ଜଣେ ମହିଳାଙ୍କୁ ନିଯୁକ୍ତି ବାଧ୍ୟତାମୂଳକ ବୋଲି ପିସିବିର ନୂଆ ସମ୍ବିଧାନରେ ବ୍ୟବସ୍ଥା ରହିଛି। ଦେଶର ପ୍ରଥମଶ୍ରେଣୀ କ୍ରିକେଟରେ ଏଣିକି କେବଳ ୬ଟି ପ୍ରାଦେଶିକ ଟିମ୍ ବେଲୁଚିସ୍ତାନ, ସେଣ୍ଟ୍ରାଲ ପଞ୍ଜାବ, ସଦର୍ନ ପଞ୍ଜାବ, ଖାଇବର ପାଖତୁନଖ୍ୱା, ସିନ୍ଧ୍ ଓ ନର୍ଦନ ଅଂଶଗ୍ରହଣ କରିବେ। ପାକିସ୍ତାନରେ ୫୦ ବର୍ଷରୁ ଅଧିକ ସମୟ ଧରି ସହର ଭିତ୍ତିକ ଦଳ ସହ ବ୍ୟାଙ୍କଗୁଡ଼ିକ ପ୍ରଥମଶ୍ରେଣୀ ଟୁର୍ନାମେଣ୍ଟଗୁଡ଼ିକରେ ଭାଗନେଇ ଆସୁଥିଲେ।



ଆଲିଆ ଜାଫର


MARUTI SUZUKI ARENA
5 ଟି ଆକର୍ଷକ ଫାଇନାନ୍ସ-ଅଫର୍ସ ସହିତ,
ଆଜି କିଣନ୍ତୁ ଆପଣଙ୍କର ମାରୁତି ସୁଜୁକୀ କାର।
• ଏବେ କିଣନ୍ତୁ, ପରେ ଟଙ୍କା ଦେବେ^
• 100% ଅନ-ରୋଡ଼ ଲୋନ ଉପଲବ୍ଧ^
• 7.1% କମ୍ ସୁଧ ହାର^
• ଅତିକମର ଅଗ୍ରିମ ଚୁକତା^
• ₹899 ର କମ ମାସିକ କିସ୍ତି^
BIG SAVINGS
CELERIO ₹51000*
SWIFT ₹41000*
S-PRESSO ₹61000*
DZIRE ₹41000*
WAGONR ₹36000*
LOW DOWN PAYMENT OF ₹501/-^
ASSURED PRIZES**
Scratch & WIN!
• TWO-WHEELER • LED TV • REFRIGERATOR
• WASHING MACHINE • MIXER GRINDER & MANY MORE
CELERIO SWIFT S-PRESSO DZIRE WAGONR
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in
ODYSSEY MOTORS
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851. SONEPUR: 9438068327.
JHARSUGUDA: 9439892153. BOUDH: 8594908009.
ORBIT MOTORS
ROURKELA: 9040404444, 9040404333.
SUNDARGARH: 9437049161.
DEOGARH: 9437061223.
LEGEND CARS
JEYPORE: 7894442901.
BHAWANIPATNA: 7894442907.
SKY AUTOMOBILES
BERHAMPUR: 7381261000.
*Offer includes consumer offer, exchange offer and institutional/rural offer (wherever applicable) on Celerio (all variants), Swift (all variants), S-Presso (all variants), Dzire (all variants) and WagonR (all variants). **Any one of the above mentioned assured prizes will be given on purchase of Maruti Suzuki car. **Scratch card scheme is applicable on every retail and customer can win attractive prizes. Customer who books the car/had booked earlier and wants to take delivery/retail invoice done by 20th Nov'2020 will be eligible for this scheme. ^Low down payment of ₹501/- is applicable for S-Presso only. Terms and conditions apply. ^Finance scheme details mentioned in the advertisement are at the sole discretion of financier and terms and conditions as specified by the financier shall apply. Credit at sole discretion of Bank. ^Low interest rate at 7.1% is provided by Bank of Baroda only. The terms and conditions are subject to change without any prior notice. All offers are brought to you by Maruti Suzuki dealers only. Offers may vary from city to city and variant to variant for all models. For more details, please contact your nearest ARENA dealership. Maruti Suzuki India Limited reserves the right to discontinue offers without notice. Parts and accessories shown may not be a part of standard equipment. Colours shown may vary from actual body colour due to printing on paper. Images used are for illustration purposes only. Offers valid till 30th November 2020.


HONDA
The Power of Dreams
सच कर देंगे सपने
FLY AGAINST THE WIND
THE NEW HORNET 2.0
MUSCULAR, SPORTY AND ADVANCED STREET FIGHTER
WITH A FIERCE POWER DISPLACEMENT.
Rajiv Sethu
Honda Racing India Champion
BOOK ONLINE NOW!
www.honda2wheelersindia.com
CLICK BOOK RELAX
1st IN SEGMENT
GOLDEN UPSIDE DOWN (USD) FRONT FORK
AGGRESSIVE TANK DESIGN
LED ALL AROUND
FULLY DIGITAL,LIQUID CRYSTAL METER
KEY ON TANK
HET BS-VI
PGM-FI FUEL INJECTION
BEST DEAL HONDA Buy. Sell. Exchange
joyclub
SAFETY-INDIA HONDA ALWAYS WEAR A HELMET WHILE RIDING
Honda Shield 3+3 years warranty
Other Honda Shield Products**
Annual Maintenance Contract
Road Side Assistance
Engine Health Assurance
Follow us on
Product shown in the picture may vary from actual product available in the market. Accessories shown in the picture are not part of standard equipment. All features and colours may not be part of all variants. **Conditions apply.
Honda is HONDA
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com
Honda Exclusive Authorized Dealerships: ATTABIRA: TS Motors - 06682-221001, 9178653139, T.S. Honda - 9178653139, 9438771477; BARGARH: Aashirbad Honda - 06646-246066, 9438024339; BARPALI: Abhishek Honda - 9437056675; BELPAHAR: Bharat Honda - 8018157547; BHAWANIPATNA: Mahesh Honda - 8456818116, 06670-235633; BOLANGIR: Amarnath Honda - 8895255855, 8895258555; BRAJRAJNAGAR: JaiswaL Honda - 977747788; JHARSUGUDA: Gajraj Honda - 9337645411; JUNAGARH: Jaga Janani Honda - 9583794900; KHARIAR ROAD (NUAPADA): Ambika Honda - 9938061333, 9737643030; KUCHINDA: Krishna Honda - 06642-220346, 7894277470; RAJGANGPUR: Naisha Honda - 7008614081, 06624220051; RAJKHARIAR: Shree Shyamji Honda- 9178999997; RENGALI: BP Honda - 7377777362; ROURKELA: Koshala Honda - 0661-3290770, 9337749281; Harsheel Honda - 9337408180, 0661-2665533; SAMBALPUR: Jas Honda - 0663-2115817, 9238364199; SONEPUR: Meher Honda - 09937771704, 06654220200; SUNDARGARH: MaaSamaleswari Honda - 9938198641, 8984873500; TITLAGARH: Tanishta Honda - 09437037314; KANTABANJI: Ajay Honda - 8260211111; DHARAMGARH: Bharat Honda - 7008606855; KESINGA: Jagadamba Honda - 7978581295.
For Bulk/Institutional enquiries, please write us at: institutionalsales@honda2wheelersindia.com

# ୨୭ ହଜାର ଦର୍ଶକ ଦେଖିବେ ଦିବାରାତ୍ର ଟେଷ୍ଟ

**ସିଡନୀ,୧୦।୧୧(ପିଟିଆଇ):** ଭାରତୀୟ କ୍ରିକେଟ ଦଳର ଆଗାମୀ ଅଷ୍ଟ୍ରେଲିଆ ଗସ୍ତରେ ଏକ ଦିବା-ରାତ୍ର ଟେଷ୍ଟ ମ୍ୟାଚ୍ ଖେଳାଯିବ। ଆଡିଲେଡ ଓଭାଲ ଗ୍ରାଉଣ୍ଡରେ ଡିସେମ୍ବର ୧୭ ତାରିଖରେ ଖେଳାଯିବାକୁ ଥିବା ଦିବାରାତ୍ର ଟେଷ୍ଟକୁ ୨୭ ହଜାର ଦର୍ଶକ ଦେଖିବେ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ତରଫରୁ ମଙ୍ଗଳବାର ପ୍ରକାଶ କରାଯାଇଛି। । ଷ୍ଟାଡିୟମର କ୍ଷମମତାକୁ ଦେଖିଲେ ଏହି ସଂଖ୍ୟାର ଦର୍ଶକ ପ୍ରାୟ ୫୦ ପ୍ରତିଶତ ହେବେ।

ସାରା ବିଶ୍ୱରେ କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ଏବେ କ୍ରିକେଟ ମ୍ୟାଚ୍‌ଗୁଡିକ ଫାଙ୍କା ଷ୍ଟାଡିୟମରେ କଡ଼ାକଡ଼ି ନିୟମରେ ଜୈବ ସୁରକ୍ଷିତ ପରିବେଶ ବା ବାୟୋ- ବବଲରେ ଖେଳାଯାଉଛି। ତେବେ ଏହା ସତ୍ତ୍ୱେ ଭାରତ- ଅଷ୍ଟ୍ରେଲିଆ ସିରିଜରେ କିଛି ଦର୍ଶକଙ୍କୁ ମ୍ୟାଚ୍‌ଦେଖିବାର ସୁଯୋଗ ଦିଆଯିବ। ଏହି ହାଇପ୍ରୋଫାଇଲ ଗସ୍ତରେ ଭାରତ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ୩ଟି ଦିନିକିଆ, ୩ଟି ଟି୨୦ ଓ ୪ଟି ଟେଷ୍ଟ ମ୍ୟାଚ୍ ଖେଳିବ। ନଭେମ୍ବର ୨୭ ତାରିଖରୁ ଏହି ଗସ୍ତ ଆରମ୍ଭ ହେବ। ପ୍ରଥମ ଦିନିକିଆ ସିଡ୍‌ନୀରେ ଖେଳାଯିବ। ସେହିପରି ଟେଷ୍ଟ ସିରିଜ ଆଡିଲେଡରେ ଡିସେମ୍ବର ୧୭ ତାରିଖରୁ ଆରମ୍ଭ ହେବ।

ଆଡିଲେଡ ଓଭାଲ ଗ୍ରାଉଣ୍ଡରେ ୫୦ ପ୍ରତିଶତ କ୍ଷମତା

## ଭାରତର ଅଷ୍ଟ୍ରେଲିଆ ଗସ୍ତ

ଅର୍ଥାତ ୨୭,୦୦୦ ଟିକେଟ୍ ଦର୍ଶକଙ୍କ ପାଇଁ ଉପଲବ୍ଧ ହେବ। ଏହି ଦିବାରାତ୍ର ଟେଷ୍ଟରେ ପ୍ରତ୍ୟେକ ଦିନ ଏହି ପରିମାଣ ଦର୍ଶକ ମ୍ୟାଚ୍ ଉପଭୋଗ କରିପାରିବେ। ସିରିଜର ଏହି ଏକମାତ୍ର ଦିବାରାତ୍ର ଟେଷ୍ଟରେ ଭାରତୀୟ ଅଧିନାୟକ ବିରାଟ କୋହଲି ଖେଳିବେ। ତେବେ ସେ ଏହାପରେ ପିତୃତ୍ୱ ଛୁଟିରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। ସ୍ତ୍ରୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଜାନୁୟାରୀ ପ୍ରାରମ୍ଭରେ ମା ହେବାର ସୌଭାଗ୍ୟ ଲାଭ କରିବେ। ତେଣୁ କୋହଲି ସିରିଜର ବାକି ୩ଟି ଟେଷ୍ଟ ଖେଳି ପାରିବେ ନାହିଁ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ପିଙ୍କ୍ ବଲ୍ ଟେଷ୍ଟ ଖେଳାଯିବ। ପୂର୍ବରୁ ଅଷ୍ଟ୍ରେଲିଆ ଅବଶ୍ୟ ଆଡିଲେଡ୍‌ରେ ୪ଟି ଦିବାରାତ୍ର ଟେଷ୍ଟ ଆୟୋଜନ କରିଛି। ତେବେ ଭାରତ ୨୦୧୯ରେ ବାଂଲାଦେଶ ବିପକ୍ଷରେ ଏକମାତ୍ର ଦିବାରାତ୍ର ଟେଷ୍ଟ ଖେଳିଥିଲା ଓ ଏଥିରେ ବିଜୟ ହାସଲ କରିଥିଲା। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଡିସେମ୍ବର ୨୬ରୁ ୩୦ ତାରିଖ ମଧ୍ୟରେ ବକ୍ସିଂ ଡେ' ଟେଷ୍ଟ ଖେଳାଯିବ। ଏହି ମ୍ୟାଚ୍‌କୁ ଷ୍ଟାଡିୟମ କ୍ଷମତାର ୨୫ ପ୍ରତିଶତ ଦର୍ଶକ ଦେଖିପାରିବେ। ସେହିପରି ଚତୁର୍ଥ ଟେଷ୍ଟ ବ୍ରିସ୍‌ବେନ୍‌ରେ ଆୟୋଜନ ହେବ।















Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୧ ନଭେମ୍ବର, ୨୦୨୦

## ୨ ଗାଡି, ୬୬ ହଜାର ଟଙ୍କା ଜବତ

**ଅତାବିରା:** ବରଗଡ଼ ଜିଲା ଅତାବିରା ଥାନା ପୋଲିସ ମଙ୍ଗଳବାର ହିର୍ଲିପାଲି ରାସ୍ତାରେ ଚାଲିଥିବା ଏକ ବଡ଼ ଧରଣର ଜୁଆ ଆଡ୍ଡାରେ ଚଢ଼ାଉ କରିଥିଲା। ଚଢ଼ାଉରେ ୪ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଜିଲା ବୁର୍ଲା ଥାନା ବାବୁବନ୍ଧର ପ୍ରମୋଦ ପ୍ରଧାନ(୩୫), କଲାମାଟିର ସୁଧୀର ରାୟ(୩୯), ଅତାବିରା ଥାନା ଲୁରୁପାଲିର ରମେଶ ତାଣ୍ଡି ଏବଂ କାଠଡ଼େରାର ଶଙ୍କର ଚୌଧୁରୀ(୩୫) । ସେମାନଙ୍କ ପାଖରୁ ଗୋଟିଏ କାର, ୫ଟି ବାଇକ୍ ଏବଂ ନଗଦ ୬୬ହଜାର ଟଙ୍କା ଜବତ ହୋଇଥିବା ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ କହିଛନ୍ତି । ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୨୬୫/୨୦) ରୁଜୁ ହୋଇଛି ।



### ସଂକ୍ଷେପରେ

## ବହିଷ୍କୃତ ହେଲେ ଶିକ୍ଷକ

### ନକଲି ସିଟି ସାର୍ଟିଫିକେଟ ଦେଇ ଚାକିରି

ଜୁନାଗଡ,୧୦।୧୧(ଡି.ଏନ୍.ଏ) କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ତ୍ରିଲୋଚନ ନାଏକ ନକଲି ସିଟି ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ଶିକ୍ଷକ ନୂଆପଡାର ଡିଆଇଇଟିରୁ ସିଟି ସାର୍ଟିଫିକେଟ ଦେଇ ଦୀର୍ଘ ବର୍ଷ ହେଲା ଚାକିରି କରୁଥିଲେ। ଘଟଣାର ସତ୍ୟତା ଜାଣିବା ପାଇଁ ଜୁନାଗଡ ଶିକ୍ଷାବିଭାଗ ସମ୍ପୃକ୍ତ ଶିକ୍ଷକଙ୍କ ସାର୍ଟିଫିକେଟ ବିଷୟରେ ନୂଆପଡା ଡିଆଇଇଟିକୁ ତଥ୍ୟ ମାଗିଥିଲେ। ସମ୍ପୃକ୍ତ ଶିକ୍ଷକ ଦେଇଥିବା ସାର୍ଟିଫିକେଟର ରୋଲ ନମ୍ବର ସହ ଏହି ନାମରେ କୌଣସି ଲୋକ ପରୀକ୍ଷା ଦେଇ ନ ଥିବା ନୂଆପଡା ଡିଆଇଇଟିର କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଫଳରେ ନକଲି ସାର୍ଟିଫିକେଟ ଦେଇ ଚାକିରି କରିଥିବା ପ୍ରମାଣ ହେବା ପରେ ଜୁନାଗଡ ଶିକ୍ଷା ବିଭାଗ ପକ୍ଷରୁ ପ୍ରଥମେ ସମ୍ପୃକ୍ତ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ସମ୍ପୃକ୍ତ ଶିକ୍ଷକ ମଧ ଏହି ସାର୍ଟିଫିକେଟକୁ ୧୦ହଜାର ଟଙ୍କାରେ କିଣିଛନ୍ତି ବୋଲି ଶିକ୍ଷା ବିଭାଗକୁ ଲେଖିକି ଦେଇଥିବା ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ଜଗନ୍ନାଥ ପୁରୋହିତଙ୍କ ଠାରୁ ଜଣାପଡିଛି। ଏହାପରେ ସୋମବାର ସମ୍ପୃକ୍ତ ଶିକ୍ଷକଙ୍କୁ ଚାକିରିରୁ ବହିଷ୍କୃତ କରିବା ସହ ତାଙ୍କ ନାମରେ ଥାନାରେ ଏତଲା ଦିଆଯାଇଛି। ଏହି ଘଟଣା ପରେ ଜୁନାଗଡ ବ୍ଲକ ଶିକ୍ଷାବିଭାଗରେ ଦୀର୍ଘ ବର୍ଷ ହେବ ନକଲି ସିଟି/ବିଇଡି ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଅନେକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧରେ ଛନକା ପଶିଛି ।

## ଜନମୁରା ପଞ୍ଚାୟତ ନୂତନ କାର୍ଯ୍ୟାଳୟ କୋଠା ଉଦ୍‌ଘାଟିତ



ସୋନପୁର,୧୦।୧୧(ନି.ପ୍ର.)-ସୋନପୁର ବ୍ଲକ ଜନମୁରା ପଞ୍ଚାୟତର ନୂତନ କାର୍ଯ୍ୟାଳୟ କୋଠା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ଏହି କୋଠା ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ପଞ୍ଚାୟତରେ ମଡେଲ ପୋଖରୀ, ଗ୍ରାମ୍ୟ ପାର୍କ ଓ ଖେଳପଡିଆ ନିର୍ମାଣ କରିବାକୁ ଜିଲାପାଳ ବାନାର୍ଜୀ ଏହି ଅବସରରେ ପରାମର୍ଶ ଦେଇଛନ୍ତି। ୨୦୧୭ରେ ଏହି ପଞ୍ଚାୟତ ନୂତନ ଭାବେ ଗଠିତ ହୋଇଥିଲେ ହେଁ ଭଡା ଘରେ ଚାଲି ଆସିଥିଲା। ଏମ୍‌ଜିଏନ୍‌ଆରଇଜିଏସ୍, କେନ୍ଦ୍ର ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନରେ ପ୍ରାୟ ୨୮ଲକ୍ଷ ଟଙ୍କା ବ୍ୟୟରେ ଏହି କୋଠା ନିର୍ମାଣ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବିଡିଓ ରବୀନ୍ଦ୍ର କୁମାର ପଟେଲ, ସରପଞ୍ଚ ଅରବିନ୍ଦ ବାରିକ୍, ସମିତି ସଭ୍ୟ ସୁବ୍ରତ ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦିଲୀପ କୁମାର ପାଣ୍ଡିଆ ଓ ପଞ୍ଚାୟତର ଜନସାଧାରଣ ଉପସ୍ଥିତ ଥିଲେ ।

# ଧାନ ବିକି ପାରୁନାହାନ୍ତି ଚାଷୀ

### ଜେନେରେଟ୍ ହୋଇନି ଟୋକନ୍

ବରଗଡ଼ ଅଫିସ,୧୦।୧୧

ବରଗଡ଼ ଜିଲାରେ ସୋମବାରଠାରୁ ଧାନ ମଣ୍ଡି ଖୋଲିଛି । ଚିରାଚରିତ ଭାବେ ଧାନ ସଂଗ୍ରହ ମଧ ଆରମ୍ଭ ହୋଇଛି। ମାତ୍ର ବିଭାଗୀୟ ଦୂରଦୃଷ୍ଟି ଅଭାବରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଚାଷୀଙ୍କୁ ବିଭିନ୍ନ ସମସ୍ୟାରେ ଛନ୍ଦି ହେବାକୁ ପଡ଼ିଛି। ଟୋକନ ଏଥିରେ ପ୍ରମୁଖ ସମସ୍ୟା ସାଜିଛି। ଧାନ କିଣାବିକାରେ ଟୋକନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଟୋକନ ବ୍ୟବସ୍ଥାରେ ବିଭାଗୀୟ ଅପାରଗତା ପଦାରେ ପଡ଼ିଯାଇଛି। ଗତ ୯ତାରିଖରୁ ଜିଲାରେ ଧାନ ସଂଗ୍ରହ ପାଇଁ ୧୮୫ଟି ମଣ୍ଡି ଖୋଲିଛି। ମଣ୍ଡି ଖୋଲିବା ଦିନରୁ ଟୋକନ ମାଧ୍ୟମରେ ପ୍ରତି ମଣ୍ଡିରେ ଧାନ ବିକିବା ପାଇଁ ଚାଷୀଙ୍କୁ ସୁଯୋଗ ଦିଆଯିବା କଥା। କିନ୍ତୁ ସୋହେଲା, ମେଲଛାମୁଣ୍ଡା, ଗାଇସିଲେଟ୍ ଭଳି ଅନେକ ସ୍ଥାନରେ ଟୋକନରେ ୧୫ତାରିଖ ପରେ ଚାଷୀ ଧାନ ବିକିପାରିବେ ବୋଲି ଦିନଧାର୍ଯ୍ୟ କରାଯାଇଛି ବୋଲି ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତିର ସମ୍ପାଦକ କିଶୋର ଦେବତା ଅଭିଯୋଗ କରିଛନ୍ତି। ଏହାଦ୍ୱାରା ମଣ୍ଡି ଖୋଲିଥିଲେ ସୁଦ୍ଧା କୌଣସି ଚାଷୀ ଆସନ୍ତା ୧୫ତାରିଖ ପୂର୍ବରୁ



ଅତାବିରା ଆରଏମସି ଅଧୀନ ଖୁଣ୍ଟଲିପାଲି ମଣ୍ଡିରେ ଚାଷୀମାନେ ଧାନ ଅନ୍‌ଲୋଡ୍ କରୁଛନ୍ତି ।

ମଣ୍ଡିରେ ଧାନ ବିକ୍ରି କରିପାରିବେ ନାହିଁ । ଏଭଳି ଅବ୍ୟବସ୍ଥା ଯୋଗୁ ଚାଷୀମାନେ ହଇରାଣ ହେଉଛନ୍ତି ବୋଲି ଦେବତା କହିଛନ୍ତି । ସେହିପରି ଚାଷୀନେତା ଲକ୍ଷ୍ମଣ ପ୍ରଧାନ କହିଛନ୍ତି, ଯେଉଁ ଚାଷୀ ଧାନ ଅମଳ କରି ସାରିଛନ୍ତି, ସେମାନଙ୍କ ଟୋକନ ଆସିନାହିଁ। ଅନ୍ୟପଟେ ଟୋକନ ପାଇଥିବା ଅନେକ ଚାଷୀ ଧାନ ଅମଳ କରି ନ ଥିବା ସେ ଅଭିଯୋଗ କରିଛନ୍ତି । ଏଭଳି ଖାମଖିଆଲି ନୀତି ଯୋଗୁ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିବା ପ୍ରଧାନ କହିଛନ୍ତି। ଏହାକୁ ନେଇ ବରଗଡ଼ ସହର ଉପକଣ୍ଠ ପଁର୍ଚାପାଟ୍ ମନ୍ଦିର ପରିସରରେ ଏକ ଚାଷୀ ସମ୍ମିଳନୀ ହୋଇଥିଲା। ଏହି ସମସ୍ୟା ନେଇ ବୁଧବାର ଚାଷୀ ପ୍ରତିନିଧିମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହେବାର କାର୍ଯ୍ୟକ୍ରମ ରହିଥିବା ସେ ପ୍ରକାଶ କରିଛନ୍ତି । ଅପରପକ୍ଷେ କେତେକ ଚାଷୀ କଲାପାଣି ମଣ୍ଡିକୁ ଧାନ ଆଣିଥିଲେ । କିନ୍ତୁ ସେମାନଙ୍କ ଟୋକନ ଆସି ନ ଥିବା ଯୋଗୁ ମଣ୍ଡି ଭିତରକୁ ନେବା ପାଇଁ ମଣ୍ଡି କର୍ମଚାରୀମାନେ ଫାଟକ ଖୋଲି ନ ଥିଲେ । ପରେ ସେମାନେ ହୋହଲ୍ଲା କରିବାରୁ ବିଭାଗୀୟ କର୍ମଚାରୀ ଫାଟକ ଖୋଲିଥିଲେ ବୋଲି ଜଣାପଡିଛି। ତେବେ ଟୋକନ ପାଇଁ କେବଳ ଉକ୍ତ ୨/୩ଟି ମଣ୍ଡିରେ ଚାଷୀମାନେ ସେଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତାହା ନୁହେଁ। ଏଥିପାଇଁ ଆରମ୍ଭରୁ ଧାନ ସଂଗ୍ରହ ପ୍ରକ୍ରିୟା ଶିଥିଳ ହୋଇ ପଡ଼ିଛି । ଏହାର ସୁଯୋଗ ନେଇ ବେପାରୀମାନେ ତତ୍ପର ହୋଇପଡ଼ିଛନ୍ତି । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାରୁ ଚାଷୀ ବଞ୍ଚିତ ହେବାର ଆଶଙ୍କା ରହିଛି।

## ପୁଣି ୨୨ ଦାଦନ ଶ୍ରମିକ ଉଦ୍ଧାର

### ୨ ଗାଡ଼ି ଜବତ, ୩ କୋର୍ଟ ଚାଲାଣ



ଉଦ୍ଧାର ହୋଇଥିବା ଦାଦନମାନେ।

ଲାଠୋର, ୧୦।୧୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ସୁନାମୁଦି ଓ ବର୍ଡିଆ ଗ୍ରାମ ନିକଟରୁ ଲାଠୋର ପୋଲିସ ପୁଣି ସୋମବାର ରାତିରେ ୨୨ ଜଣ ଦାଦନ ଶ୍ରମିକ ଉଦ୍ଧାର କରିଛି। ଏଥିସହିତ ଶ୍ରମିକଙ୍କୁ ନିଆଯାଉଥିବା ୨ ଗାଡିକୁ ଜବତ କରିଥିବା ବେଳେ ୩ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ଲାଠୋର ଥାନା ଅଧୀନ ବର୍ଡିଆ ଗ୍ରାମର ସର୍ଦ୍ଦାର ଭ୍ରମର ବେହେରା ଟିଟିଲାଗଡରୁ ୧୨ ଜଣ, ସଇଁତଲାରୁ ୬ଜଣ, ପଦ୍ମପୁରରୁ ୨ଜଣ, ଖପ୍ରାଖୋଲରୁ ୧, ଲାଠୋରରୁ ୧ ଜଣ ମୋଟ ୨୨ ଜଣ ମହିଳାପୁରୁଷ ଶ୍ରମିକଙ୍କ ସହ ୯ଜଣ ଶିଶୁଙ୍କୁ ଆଣି ନିଜ ଗ୍ରାମରେ ରଖିଥିଲେ। ସେମାନଙ୍କୁ ହାଇଦ୍ରାବାଦକୁ ଚାଲାଣ ପାଇଁ ପ୍ରସ୍ତୁତ କରୁଥିବା ବେଳେ କୌଣସି ସୂତ୍ରରୁ ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ସର୍ଦ୍ଦାର ଭ୍ରମରଙ୍କ ସହ ଆଉ ଦୁଇ ଜଣ ଗାଡ଼ି ଡ୍ରାଇଭର ନରେନ୍ଦ୍ର ଭୋଇ, ରାଜେଶ ସାହୁଙ୍କୁ ଗିରଫ କରିଥିଲା। ସେମାନେ ବ୍ୟବହୃତ ଗୋଟିଏ ବୋଲେରୋ (ନଂ. ଓଡି୦୮ସି-୯୬୩୧ ଏବଂ ମାରୁତି (ନଂ.ଓଡି ୦୩ କିୟୁ-୭୯୦୨) ଜବତ କରିଥିଲା। ସମସ୍ତ ଶ୍ରମିକମାନଙ୍କୁ ଲାଠୋର ଥାନାକୁ ଆଣି ଯାଞ୍ଚ କରିବା ପରେ ଶ୍ରମିକମାନଙ୍କୁ ନିଜ ଗାଁକୁ ପଠାଇଥିଲେ । ଦାଦନ ସର୍ଦ୍ଦାର ଓ ଦୁଇ ଡ୍ରାଇଭରଙ୍କ ବିରୋଧରେ ଲାଠୋର ଥାନାରେ ଏକ ମାମଲା (ନଂ. ୧୩୬/୨୦) ରୁଜୁ ହୋଇଛି ।

# ପାନୀୟ ଜଳ ସମସ୍ୟା ଭୋଗୁଛନ୍ତି ଗ୍ରାମବାସୀ

### ବର୍ଷେ ହେବ ଜଳ ଯୋଗାଣ ପ୍ରକଳ୍ପ ଅଚଳ

ଲାଠୋର, ୧୦।୧୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ପଞ୍ଚାୟତ ପିପଲବାହାଲ ଗ୍ରାମରେ ଥିବା ଜଳ ଯୋଗାଣ ପ୍ରକଳ୍ପ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଅଚଳ ହୋଇ ପଡିରହିଛି। ଦୁଇ ୱାର୍ଡ ବିଶିଷ୍ଟ ଏହି ଗ୍ରାମରେ ପାଖାପାଖି ଦୁଇ ହଜାର ଲୋକେ ବାସ କରୁଛନ୍ତି। ୫ ବର୍ଷ ପୂର୍ବେ ଗ୍ରାମର ଅଧିବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମ ମୁଣ୍ଡରେ ଏକ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏଥିରୁ ମେହେରପଡା, ମଝିପଡା, ଦଳିତ ପଡା, ରାମଜୀ ପଡା ଗୌଡପଡା ଏବଂ ଡଙ୍ଗରପଡାକୁ ଜଳ ଯୋଗାଣ କରାଯାଉଥିଲା। ଗତ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଜଳ ଯୋଗାଣ ପ୍ରକଳ୍ପରେ ଖୋଳା ଯାଇଥିବା ଗଭୀର ନଳକୂପ ଭିତରେ ମାଟି ଧସିପଡି ମୋଟର ପୋତି ହୋଇଥିବା ଯୋଗୁ ଜଳ ଯୋଗାଣ ଠପ ହୋଇପଡିଛି। ବାରମ୍ବାର ଏଠାରେ ମାଟିଧସି ମୋଟର ପୋତି ହେଉଛି । ହେଲେ ସମସ୍ୟାର ସମାଧାନ ହେଉନାହିଁ। ଗ୍ରାମର ଅନ୍ୟ ସ୍ଥାନରେ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଦାବି ହୋଇ ଆସୁଥିଲେ ମଧ କେହି ଶୁଣୁନାହାନ୍ତି। ଫଳରେ ଲୋକେ ସ୍ୱଚ୍ଛ ପାନୀୟ ଜଳ ନ ପାଇ ବିଭିନ୍ନ ନଳକୂପ ଏବଂ ଖୋଲା କୁଅଁରୁ ଦୂଷିତ ପାଣି ବ୍ୟବହାର କରୁଛନ୍ତି। ଗ୍ରାମବାସୀ ସମସ୍ୟା ନେଇ ଲାଠୋର ସରପଞ୍ଚଙ୍କୁ ସାକ୍ଷାତ କରିବାରୁ ପଞ୍ଚାୟତ ପକ୍ଷରୁ



ଅଚଳ ହୋଇପଡ଼ିଥିବା ପାନୀୟଜଳ ପ୍ରକଳ୍ପ।

ସରପଞ୍ଚ ପ୍ରବିଣ କୁମାର ଅଗ୍ରୱାଲ ପ୍ରାୟ ଏକ ବର୍ଷ ହେବ ପିପଲବାହାଲ ଗ୍ରାମରେ ଏକ ନୂତନ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ପଠାଇଥିଲେ ମଧ ତାହା ଫାଇଲ ତଳେ ଚାପି ହୋଇ ରହିଯାଇଛି। ଏ ନେଇ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଚନ୍ମୟ ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି ସମସ୍ୟାର ସମାଧାନ ପାଇଁ ଉପରସ୍ଥ ଅଧିକାରୀଙ୍କୁ ଆମେ ଜଣାଇ ଦେଇଛୁ। ତାଙ୍କ ନିର୍ଦ୍ଦେଶ ଅନୁଯାୟୀ କାମ ହେବ। ଯଥାଶୀଘ୍ର ସମସ୍ୟାର ସମାଧାନ କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ୱାର୍ଡମେମ୍ବର ବେଳମତି ମେହେର, ସୁରଭୀ ସେଠ ଏବଂ ଗ୍ରାମବାସୀ କାଶିରାମ ମେହେର, ପ୍ରେମ ବିଭାର, କୁବେର ପରାଭୁଏ, ଲୋଚନ ବାଗ, ଗୋବର୍ଦ୍ଧନ ମେହେର ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଆର୍‌ଡି ରାସ୍ତା ପୂର୍ତ୍ତ, ଗୃହନିର୍ମାଣ ବିଭାଗକୁ ହସ୍ତାନ୍ତର ଦାବି

ଦେଓଗାଁ, ୧୦।୧୧ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୨ଟି ବ୍ୟସ୍ତବହୁଳ ଆର୍‌ଡି ରାସ୍ତାକୁ ପୂର୍ତ୍ତ ଓ ଗୃହ ନିର୍ମାଣ (ପିଡବ୍ଲୁଡି) ବିଭାଗକୁ ହସ୍ତାନ୍ତର ପାଇଁ ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେର ଦାବି କରିଛନ୍ତି। ଉକ୍ତ ରାସ୍ତା ଦୁଇଟି ହେଲା ନୂଆଁପାଲି ଛକରୁ ଦେଓଗାଁ ଭାୟା ଶିରାବାହାଲ, ଉଡାର ପର୍ଯ୍ୟନ୍ତ ପ୍ରାୟ ୯ କିଲୋମିଟର ଓ ଘାଟୁଲଡୁଙ୍ଗୁରୀରୁ ରାମଚନ୍ଦ୍ରପୁର ଭାୟା ସିଂହାମୁଣ୍ଡା, ଖଲିଆପାଲି ପର୍ଯ୍ୟନ୍ତ ପ୍ରାୟ ୧୨ କିଲୋମିଟର। ଏ ନେଇ ସେ ସୋମବାର ଜିଲାପାଳ, ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ମୁଖ୍ୟଯନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ନୂଆଁପାଲି ଛକରୁ ଦେଓଗାଁ ବ୍ଲକ କାର୍ଯ୍ୟାଳୟ, ତହସିଲ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ କରୁଥିବା ଏହି ରାସ୍ତା ଦେଇ ଉପରଝର, ମହଲାଇ, ମକୁନ୍ଦପୁର ଆଦି ୩ଟି ପଞ୍ଚାୟତର ବାସିନ୍ଦା ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ ଓ ବ୍ଲକକୁ ପ୍ରତ୍ୟହ ଯା'ଆସ କରିଥାନ୍ତି। ଉପରଝର ମହିଳା ମହାବିଦ୍ୟାଳୟ, ଦେଓଗାଁ ଯୁକ୍ତଦୁଇ ଓ ଡିଗ୍ରୀ କଲେଜ, ଜରାସିଂହା କଲେଜ ତଥା ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ଯାତାୟାତ କରିଥାନ୍ତି। ଘାଟୁଲଡୁଙ୍ଗୁରୀରୁ ରାମଚନ୍ଦ୍ରପୁର ରାସ୍ତାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ମହିଳା ମହାବିଦ୍ୟାଳୟ ତଥା ପର୍ଯ୍ୟଟନସ୍ଥଳ ହରିଶଙ୍କରକୁ ଯିବା ପାଇଁ ଏହି ରାସ୍ତା ଉପରେ ଲୋକେ ନିର୍ଭର କରୁଥିବାରୁ ବ୍ଲକର ଏହି ଦୁଇ ରାସ୍ତା ଗୁରୁତ୍ୱପୂର୍ଣ୍ଣ ଅଟେ। ଏଣୁ ଏହି ରାସ୍ତାଦ୍ୱୟର ଉନ୍ନତୀକରଣ ପାଇଁ ପୂର୍ତ୍ତ ବିଭାଗ ନିଜ ଅଧୀନକୁ ନେଲେ ରାସ୍ତା ଠିକ ରୂପେ ନିର୍ମାଣ ହୋଇପାରିବ ବୋଲି ଅଧକ୍ଷା ମେହେର ଦାବି ଜଣାଇଛନ୍ତି।

## ଜାଗା ମିଶନ: ୨ଶହ ହିତାଧିକାରୀଙ୍କୁ ଯୋଗ୍ୟତା ପ୍ରମାଣପତ୍ର ବଣ୍ଟନ

ଜୁନାଗଡ, ୧୦।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରାଞ୍ଚଳରେ ବାସକରୁଥିବା ୨ଶହ ଜଣ ହିତାଧିକାରୀଙ୍କୁ ମଙ୍ଗଳବାର ରାଜ୍ୟ ସରକାରଙ୍କ ଜାଗା ମିଶନ ପକ୍ଷରୁ ଯୋଗ୍ୟତା ପ୍ରମାଣପତ୍ର ବଣ୍ଟନ କରାଯାଇଛି। ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଧର୍ମଗଡ ଉପଜିଲାପାଳ ଟିଏସ୍ ଦିବାକର, ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା, ସ୍ଥାନୀୟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ପୂର୍ବତନ ଏନ୍‌ଏସି ଅଧକ୍ଷ ମହେଶ କୁମାର ସାହୁ ପ୍ରମୁଖ ଯୋଗଦେଇ ପ୍ରମାଣପତ୍ର ବଣ୍ଟନ କରିଥିଲେ। ପ୍ରକାଶ ଯେ, ଜୁନାଗଡ ଏନ୍‌ଏସିର ୧୨ଟି ୱାର୍ଡରେ ୧୮ଟି ବସ୍ତିକୁ ଚିହ୍ନଟ କରାଯାଇ ସେଠାରେ ରହୁଥିବା ୧୩୭୫ ଜଣ ହିତାଧିକାରୀଙ୍କୁ ଯୋଗ୍ୟତା ପ୍ରମାଣପତ୍ର ଦେବା ପାଇଁ ବିବେଚିତ କରାଯାଇଥିଲା। ଏହି କ୍ରମରେ ସୋମବାର ପ୍ରଥମ ପର୍ଯ୍ୟାୟରେ ୨ଶହ ଜଣ ହିତାଧିକାରୀଙ୍କୁ ଯୋଗ୍ୟତା ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।




ଜଣେ ହିତାଧିକାରୀଙ୍କୁ ମନ୍ତ୍ରୀ ଯୋଗ୍ୟତା ପ୍ରମାଣପତ୍ର ଦେଉଛନ୍ତି।

# ଯୋଜନା ଅନୁଦାନ ତ୍ୱରିତ ବିନିଯୋଗ କର

### ଜିଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି ବୈଠକ



ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଦିଶା ବୈଠକରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ସମୀକ୍ଷା କରୁଛନ୍ତି ।

ବଲାଙ୍ଗୀର ଅଫିସ,୧୦।୧୧

ବଲାଙ୍ଗୀର ଜିଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ମଙ୍ଗଳବାର କମିଟି ଅଧକ୍ଷ ତଥା ଏମପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ସରକାରଙ୍କ ଦ୍ୱାରା ବଲାଙ୍ଗୀର ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା, ଅଗ୍ରଗତି ଓ ପାଣ୍ଠି ବିନିଯୋଗ ଉପରେ କମିଟି ଅଧକ୍ଷ ସିଂଦେଓ ବିଭାଗୱାରୀ ସମୀକ୍ଷା କରିଥିଲେ। ବିଭିନ୍ନ ଯୋଜନା ଜରିଆରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବା ସହ ଏହାର ବିନିଯୋଗ ପ୍ରମାଣପତ୍ର ଦାଖଲ କରିବାକୁ କହିଥିଲେ। ଏମଜିଏନ୍‌ଆରଇଜିଏସରେ ଚଳିତ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଓ ଶ୍ରମ ଦିବସ ସୃଷ୍ଟି ଉପରେ ସମୀକ୍ଷା କରିବା ସହ ଅନୁଦାନକୁ ତ୍ୱରିତ ବିନିଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଯୋଜନାରେ ସ୍ୱଚ୍ଛତା ବଜାୟ ରଖିବା ସହ ଜିଲାର ଶ୍ରମିକମାନେ ଯେପରି ଉପଯୁକ୍ତ କାର୍ଯ୍ୟ ଓ ପ୍ରାପ୍ୟ ପାଇପାରିବେ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଙ୍ଗଲ, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଥିବା ଏମ୍‌ଜିଏନ୍‌ଆରଇଜିଏସ କାର୍ଯ୍ୟର ସେ ସମୀକ୍ଷା କରିଥିଲେ। ଏମପି ଲାଡ ଜରିଆରେ ଆବାସ ଯୋଗାଣର ଲକ୍ଷ୍ୟ ଓ ସ୍ଥିତି, ସ୍ୱଚ୍ଛ ଭାରତ ମିଶନ ଜରିଆରେ ନିର୍ମିତ ପାଇଖାନା ଓ ଏହାର ବ୍ୟବହାର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଭିତ୍ତିଭୂମିର ବିକାଶ, ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ବିଦ୍ୟୁତ୍ ଓ ଜଳଯୋଗାଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ଭର୍ଚୁଆଲ ମୋଡରେ ଅନୁଷ୍ଠିତ ବୈଠକରେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ଜିଲା ପରିଷଦ ଅଧକ୍ଷା ଭାରତୀ ମହାନନ୍ଦ, ଜିଲାପାଳ ଚଞ୍ଚଳ ରାଣା, ଡିଆରଡିଏ ପିଡି ଡ ମହେଶ୍ୱର ସ୍ୱାଇଁ, ବିଭିନ୍ନ ବ୍ଲକ୍‌ର ପଞ୍ଚାୟତ ସମିତି ଅଧକ୍ଷ ଓ ଅନ୍ୟ ମନୋନୀତ ଜନପ୍ରତିନିଧି ଯୋଗଦାନ କରିଥିଲେ । ବୈଠକରେ ବ୍ଲକ ଅଧକ୍ଷା, ଅଧକ୍ଷମାନେ ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା, ନିରାକରଣ, ନୂଆପ୍ରକଳ୍ପ ଉପରେ ଏମପି ସିଂଦେଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

# ଶିଳାଖଣ୍ଡ ଦେଖିବାକୁ ସୁକ୍‌ତେଲ ନଦୀପଠା ଲୋକାରଣ୍ୟ

- ପୂଜାର୍ଚ୍ଚନା କଲେ ଲୋକେ
- ଶିଳାଖଣ୍ଡ ଉଠାଇନେବା ଉଦ୍ୟମକୁ ବିରୋଧ
- ଘଟଣାସ୍ଥଳ ପରିଦର୍ଶନ କଲେ ଆରଆଇ

ଲୋଇସିଂହା,୧୦।୧୧(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଗୋପାଳପୁର-ଛେଳବାହାଲ ଗାଁ ନିକଟ ସୁକ୍‌ତେଲ ନଦୀ ଶଯ୍ୟାରେ କେତୋଟି ବିରଳ ଶିଳାଖଣ୍ଡ ଦୃଶ୍ୟମାନ ହୋଇଛି। ଏହି ଖବର ମଙ୍ଗଳବାର ଧରିତ୍ରୀରେ ପ୍ରକାଶ ପରେ ଲୋକଙ୍କ ମଧରେ ଉତ୍ସୁକତା ପ୍ରକାଶ ପାଇଥିଲା। ମଙ୍ଗଳବାର ସକାଳୁ ବହୁ ସଂଖ୍ୟାରେ ଲୋକେ ଏହି ବିରଳ ପଥର ଦେଖିବାକୁ ନଦୀପଠାରେ ଭିଡ଼ ଜମାଇଥିଲେ। ଦିନତମାମ ସୁକ୍‌ତେଲ ନଦୀପଠା ଲୋକାରଣ୍ୟ ହୋଇପଡିଥିଲା। ଶିଳାଖଣ୍ଡ ଦୃଶ୍ୟମାନ ହୋଇଥିବା ସ୍ଥାନରେ ଲୋକେ



ନଦୀପଠାରେ ଶିଳାଖଣ୍ଡକୁ ଲୋକେ ପୂଜାର୍ଚ୍ଚନା କରୁଛନ୍ତି।

ବାଲି ଖୋଳିବାରେ ବହୁସଂଖ୍ୟାରେ ଶିଳାଖଣ୍ଡ ଉଦ୍ଧାର ହୋଇଛି । ମୁଗୁନି ଓ ମାଙ୍କଡା ପଥରରେ ସୂକ୍ଷ୍ମ କାରୁକାର୍ଯ୍ୟ ଖୋଦିତ ଶିଳାଖଣ୍ଡ ଦେଖି ଲୋକେ ପୂଜାର୍ଚ୍ଚନା ଆରମ୍ଭ କରିଦେଇଥିଲେ । ପୂର୍ବାହ୍ନରେ ଅଗଲାପାଲି ଗାଁର ଜଣେ ବ୍ୟକ୍ତି ଟ୍ରାକ୍ଟର ଲଗାଇ ସେହି ବିରଳ ପଥର ନେବାକୁ ଉଦ୍ୟମ କରିଥିଲେ। ହେଲେ ଛେଳବାହାଲ ଗ୍ରାମବାସୀ ତାଙ୍କୁ ଏପରି କରିବାକୁ ଦେଇ ନ ଥିଲେ। ମଧ୍ୟାହ୍ନରେ ଲୋଇସିଂହା ଆରଆଇ ସଞ୍ଜୀବ ନନ୍ଦ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଉଦ୍ଧାର ପଥରରେ କାରୁକାର୍ଯ୍ୟ ରହିଛି । ସେହି ସ୍ଥାନରେ ଅଧିକ ଖୋଳିଲେ ରହସ୍ୟ ଜଣାପଡିବା ଏ ନେଇ ତହସିଲଦାରଙ୍କୁ ଅବଗତ କରିଥିବା ସେ ପ୍ରକାଶ କରିଥିଲେ। ଖ୍ରୀଷ୍ଟାବ୍ଦ ଅଷ୍ଟମରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ପାଟଣା ରାଜବଂଶ ଦ୍ୱାରା ଅନେକ ଶୈବ ଓ ଶକ୍ତିପୀଠ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଥିଲା। ନଦୀଗର୍ଭରେ କୌଣସି କାରଣରୁ ଶୈବ କିମ୍ବା ଶକ୍ତିପୀଠ ପୋତି ହୋଇଥିବା ଅନୁମାନ କରାଯାଉଛି। ବିରଳ ପଥରର ସୁରକ୍ଷା ସହ ଏହାର ରହସ୍ୟ ଉନ୍ମୋଚନ ଦିଗରେ ପ୍ରତ୍ନତତ୍ତ୍ୱ ବିଭାଗ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

**ଲଙ୍କେଶ୍ୱର ବାବା ମନ୍ଦିର ପରିଚାଳନା ପରିଷଦ ଏସ୍‌ପିଙ୍କ ଦ୍ୱାରସ୍ଥ**

**ସମ୍ବଲପୁର:** ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ଭାଲୁଡୁଙ୍ଗୁରି ଲଙ୍କେଶ୍ୱର ବାବା ମନ୍ଦିର ପରିଚାଳନା ପରିଷଦ କର୍ମକର୍ତ୍ତାମାନେ ମଙ୍ଗଳବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମନ୍ଦିର ନିର୍ମାଣ ସହ ରତ୍ନମୁଦ ଉତ୍ସବ ସମ୍ପନ୍ନ ହୋଇଛି । ହେଲେ ବରଗାଁ ପଞ୍ଚାୟତର କେତେଜଣ ଯୁବକ ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କୁ ବିନା କାରଣରେ ଗାଳି କରୁଛନ୍ତି । କମିଟି ସଦସ୍ୟ ଓ ତାଙ୍କ ପରିବାରବର୍ଗଙ୍କୁ ଧମକ ଚମକ ଦେଉଛନ୍ତି। ତେଣୁ ଏ ଦିଗରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପର୍ଶୁରାମ ଭରତସାଗର ଅଭିଯୋଗ କରିଛନ୍ତି ।

**ସଂକ୍ଷେପରେ**

## ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ

**ରେଢାଖୋଲ ୧୦।୧୧ (ଡି.ଏନ.ଏ)-** ସମ୍ବଲପୁର ଜିଲା ଚାରମାଳ ଥାନା ଅଧିନ କୁଆଖୋଲ ଗ୍ରାମରେ ସୋମବାର ରାତିରେ ବିନୋଦ ନାଏକ (୨୫) ନାମକ ଜଣେ ଯୁବକଙ୍କୁ ସେହି ଗ୍ରାମର କୁମର ଭୋଇ (୪୦) ପୂର୍ବ ଶତ୍ରୁତାକୁ ନେଇ ଟାଙ୍ଗିଆରେ ମରଣାତ୍ମକ ଆକ୍ରମଣ କରିଥିବା ଚାରମାଳ ଥାନାରେ ଅଭିଯୋଗ ହୋଇଛି। ଗୁରୁତର ଆହତ ବିନୋଦଙ୍କୁ ବୁର୍ଲା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ବିନୋଦଙ୍କ ବାପା ର୍କିନ ନାଏକଙ୍କ ଅଭିଯୋଗ କ୍ରମେ ପୋଲିସ ଚାରମାଳ ଥାନାରେ ଦଫା ୩୪୧, ୩୨୬, ୩୦୭ରେ ଏକ ମାମଲା (ନଂ.୧୬୪।୨୦୨୦) ରୁଜୁ କରିଛି। ଅଭିଯୁକ୍ତ କୁମର ଭୋଇଙ୍କୁ ପୋଲିସ ଗିରଫ କରିଛି। ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ କୁଆଖୋଲ ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିଛନ୍ତି।



## ଟ୍ରାଫିକ ସଂଯୋଜକଙ୍କୁ ପ୍ରଶଂସାପତ୍ର ପ୍ରଦାନ

**ସମ୍ବଲପୁର, ୧୦।୧୧ (ବ୍ୟୁରୋ)** କରୋନା ମହାମାରୀ ସମୟରେ ଜନସାଧାରଣଙ୍କୁ ସଚେତନ କରୁଥିବାରୁ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଂଯୋଜକ ପଦ୍ମଲୋଚନ ଭୋସାଗରଙ୍କୁ ଆଇଜି ପୋଲିସ (ଅପରେଶନ) ଅମିତାଭ ଠାକୁର ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ଟ୍ରାଫିକ ସଚେତନ କାର୍ଯ୍ୟକ୍ରମ ସହ କରୋନା ମହାମାରୀ ସଂକ୍ରମଣରୁ କିପରି ରକ୍ଷା ମିଳିବ, ସେ ଦିଗରେ ପଦ୍ମଲୋଚନ କାର୍ଯ୍ୟ କରିଛନ୍ତି । ଏଥିସହ ବରଗଡ ଜିଲା କୋଭିଡ କଣ୍ଟ୍ରୋଲ ରୁମ୍‌ରେ ମଧ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ।

## ଖସୁଆପାଲି ସ୍କୁଲ ବନ୍ଦ ନିର୍ଦ୍ଦେଶ ବାତିଲ ଦାବି

**ସମ୍ବଲପୁର, ୧୦।୧୧ (ବ୍ୟୁରୋ):** ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଖସୁଆପାଲି ଗ୍ରାମ ସ୍କୁଲ ବନ୍ଦ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ତେଣୁ ଏହାକୁ ବାତିଲ କରାଯାଉ ବୋଲି ସାଲେସିଂ ଓ ଖସୁଆପାଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ସ୍କୁଲ ବନ୍ଦ ହେବାପରେ ପ୍ରାୟ ୩ରୁ ୪ କିମି ଦୂରରେ ଥିବା ଅନ୍ୟ ସ୍କୁଲକୁ ପଢ଼ିବାକୁ ଯିବାକୁ ପଡିବ। ଏଥିରେ ଛୋଟ ପିଲାମାନେ ହଇରାଣ ହେବେ। ତେଣୁ ସ୍କୁଲ ବନ୍ଦ ନିର୍ଦ୍ଦେଶକୁ ବାତିଲ କରାଯାଉ ବୋଲି ରାହାସ ମିର୍ଦ୍ଧା, ଗୋକୁଳ ଭୋଇ, ସୁବଳ ଭୋଇ, ମନୋରମା ଭୋଇ ପ୍ରମୁଖ ଦାବି କରିଛନ୍ତି।

# ଫ୍ଲାଏ ଆଶ୍ ନ ଦେଲେ ଧାରଣା

**ସମ୍ବଲପୁର,୧୦।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ଫ୍ଲାଏ ଆଶ୍ ବ୍ରିକ୍ସ ଆସୋସିଏଶନର ଏକ ବୈଠକ ସୋସିଆଲ ଷ୍ଟାର କ୍ଲବ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ପରେ କର୍ମକର୍ତ୍ତାମାନେ ହୀରାକୁଦ ଏସ୍‌ଡିପିଓ ଶିଶୁ ରଞ୍ଜନ ମହାପାତ୍ରଙ୍କୁ ଭେଟି ଆଲୋଚନା କରିଥିଲେ। ଏକ ସପ୍ତାହ ଭିତରେ ହିଣ୍ଡାଲ୍‌କୋ କମ୍ପାନୀ ଯଦି ଫ୍ଲାଏ ଆଶ୍ ଯୋଗାଇବା ଆରମ୍ଭ ନ କରେ ତେବେ ମାଲିକମାନେ ଏଠାରେ କାମ କରୁଥିବା ଶ୍ରମିକ, ଗାଡି ଚାଳକମାନଙ୍କୁ ନେଇ କମ୍ପାନୀ ଗେଟ୍ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

ସୂଚନାଯୋଗ୍ୟ, ସମ୍ବଲପୁର ଜିଲାରେ ମୋଟ ୮୦ଟି ଫ୍ଲାଏ ଆଶ୍ ବ୍ରିକ୍ସ ତିଆରି କାରଖାନା ରହିଛି । ନିକଟସ୍ଥ କମ୍ପାନୀରୁ ନିର୍ଗତ ହେଉଥିବା ଫ୍ଲାଏ ଆଶ୍ ଉକ୍ତ କାରଖାନାଗୁଡିକୁ ଯୋଗାଇ ଦେବାକୁ ନିୟମ ରହିଛି । ଏବେ ହିଣ୍ଡାଲ୍‌କୋ କମ୍ପାନୀ ଫ୍ଲାଏ ଆଶ୍ ଦେବାକୁ ମନା କରିଦେଉଛି । ରାସ୍ତା ନିର୍ମାଣ ଓ ସିମେଣ୍ଟ କମ୍ପାନୀକୁ ତାହା ପଠାଯାଉଛି। ଅନ୍ୟପଟେ ଆମ ଛୋଟ କାରଖାନା ପାଇଁ ଦିଆଯାଉନାହିଁ। କମ୍ପାନୀ କର୍ତ୍ତୃପକ୍ଷ ଷ୍ଟକ୍ ରହୁ ନ ଥିବା ସୂଚନା ଦେଉଛନ୍ତି । ତେଣୁ ପ୍ରାୟ କାରଖାନାଗୁଡିକ ବନ୍ଦ ହେବାକୁ ବସିଲାଣି । ଏଥିରେ ନିର୍ଭର କରୁଥିବା ପ୍ରାୟ ୩ ହଜାର ଶ୍ରମିକ ଓ ଜନସାଧାରଣ ପ୍ରଭାବିତ ହୋଇଛନ୍ତି । ଏ ଦିଗରେ ପଦକ୍ଷେପ ନିଆଯାଉ ବୋଲି ସଂଘ ଦାବି କରିଛି । ନ ହେଲେ ଋଣ ପରିଶୋଧ କରିବା ଓ ଶ୍ରମିକମାନଙ୍କୁ ରୋଜଗାର ଦେବା କଷ୍ଟକର ହୋଇପଡିବ । ପଞ୍ଚାନନ ତ୍ରିପାଠୀ, ଅନିଲ ଶର୍ମା, ଅତିଫ ଆଲମ, ଚନ୍ଦ୍ର ସାହା , ଲଳିତ ଅଗ୍ରୱାଲ, ସୁରେନ୍ଦ୍ର କୁମାର ଚୌଧୁରୀ ଉପସ୍ଥିତ ଥିଲେ ।



ସମ୍ବଲପୁର ହୀରାକୁଦ ଏସ୍‌ଡିପିଓଙ୍କ ସହ ଆଲୋଚନା କରାଯାଉଛି।

■ ଏସ୍‌ଡିପିଓଙ୍କ ସହ ଆଲୋଚନା
■ ୮୦ କାରଖାନା ଓ ୩ ହଜାର ଲୋକ ପ୍ରଭାବିତ

## ଇସ୍ପାତ କର୍ମଚାରୀଙ୍କ ମଜୁରି ଚୁକ୍ତିନାମା ନେଇ ଭର୍ଚୁଆଲ ବୈଠକ

**ରାଉରକେଲା ଅଫିସ,୧୦।୧୧**

ଇସ୍ପାତ କର୍ମଚାରୀଙ୍କ ମଜୁରି ବୃଦ୍ଧି ନେଇ ଦୀର୍ଘଦିନ ହେବ ଅନିଶ୍ଚୟତା ଲାଗି ରହିଛି। ଗତ ସୋମବାର ୫ଟି ଜାତୀୟ ଶ୍ରମିକ ସଙ୍ଗଠନ ସମେତ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନ ସହ ଇସ୍ପାତ କର୍ତ୍ତୃପକ୍ଷ ଏକ ଭର୍ଚୁଆଲ ବୈଠକ ହୋଇଥିଲା। ଏଥିରେ ନୂତନ ମଜୁରି ଚୁକ୍ତିନାମା ନେଇ ଆଲୋଚନା କରାଯାଇଥିଲା। ଏହି ମର୍ମରେ ଇସ୍ପାତ କର୍ତ୍ତୃପକ୍ଷ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଉପସ୍ଥିତ ନେତୃମଣ୍ଡଳୀ ଦୃଢ ଦାବି କରିଥିଲେ। ଏଥିରେ ଉପସ୍ଥିତ ସେଲ ଅଧିକାରୀ ବିଭିନ୍ନ ଆଳ ଦେଖାଇ ଉପସ୍ଥାପିତ ଦାବିକୁ ଅଣଦେଖା କରିଥିଲେ। ଗତ ୧।୧।୨୦୧୭ଠାରୁ ମଜୁରି ଚୁକ୍ତିନାମା ବାବଦକୁ ବକେୟା ପ୍ରଦାନ ସମ୍ଭବ ନୁହେଁ ବୋଲି କୁହାଯିବାରୁ ଉପସ୍ଥିତ ଶ୍ରମିକ ନେତା ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନୁରୂପ ଭାବେ ଗ୍ରାଚ୍ୟୁଇଟି ପ୍ରଦାନ ଯେତ୍ରରେ କଟକଣା ଲାଗୁ କରିବା, ୫ବର୍ଷ ପରିବର୍ତ୍ତେ ୧୦ ବର୍ଷିଆ ମଜୁରି ଚୁକ୍ତିନାମା କରାଇବାକୁ ସେଲ କର୍ତ୍ତୃପକ୍ଷ ପ୍ରସ୍ତାବ ରଖିଥିଲେ। ଏଭଳି ପ୍ରସ୍ତାବକୁ ଉପସ୍ଥିତ ଶ୍ରମିକ ନେତା ମିଳିତ ବିରୋଧ କରିଥିଲେ। କର୍ତ୍ତୃପକ୍ଷଙ୍କ ସୂଚନାନୁସାରେ ଚଳିତବର୍ଷ ଶେଷ ସୁଦ୍ଧା ମଜୁରି ଚୁକ୍ତିନାମା ଚୂଡାନ୍ତ କରାଯାଇ ପାରେ ବୋଲି ଆଶା ବ୍ୟକ୍ତ କରାଯାଇଛି। ତେବେ ଏ ଦିଗରେ ସକାରାତ୍ମକ ପଦକ୍ଷେପ ନେଇ ତୁରନ୍ତ ଏନଜେସିଏସ ବୈଠକ ଡାକିବାକୁ ସମ୍ମିଳିତ ଦାବି କରାଯାଇଥିଲା। ମହାମାରୀ କରୋନା ସଂକ୍ରମଣ ସତ୍ତ୍ୱେ ଉତ୍ପାଦନ ଓ ଉତ୍କର୍ଷତାକୁ ସେଲ କର୍ତ୍ତୃପକ୍ଷ ବିଚାରକୁ ନେବା ଉଚିତ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ଏନଜେସିଏସଭୁକ୍ତ ସମସ୍ତ ଟ୍ରେଡ ୟୁନିୟନ ନେତୃମଣ୍ଡଳୀଙ୍କ ସମେତ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନ ନେତୃମଣ୍ଡଳୀ ଯୋଗଦେଇଥିବା ଜଣାଯାଇଛି। ସେ କର୍ତ୍ତୃପକ୍ଷଙ୍କ ଏଭଳି ମନୋଭାବକୁ ରାଉରକେଲାର ବିଭିନ୍ନ ଶ୍ରମିକସଙ୍ଗଠନପକ୍ଷରୁନାପସନ୍ଦକରାଯିବା ସହ ସମାଲୋଚନା କରାଯାଇଛି ।

# ସୁନ୍ଦରଗଡ଼ ଜିଲାରେ ୨୩ରୁ ଧାନ ସଂଗ୍ରହ

**ସୁନ୍ଦରଗଡ଼, ୧୦।୧୧ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲାରେ ୨୩ରୁ ଖରିଫ ଧାନକିଣା ଆରମ୍ଭ ହେବ। ଏହି ଧାନ କ୍ରୟ ସକାଶେ ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟି ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୁନ୍ଦରଗଡ଼ ଉପଖଣ୍ଡ ଅଧୀନରେ ଥିବା ଧାନକିଣା କମିଟି, ଲ୍ୟାମ୍ପସ୍, ସମବାୟ ସମିତିର କର୍ମଚାରୀ ତଥା ସମବାୟ ଓ ଯୋଗାଣ ବିଭାଗର ଅଧିକାରୀ, ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ଧାନକ୍ରୟ ସକାଶେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ମଙ୍ଗଳବାର ବାଲିଶଙ୍କରା ଓ ସବଡେଗା ବ୍ଲକରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଜିଲା ସମବାୟ ସମିତି ସମୂହର ଉପନିବନ୍ଧକ ଜେରମ କେରକେଟା, ସହକାରୀ ନିବନ୍ଧକ ଗ୍ରାବିଏଲ ସୋରେନ୍, ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ବନମାଳୀ ନାଏକ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ବାଗ୍, ଯୋଗାଣ ନିରୀକ୍ଷକ ସମର କୁମାର ଦତ୍ତଙ୍କ ସମେତ ମାଷ୍ଟର ଟ୍ରେନରମାନେ ଯୋଗଦେଇ ଧାନକିଣା ସମ୍ବନ୍ଧୀୟ ସମସ୍ତ ନିୟମ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଧାନକିଣା ସମୟରେ ଧାନର ଗୁଣାତ୍ମକମାନ ନିର୍ଦ୍ଧାରଣ ସମ୍ବନ୍ଧରେ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଗତ ୭ତାରିଖରୁ ସଦର ବ୍ଲକ ଠାରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପର୍ଯ୍ୟାୟ କ୍ରମେ ଅନ୍ୟାନ୍ୟ ବ୍ଲକ ଗୁଡିକରେ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତବର୍ଷ ଜିଲାରେ ବର୍ତ୍ତମାନ ସୁଦ୍ଧା ୪୭ହଜାର ଚାଷୀ ସେମାନଙ୍କ ଧାନ ବିକ୍ରୟ ସକାଶେ ନାମ ପଞ୍ଜିକରଣ କରିଛନ୍ତି ।

## ଶୀତଦିନେ କରୋନା ସଂକ୍ରମଣ ନ ହେବା ପାଇଁ ସଚେତନତା

**ଦେବଗଡ଼,୧୦।୧୧(ଡ଼ି.ଏନ୍.ଏ.)**

ଶୀତଦିନ ଏବଂ ପାର୍ବଣ ସମୟରେ କରୋନା ସଂକ୍ରମଣ ବୃଦ୍ଧିର ଆଶଙ୍କାକୁ ଦୃଷ୍ଟିରେ ରଖି ଲୋକଙ୍କୁ ଅଧିକ ସଚେତନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଲିଫ୍‌ଲେଟ୍ ମାଧ୍ୟମରେ ଲୋକଙ୍କୁ ଦୀପାବଳି ଓ କାର୍ତ୍ତିକ ପୂର୍ଣିମା ସମୟରେ ବାଣ ଫୁଟାଇବା କିଭଳି କ୍ଷତିକାରକ ସେ ସମ୍ପର୍କରେ ସଚେତନ କରାଯିବା ସଙ୍ଗେ ସଙ୍ଗେ ଲୋକଙ୍କୁ ବାଣ ନ ଫୁଟାଇବା ପାଇଁ କୁହାଯାଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ନଭେମ୍ବର ୧୦ରୁ ୩୦ ତାରିଖ ପର୍ଯ୍ୟନ୍ତ ବାଣ ବିକ୍ରି ଏବଂ ଫୁଟାଇବା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏହାର ଅବମାନନା କଲେ ବିପର୍ଯ୍ୟୟ ପରିଚାଳନା ନିୟମାନୁଯାୟୀ ଦଣ୍ଡବିଧାନ କରାଯିବ। ଏହା ସହିତ ଲୋକଙ୍କୁ ସର୍ବଦା ମାସ୍କ ବ୍ୟବହାର, ହାତକୁ ସାବୁନ ବା ସାନିଟାଇଜରରେ ସଫା ରଖିବା, ସାମାଜିକ ଦୂରତା ରକ୍ଷା କରିବା, ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବା ଏବଂ ନିୟମିତ ଭାବେ ପରିବାରର ସଦସ୍ୟମାନଙ୍କର କରୋନା ପରୀକ୍ଷଣ ନିମନ୍ତେ ପରାମର୍ଶ ଦିଆଯାଇଛି। କୋଭିଡ ନିୟମ ଅବମାନନାରେ ଜରିମାନା ଆଦାୟ ସହିତ ଦୋକାନ ସିଲ୍ କରାଯିବା ଉପରେ ମଧ ସେମାନଙ୍କୁ ସତର୍କତା କରାଯାଇଛି।

# ଡିସେମ୍ବର ୪ରୁ ଖୋଲିବ ମଣ୍ଡି

**ଦେବଗଡ଼, ୧୦।୧୧ (ଡି.ଏନ.ଏ.)**

ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ମଙ୍ଗଳବାର ହୋଇଯାଇଛି। ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବିନାରାୟଣ ସି, ଏମ୍‌ପି ପ୍ରତିନିଧି ଗୁଣାକର ବେହେରା ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ୨୦୨୦-୨୧ ଖରିଫ ବର୍ଷ ପାଇଁ ଧାନକ୍ରୟ ସମ୍ବନ୍ଧୀୟ ନୀତି ନିର୍ଦ୍ଧାରଣ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଡିସେମ୍ବର ୪ ତାରିଖଠାରୁ ଜିଲାରେ ଧାନ କ୍ରୟ ନିମନ୍ତେ ମଣ୍ଡି ଖୋଲାଯିବାକୁ ସ୍ଥିର କରାଯାଇଛି। ମଣ୍ଡିଗୁଡ଼ିକରେ ଚାଷୀମାନେ ଯେଭଳି ସୁବିଧାରେ ଧାନ ବିକ୍ରୟ କରିପାରିବେ, ସେଥିପାଇଁ ଆବଶ୍ୟକ ସମସ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ କହିବା ସହିତ ମଣ୍ଡିରେ ଦଲାଲଙ୍କ ପ୍ରଭାବ ରୋକିବା ଉପରେ ବିଧାୟକ ପାଣିଗ୍ରାହୀ ଗୁରୁତ୍ୱାରୋପ କରିଥିଲେ। ଏହା ବ୍ୟତିତ ସେ ରିଆମାଳ ଏବଂ ବାରକୋଟ ବ୍ଲକରେ ଧାନ ରଖିବା ନିମନ୍ତେ ଗୋଡାଉନ ସ୍ଥାପନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ। ଜିଲାପାଳ ସାମଲ ଚାଷୀମାନଙ୍କଠାରୁ ସୁଚାରୁ ଭାବେ ଧାନ ସଂଗ୍ରହ ନିମନ୍ତେ ମଣ୍ଡିରେ ସମସ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ଏଆରସିଏସ ଏବଂ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମଣ୍ଡିରେ ଦଲାଲଙ୍କ ପ୍ରଭାବ ରୋକିବା ନିମନ୍ତେ ପ୍ରଶାସନ ପକ୍ଷରୁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯିବ ଏବଂ ଦଲାଲଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଏ ଦିଗରେ କୃଷକ ସଙ୍ଗଠନ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ମଣ୍ଡିରେ ଧାନ କ୍ରୟ ସମ୍ବନ୍ଧୀୟ ସମସ୍ତ ସୂଚନା ଏବଂ ଚାଷୀମାନେ ଯେଭଳି ସୁରଖୁରରେ ଧାନ ବିକ୍ରୟ କରିପାରିବେ, ସେଥିପାଇଁ ପ୍ରଚାର ପ୍ରସାର ବ୍ୟବସ୍ଥା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ କରାଯିବ। ମଣ୍ଡିରେ ଧାନ କ୍ରୟ, ବିକ୍ରୟ ସମୟରେ କୋଭିଡ-୧୯ ସମ୍ବନ୍ଧୀୟ ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏଆରସିଏସ ସୂଚନା ଦେଇଥିଲେ। ବୈଠକରେ ଚାଷୀ ପ୍ରତିନିଧି ଅରୁଣ କୁମାର ସାହୁ, ତରଣୀସେନ ପ୍ରଧାନ, ଦାଶରଥି କିଷାନ, ପ୍ରମୋଦ ଝାଙ୍କର ଧାନ ବିକ୍ରୟ ସମୟରେ ଚାଷୀମାନେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ଚୌଧୁରୀ ସ୍ୱାଗତ ଜଣାଇବା ସହ ଆଲୋଚ୍ୟ ବିଷୟ ବସ୍ତୁ ଉପସ୍ଥାପନ କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ କୃଷି ଅଧିକାରୀ ଏ.ଆର.ସି.ଏସ., ଲିଡ୍‌ବ୍ୟାଙ୍କ ମ୍ୟାନେଜର, କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀ, ଏଫ୍.ସି.ଆଇ.ର ଆଞ୍ଚଳିକ ପରିଚାଳକ, ଜିଲା ସମାଜ ମଙ୍ଗଳ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହକାରୀ ଯୋଗାଣ ଅଧିକାରୀ, ଯୋଗାଣ ନିରୀକ୍ଷକ ଏବଂ ମିଲରମାନେ ଯୋଗଦେଇଥିଲେ।




ଡିଆରଡିଏ ସମ୍ମିଳନୀ କକ୍ଷରେ ଧାନ ସଂଗ୍ରହ କମିଟି ବୈଠକରେ ଆଲୋଚନା କରାଯାଉଛି।

**ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ**

## ସ୍ୱାଧୀନତା ସଂଗ୍ରାମୀ ଭାଗୀରଥିଙ୍କ ଜୟନ୍ତୀ



ସମ୍ବଲପୁର ବାଲିବନ୍ଧା ସଂଗ୍ରାମୀ ସ୍ମୃତି ପୀଠସ୍ଥିତ ଭାଗୀରଥି ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

**ସମ୍ବଲପୁର, ୧୦।୧୧ (ବ୍ୟୁରୋ)**

ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ପଟ୍ଟନାୟକଙ୍କ ୧୪୬ ତମ ଜୟନ୍ତୀ ସମ୍ବଲପୁର ବାଲିବନ୍ଧାସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି। ଓଡ଼ିଶା ସାଂସ୍କୃତିକ ସମାଜ କର୍ମକର୍ତ୍ତାମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । କୋଭିଡ କଟକଣା ଯୋଗୁ ଚଳିତବର୍ଷ ନିରାଡମ୍ବର ଭାବେ କାର୍ଯ୍ୟକ୍ରମ ହୋଇଛି। ସଭାପତି ପ୍ରଫୁଲ୍ଲ ହୋତା, ସମ୍ପାଦକ ସରୋଜ ଦାଶ, ପ୍ରଫେସର ଶଙ୍କର ପ୍ରସାଦ ପତି, ବିଶ୍ୱମ୍ବର ବହିଦାର, ବୋଧରାମ ଦାଶ, ଅଶୋକ ମିଶ୍ର, କୈଳାଶ ମିସ୍ତ୍ରୀ, ପ୍ରଶାନ୍ତ ପାଢ଼ଯୋଶୀ, ଲୋକନାଥ ପାଣ୍ଡେ, ସତ୍ୟନାରାୟଣ ଠାକୁର ସାମିଲ ଥିଲେ ।

## ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶୋକସଭା

**ସମ୍ବଲପୁର, ୧୦।୧୧ (ବ୍ୟୁରୋ)**

ସମ୍ବଲପୁର ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ମଙ୍ଗଳବାର ପୂର୍ବତନ ବରିଷ୍ଠ ଶିକ୍ଷୟିତ୍ରୀ କଳ୍ପନା ପରିଛାଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଶିକ୍ଷକ, ପ୍ରଶିକ୍ଷକ ଜୟପ୍ରକାଶ ଦାଶଙ୍କ ସଭାପତିତ୍ୱରେ ନିରବ ପ୍ରାର୍ଥନା ଓ ସ୍ମୃତିଚାରଣ କାର୍ଯ୍ୟକ୍ରମ ହୋଇଥିଲା । ଖଗୁଆ, ମଧୁସ୍ମିତା ଦାଶ, ମଧୁରିମା ଦାଶ, ନବୀନ ଭୋଇ, ପ୍ରଦୀପ ତ୍ରିପାଠୀ, ଶିବନାରାୟଣ ପାଣିଗ୍ରାହୀ, ଶ୍ୟାମସୁନ୍ଦର ବରାଲ, ସସ୍ମିତା ତ୍ରିପାଠୀ ପ୍ରମୁଖ କଳ୍ପନାଙ୍କ ସ୍ମୃତିଚାରଣ କରିଥିଲେ।

## ୧୧ବର୍ଷ ପରେ ଫେରିଲେ ଅପହୃତା ଯୁବତୀ

**ରେଢାଖୋଲ, ୧୦।୧୧ (ଡି.ଏନ.ଏ.)**

ଦୀର୍ଘ ୧୧ବର୍ଷ ପରେ ରେଢାଖୋଲରୁ ଅପହୃତା ହୋଇଥିବା ଜଣେ ନାବାଳିକା (ଏବେ ଯୁବତୀ) ଘରକୁ ଫେରିଛନ୍ତି। ତାଙ୍କୁ ଅପହରଣ କରି ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିବା ବେଳେ ସେହିବ୍ୟକ୍ତି ତାଙ୍କୁ ତାମିଲନାଡୁକୁ ନେଇ ଏକ ସୂତାମିଲରେ କାମ କରେଇବା ସହ ନିଜ ପାଖରେ ରଖି ଘରୋଇ କାର୍ଯ୍ୟ କରାଉଥିଲେ। ଏଥିସହିତ ଅକଥନୀୟ ନିର୍ଯାତନା ଦେଉଥିବା ନେଇ ଯୁବତୀ ରେଢାଖୋଲ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ରେଢାଖୋଲ ଥାନାରେ ଏକ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ଏସ.ଆଇ ବୈଭବମାଳା ସ୍ୱାଇଁ କହିଛନ୍ତି। ମଙ୍ଗଳବାର ରେଢାଖୋଲ ଏସଡିଜେଏମ୍‌ଙ୍କ ଅଦାଲତରେ ଅପହୃତା ଯୁବତୀଙ୍କ ବୟାନ ରେକର୍ଡ କରାଯାଇଛି। ଅଭିଯୋଗ ଅନୁଯାୟୀ ରେଢାଖୋଲ ଥାନା ଲୁହାପଙ୍କ ପଞ୍ଚାୟତର ଖରସାଲି ଗ୍ରାମର ଏହି ଯୁବତୀଙ୍କୁ ତାଙ୍କ ଗ୍ରାମର ରଞ୍ଜନ ମୁଣ୍ଡାଙ୍କ ସ୍ତ୍ରୀ ବିନୋଦିନି ଗତ ୨୦୧୦ ମେ ମାସରେ ରେଢାଖୋଲ ଶନିବାର ହାଟକୁ ବୁଲି ଯିବାକୁ ଘରୁ ଡାକିଆଣିଥିଲେ। ବସଷ୍ଟାଣ୍ଡରେ ସମ୍ପୃକ୍ତା ନାବାଳିକା (ସେତେବେଳେ ତାଙ୍କ ବୟସ ୧୧ବର୍ଷ)ଙ୍କୁ ଥଣ୍ଡା ପାନୀୟଜଳ ପିଇବାକୁ ଦେଇଥିଲେ। ଥଣ୍ଡା ପାନୀୟ ପିଇବା ପରେ ଅଚେତ ହୋଇଯାଇଥିଲେ। ଚେତା ଫେରିବା ବେଳକୁ ସେ ଏକ ଟ୍ରେନରେ ଥିବା ଅଭିଯୋଗ କରିଛନ୍ତି। ଟ୍ରେନରେ ତାଙ୍କ ପାଖରେ ବସିଥିବା ଲୋକଙ୍କୁ ପଚାରିବାରେ ତାଙ୍କୁ ବିନୋଦିନି ବିକ୍ରି କରିଛି ଓ ସେ ତାଙ୍କ ପାଖରେ ରହିବେ ବୋଲି କହିଥିଲେ। ତାମିଲନାଡୁର ପାଲାଡାମକୁ ନେଇ ସେଠାରେ ଏକ ସୂତା ମିଲରେ କାମ କରାଇଥିଲେ। ଭାଷା ସମସ୍ୟା ଯୋଗୁ କାହାକୁ ଘଟଣା ନେଇ ଅଭିଯୋଗ କରିପାରି ନ ଥିଲେ ବୋଲି ଯୁବତୀ ଅଭିଯୋଗ କରିଛନ୍ତି।

# ସ୍କୁଲ ବନ୍ଦ ନିଷ୍ପତ୍ତିର ପ୍ରତିବାଦ କଲେ ଗ୍ରାମବାସୀ

**ନାକଟିଦେଉଳ, ୧୦।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସାଲେଭଟା ପଞ୍ଚାୟତ ଅନ୍ତର୍ଗତ କେଉଟବେର୍ଣ୍ଣୀ ପ୍ରାଥମିକ ବିଦ୍ୟାଳୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବନ୍ଦ ହେବ। ଏହାର ପ୍ରତିବାଦରେ ମଙ୍ଗଳବାର ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇ ଦେଇଛନ୍ତି। ଏହି ମର୍ମରେ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ଦେଇ କୋମଳମତି ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ କେଉଟବେର୍ଣ୍ଣୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ୩୭ଜଣ ପିଲା ପଢୁଛନ୍ତି। କିନ୍ତୁ ସରକାରଙ୍କ ନୂତନ ନିୟମ ଅନୁସାରେ ଏହି ସ୍କୁଲରେ କମ୍ ଛାତ୍ରୀଛାତ୍ର ଥିବା ଦର୍ଶାଇ କର୍ତ୍ତୃପକ୍ଷ ଏହି ବିଦ୍ୟାଳୟକୁ ଉଠାଇ ନିକଟସ୍ଥ ବୁଢାକଟା ଥୁଣ୍ଟିବର ସ୍କୁଲ ସହିତ ମିଶ୍ରଣ କରାଇଛନ୍ତି। ତେବେ ଗ୍ରାମରୁ ଉକ୍ତ ସ୍କୁଲକୁ ଯିବାକୁ ଅଧିକ ଦୂରତା ହେବା ସହ ଏକ ନାଳ ଅତିକ୍ରମ କରିବାକୁ ପଡ଼ିବ। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଅଭିଭାବକ ଏବଂ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିପିନ ଷଣ୍ଢ, ରତ୍ନୀ ସାହୁ, ଲକ୍ଷ୍ମଣ ମାଝି, ରଶ୍ମିତା ସାହୁ, ଶେଷଦେବ ସାହୁ, ରୀନା ସାହୁଙ୍କ ସମେତ ବହୁ ସଂଖ୍ୟକ ଅଭିଭାବକ ଏବଂ ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ।



ସ୍କୁଲ ଗେଟରେ ତାଲା ପକାଇ ପ୍ରତିବାଦ କରାଯାଉଛି।

**ପୁନର୍ବିଚାର ଦାବିରେ ଫାଟକରେ ତାଲା ପକାଇଲେ**

# ଏନ୍‌ଏଲ୍‌ସି, ଶିଳ୍ପ ସଂସ୍ଥାରେ ସ୍ଥାନୀୟ ନିଯୁକ୍ତି ଦିଅ

**ସମ୍ବଲପୁର,୧୦।୧୧(ବ୍ୟୁରୋ)**

ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ମଙ୍ଗଳବାର ପଶ୍ଚିମାଞ୍ଚଳ ଏକତାମଞ୍ଚ ପକ୍ଷରୁ ଧାରଣା ଦିଆଯାଇଥିଲା। ଏନ୍‌ଏଲ୍‌ସି କମ୍ପାନୀ ସମେତ ଜିଲାରେ ଥିବା ଅନ୍ୟ ଶିଳ୍ପ ସଂସ୍ଥା, କଳକାରଖାନାଗୁଡିକରେ ସ୍ଥାୟୀ ନିଯୁକ୍ତି ଦାବିରେ ମଞ୍ଚ ଧାରଣା ଦେଇଥିଲା। ସେମାନଙ୍କ ଅଭିଯୋଗ କ୍ରମେ ସ୍ଥାନୀୟ ଯୁବତୀଯୁବକମାନେ ବେକାର ହୋଇ ରହିଛନ୍ତି। ସେମାନଙ୍କୁ ନିଯୁକ୍ତି ନ ଦେଇ ରାଜ୍ୟ ବାହାର ଲୋକଙ୍କୁ ନିଯୁକ୍ତି ଦିଆଯାଉଛି। ବିସ୍ଥାପିତମାନଙ୍କୁ ନିଯୁକ୍ତି ଦେବାର ନିୟମ ରହିଥିଲେ ମଧ ତାହା କାର୍ଯ୍ୟକାରୀ କରାଯାଉନାହିଁ। ଆନ୍ଦୋଳନ ହେଲେ ଶିଳ୍ପସଂସ୍ଥା ପ୍ରତିଶ୍ରୁତି ଦେଉଛି। ହେଲେ ପରବର୍ତ୍ତୀ ସମୟରେ ତାକୁ ମାନୁନାହାନ୍ତି। କମ୍ପାନୀ ଅଧୀନରେ କାମ କରୁଥିବା ଠିକାଦାରମାନେ ମାତ୍ର ୨୮ ଜଣ ଯୁବକଙ୍କୁ ରୋଜଗାର ଦେଇଛନ୍ତି। ଯାହା କମ୍ପାନୀ ନିଯୁକ୍ତି ଦେଇଥିବା ନେଇ ବାହାବା ନେଉଛି। ହେଲେ ବାସ୍ତବରେ ସେମାନେ ଗାଡି, ଜେସିବି, ପୋକ୍‌ଲିନ ମେଶିନ ଚଳାଇବା ଭଳି କାମରେ ହେଲ୍‌ପର, ଶ୍ରମିକ ଭାବେ ନିୟୋଜିତ ହୋଇଛନ୍ତି। ସେମାନଙ୍କ ପାଖରେ ନିଯୁକ୍ତିପତ୍ର ନାହିଁ। ଏଭଳି ନିଯୁକ୍ତି ନାମରେ ଠକେଇ କରାଯାଉଛି ବୋଲି ମଞ୍ଚ ଅଭିଯୋଗ କରିଛି। ତେଣୁ ସ୍ଥାନୀୟ ନିଯୁକ୍ତି ଦିଆଯାଉ ବୋଲି ଜିଲା ଶାଖା ସଂଯୋଜକ ନିଶିକାନ୍ତ ବିଶ୍ୱାଳ, ଗୀତାରାଣୀ ପଣ୍ଡା, ପଙ୍କଜିନୀ ମେହେର, କାନ୍ତି ମେହେର, ସୁଷମା ସାହୁ, ଦେବାଶିଷ ବେହେରା, ତୃପ୍ତିମୟୀ ପଣ୍ଡ, ସୁରଜ ତ୍ରିପାଠୀ, ଭବାନୀ ଶଙ୍କର ପ୍ରଧାନ, ମାନସ ରଞ୍ଜନ ବକ୍ସି ପ୍ରମୁଖ ଦାବି କରିଛନ୍ତି ।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା।

**ପଶ୍ଚିମାଞ୍ଚଳ ଏକତାମଞ୍ଚର ଧାରଣା**